ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 251 | ଭାଗ ୩୩ | ସଂଖ୍ୟା ୨୫୧
Thursday 4 December 2025 | Page 8 Rs. 5.00
● ଭୁବନେଶ୍ୱର ଗୁରୁବାର ୪ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା



ପଶିପାରିବେନି ୩୦ରୁ ଊର୍ଦ୍ଧ୍ୱ ଦେଶର ନାଗରିକ

ପୃଷ୍ଠା ୫

# ରେଳବାଇରେ ବଢ଼ିଛି ଓଡ଼ିଶା ଭାଗ

**ନୂଆଦିଲ୍ଲୀ,୩।୧୨(ସଂଚାର ବ୍ୟୁରୋ):** ଓଡ଼ିଶାକୁ ରେଳବାଇରେ ପୂର୍ବ ସରକାର ତୁଳନାରେ ଅଧିକ ବଜେଟ ପ୍ରାବଧାନ କରାଯିବ ସହ ରେଳ ଲାଇନ ନିର୍ମାଣ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇଛି। ୨୦୦୯-୧୦ ତୁଳନାରେ ୧୩ ଗୁଣ ଅଧିକ ବ୍ୟୟବରାଦ ହୋଇଥିବା ବେଳେ ପ୍ରକଳ୍ପ କାମ ମଧ୍ୟ ତିନିଗୁଣା ବଢ଼ିଛି ବୋଲି ଆଜି ଲୋକସଭାରେ କେନ୍ଦ୍ର ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଜୁନାଗଡ଼ ଓ ନବରଙ୍ଗପୁର ନୂଆ ରେଳ ଲାଇନ, ନବରଙ୍ଗପୁର-ଜୟପୁର ରେଳ ପ୍ରକଳ୍ପ, ଜୟପୁର-ମାଲକାନଗିରି ନୂଆ ରେଳ ଲାଇନ ପ୍ରକଳ୍ପ ସମେତ ଓଡ଼ିଶାର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ବିଷୟରେ ଆଜି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୧୧୬ କିମି ଲମ୍ବା ଜୁନାଗଡ଼-ନବରଙ୍ଗପୁର ନୂତନ ରେଳ ଲାଇନ



■ ୧୩ ଗୁଣ ଅଧିକ ବଜେଟ୍ ବ୍ୟବସ୍ଥା
■ ସ୍ପଷ୍ଟ କଲେ କେନ୍ଦ୍ର ମନ୍ତ୍ରୀ

କାମ ପାଇଁ ୨,୮୬୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପକୁ 'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ଭାବେ ଅଧିସୂଚିତ କରାଯାଇଛି ।

ସେହିପରି ୪୧ କିମିଟ ଲମ୍ବ ନବରଙ୍ଗପୁର-ଜୟପୁର ନୂତନ ଲାଇନ ପ୍ରକଳ୍ପକୁ ୭୪୮ କୋଟି ଟଙ୍କା। ଅଟକଳ ସହ ➪ପୃଷ୍ଠା-୬

# ପ୍ରତିଭା ବିକାଶରେ ବାଧକ ହୁଏନି ଅକ୍ଷମତା

## ସୀମାହୀନ ସଫଳତା ପାଇପାରିବେ ଭିନ୍ନକ୍ଷମ

**ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ):** ଭିନ୍ନକ୍ଷମମାନଙ୍କ ସମସ୍ୟା ଉପରେ ରାଜ୍ୟ ସରକାର ସବୁବେଳେ ପ୍ରାଥମିକତା ଦେଉଛନ୍ତି। ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ଯତ୍ନ ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ଗୁରୁତ୍ୱ ପ୍ରଦାନ ପୂର୍ବକ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୫ର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବା ଅବସରରେ ମତ ବ୍ୟକ୍ତ କରିଛନ୍ତି।

ସ୍ଥାନୀୟ ସୋଆ ଅଡିଟୋରିଅମଠାରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗତ ୧ରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମର ଉଦ୍‌ଯାପନୀ



ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରତିଭା ବିକାଶରେ ଶାରୀରିକ କ୍ଷମତା ବା ଭିନ୍ନ-କ୍ଷମତା କଦାପି ବାଧା ସୃଷ୍ଟି କରେନାହିଁ। ସମାଜର ସହଯୋଗ ଓ ପରିବାରର ପ୍ରେରଣା ଦ୍ୱାରା ଆଜି ଅନେକ ଭିନ୍ନକ୍ଷମ ବ୍ୟକ୍ତି ବିଭିନ୍ନ କ୍ଷେତ୍ରରେ ସଫଳତା ପ୍ରଦର୍ଶନ କରି ଏହା ପ୍ରମାଣିତ କରିଛନ୍ତି। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଦାୟିତ୍ୱ ନେବା ପରେ ଭିନ୍ନକ୍ଷମ ବା ଦିବ୍ୟାଙ୍ଗଙ୍କ ପାଇଁ ଯୋଜନା ଓ କାର୍ଯ୍ୟକ୍ରମ ସବୁ ବ୍ୟାପକ କରାଯାଇଛି। ସ୍ୱାଧୀନତା ପରଠାରୁ ୨୦୧୪ ପର୍ଯ୍ୟନ୍ତ ଦେଶରେ ମାତ୍ର ୭ ଲକ୍ଷ ଭିନ୍ନକ୍ଷମ ଲୋକଙ୍କୁ କୃତ୍ରିମ ଉପକରଣ ପ୍ରଦାନ କରିଥିବା ବେଳେ ଅଦ୍ୟାବଧି ୧୧ ବର୍ଷ ମଧ୍ୟରେ ୩୧ ଲକ୍ଷ କୃତ୍ରିମ ଭିନ୍ନକ୍ଷମ ଉପକରଣ ପ୍ରଦାନ କରାଯାଇସାରିଛି। ୨୦୧୫ରେ ମୋଦି ଭିନ୍ନକ୍ଷମଙ୍କ ପାଇଁ ଦିବ୍ୟାଙ୍ଗ ଶବ୍ଦ ଆରମ୍ଭ ମଧ୍ୟ କରିଥିଲେ। ରାଜ୍ୟ ସରକାର ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଜରିଆରେ ରାଜ୍ୟରେ ଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ମୁହଁରେ ହସ ଫୁଟାଇବା ସହ ସେମାନଙ୍କୁ ସାମାଜିକ ଓ

## ଭିନ୍ନକ୍ଷମ ପ୍ରତିଭାର ଉପଯୋଗ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଅର୍ଥନୈତିକ ଦୃଷ୍ଟିକୋଣରୁ ସ୍ୱୟଂସିଦ୍ଧ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ ରାଜ୍ୟର ନିଯୁକ୍ତିଦାତା ଓ ଶିଳ୍ପାନୁଷ୍ଠାନମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ ରାଜ୍ୟରେ ଅନେକ ଭିନ୍ନକ୍ଷମ ଯୁବକଯୁବତୀ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ହୋଇ ଦକ୍ଷତାର ସହ କାମ କରୁଛନ୍ତି। ଭିନ୍ନକ୍ଷମମାନଙ୍କ ପାଖରେ ଭରପୂର ପ୍ରତିଭା ରହିଛି। ସେଗୁଡ଼ିକ ନିଯୁକ୍ତି ମାଧ୍ୟମରେ ପ୍ରସ୍ଫୁଟିତ ହେବା ଆବଶ୍ୟକ। ଭିନ୍ନକ୍ଷମମାନେ କାହାର ଦୟା କିମ୍ବା ସମବେଦନା ଚାହାଁନ୍ତି ନାହିଁ। ସେମାନେ ଚାହାନ୍ତି ସମ୍ମାନର ସହ ଜୀବନ ନିର୍ବାହ କରିବାର ଅଧିକାର ସ ସେ ଅଧିକାର ପ୍ରଦାନ କରିବା ➪ପୃଷ୍ଠା-୬

# ୩୧୦୦ରେ ଧାନ କିଣିବେ ସରକାର

➘ ପୂର୍ବ ବର୍ଷ ଅପେକ୍ଷା ଅଧିକ ଚାଷୀ ଆଗ୍ରହୀ
➘ ଧାନ ସଂଗ୍ରହ ପ୍ରକ୍ରିୟାର ତଦାରଖ କରିବେ ମନ୍ତ୍ରୀ
➘ ସରକାରଙ୍କ ଉପରେ ବଢ଼ୁଛି ଚାଷୀଙ୍କ ବିଶ୍ୱାସ
➘ ସ୍ୱାମୀନାଥନ କମିଶନ ସୁପାରିସ୍ ଲାଗୁ ଦାବି

**ଭୁବନେଶ୍ୱର, ୩।୧୨ (ସଂଚାର ବ୍ୟୁରୋ):** ଗତ ମାର୍ଚ୍ଚ ମାସରେ କେନ୍ଦ୍ର ସରକାର ସାଧାରଣ ମାନର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୬୯ ଟଙ୍କା ବଢ଼ାଇଥିଲେ ବି ରାଜ୍ୟ ଚାଷୀମାନେ ପୂର୍ବପରି ୩୧ ଶହ ଟଙ୍କାରେ ଧାନ ବିକିବେ। ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୨୩୬୯ ଟଙ୍କା ସହ ରାଜ୍ୟ ସରକାରଙ୍କ ଇନପୁଟ ସବସିଡିକୁ ମିଶାଇ ଚାଷୀମାନଙ୍କୁ ୩୧ ଶହ ଟଙ୍କା ଲେଖାଏଁ ମିଳିବ ବୋଲି ଆଜି ବିଧାନସଭାରେ ଘୋଷଣା କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।



ବିଜେଡି ପକ୍ଷରୁ ରାଜ୍ୟର ମଣ୍ଡି ସମସ୍ୟାକୁ ନେଇ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କୁ ବର୍ଦ୍ଧିତ ଏମଏସପି ଓ ୮୦୦ ଟଙ୍କା ଇନପୁଟ ସବସିଡିକୁ ମିଶାଇ ୩୧୬୯ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣିବେ କି ବୋଲି ପ୍ରଶ୍ନ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ସରକାର ମାସେ ପରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରୁଛନ୍ତି। ଏହାଦ୍ୱାରା ବରଗଡ଼, ସମ୍ବଲପୁର ଆଦି ଜିଲ୍ଲାରେ ଧାନର ଅଭାବୀ ବିକ୍ରି ଆରମ୍ଭ ହୋଇଗଲାଣି। ବରଗଡ଼ ଜିଲ୍ଲାରେ ଏବେବି ୫ ହଜାର ଚାଷୀ ପଞ୍ଜୀକରଣ କରିପାରିନାହାନ୍ତି। ଏନେଇ ବରଗଡ଼ର ବିଜେପି ସାଂସଦ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। କାରଣ ଚଳିତ ବର୍ଷ ସରକାର ପଞ୍ଜୀକରଣ ପ୍ରକ୍ରିୟାକୁ ଜଟିଳ କରିଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ବର୍ଦ୍ଧିତ ଏମଏସପି ସହ ଚାଷୀଙ୍କୁ ୩୧୬୯ ଟଙ୍କା ଦେବା ସହ ସ୍ୱାମୀନାଥନ କମିଶନ ସୁପାରିସ୍‌କୁ କାର୍ଯ୍ୟକାରୀ କରିବା ସକାଶେ ଶ୍ରୀ ଆଚାର୍ଯ୍ୟ ଦାବି କରିଥିଲେ। ଏନେଇ ବିଧାନସଭାରେ ଏକ ସର୍ବସମ୍ମତ ସଂକଳ୍ପ ଆଗତ କରି କେନ୍ଦ୍ରରେ ଦାବି କରିବା ସକାଶେ ମଧ୍ୟ ସେ ପ୍ରସ୍ତାବ ଦେଇଥିଲେ। ଆହୁରି ବିଜେଡି ବିଧାୟକ ରଣେନ୍ଦ୍ର ➪ପୃଷ୍ଠା-୬

## ବଡ଼ ଧରଣର ଏନ୍‌କାଉଣ୍ଟର୍

# ଟଳିଲେ ୧୨ ମାଓବାଦୀ

## ୩ଯବାନ ସହିଦ, ୨ଗୁରୁତର



**ରାୟପୁର,୩।୧୨:** ଛତିଶଗଡ଼ ବିଜାପୁରରେ ଆଜି ଏକ ବଡ଼ ଧରଣର ଏନ୍‌କାଉଣ୍ଟର ହୋଇଛି, ଯେଉଁଥିରେ ୧୨ ଜଣ ମାଓବାଦୀ ଟଳିପଡ଼ିଛନ୍ତି। ଅବଶ୍ୟ ଏଥିରେ ମାଓବାଦୀଙ୍କ ଗୁଳିରେ ୩ ଜଣ ଡିଆର୍‌ଜି ଯବାନ ସହିଦ ହୋଇଛନ୍ତି ଓ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଘଟଣାସ୍ଥଳରୁ ଏସ୍‌ଏଲ୍‌ଆର ଥ୍ରୀ ନଟ୍ ଥ୍ରୀ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ମଧ୍ୟ ଜବତ ହୋଇଛି। ଏ ସଂକ୍ରାନ୍ତରେ ପୁଲିସ ମହାନିରୀକ୍ଷକ (ବସ୍ତର ରେଞ୍ଜ) ସୁନ୍ଦରରାଜ ପଟ୍ଟିଲିଙ୍ଗମ କହିଛନ୍ତି ଯେ ସୁରକ୍ଷାକର୍ମୀଙ୍କ ଏକ ମିଳିତ ଦଳ ମାଓବାଦୀ ବିରୋଧୀ ଅଭିଯାନରେ ବାହାରିବା ସମୟରେ ବିଜାପୁର-ଦାନ୍ତେୱାଡ଼ା ଜିଲ୍ଲାର ସୀମାନ୍ତବର୍ତ୍ତୀ ଏକ ଜଙ୍ଗଲରେ ଗୁଳିବିନିମୟ ହୋଇଥିଲା। ଦାନ୍ତେୱାଡ଼ା ଓ ➪ପୃଷ୍ଠା-୬

# ମା' ରମାଦେବୀଙ୍କୁ ଅସମ୍ମାନ, ବିଧାନସଭାରେ ଉଦ୍‌ବେଗ

**ଭୁବନେଶ୍ୱର, ୩।୧୨ (ସଂଚାର ବ୍ୟୁରୋ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକକୁ ସରକାର ବର୍ଷବ୍ୟାପୀ ପାଳନ କରିବା ଲାଗି ଘୋଷଣା କରି ଚୁପ ବସିବାକୁ ନେଇ ବିଧାନସଭାରେ ଉଦବେଗ ପ୍ରକାଶ ପାଇଛି। ବିରୋଧୀ ବିଜେଡି ବିଧାୟକମାନେ ସରକାରଙ୍କୁ ଏହି ପ୍ରସଙ୍ଗରେ ତୀବ୍ର ସମାଲୋଚନା କରିଛନ୍ତି।

ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ନିମନ୍ତେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ସରକାର ଏହାକୁ

❍ ଘୋଷଣା ସତ୍ତ୍ୱେ ଜୟନ୍ତୀ ନ ପାଳିବା ଅପରାଧ: ବିଜେଡି
❍ ବର୍ଷବ୍ୟାପୀ ଜୟନ୍ତୀ ପାଳିବେ ସରକାର: ବିଜେପି



ପାଳନ ନ କରିବା ଏକ ଅକ୍ଷମଣୀୟ ଅପରାଧ ବୋଲି ବିଧାୟକମାନେ କହିଥିବାବେଳେ ଶାସକ ଦଳ ପକ୍ଷରୁ ଆସନ୍ତା ବର୍ଷବ୍ୟାପୀ ମା' ରମାଦେବୀଙ୍କ ଜୟନ୍ତୀ ପାଳନ ହେବ ବୋଲି କୁହାଯାଇଛି। ବିଧାନସଭାର ଶୂନ୍ୟକାଳରେ ବିରୋଧିଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏହି କଥାକୁ ଉଲ୍ଲେଖ କରି ମା' ରମାଦେବୀଙ୍କ ପ୍ରତି ପ୍ରଦର୍ଶନ କରାଯାଇଥିବା ଅସମ୍ମାନ ଏକ ଅକ୍ଷମଣୀୟ ଅପରାଧ ବୋଲି କହିଥିଲେ। ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ସରକାର ସେଭଳି ଜଣେ ମହିୟସୀ ମହିଳାଙ୍କ ଜୟନ୍ତୀ ପାଳନ କରିବାକୁ ଘୋଷଣା କରି ମଧ୍ୟ ଭୁଲିଗଲେ। ଅମର ଶହୀଦ ଲକ୍ଷ୍ମଣ ନାୟକଙ୍କୁ ମଧ୍ୟ ଏ ସରକାର ଭୁଲି ଯାଇଛନ୍ତି। ତାଙ୍କ ୧୨୫ତମ ଜୟନ୍ତୀ ପାଳନ କରାଗଲାନାହିଁ। ଆଜି ମା' ରମାଦେବୀଙ୍କ ଜୟନ୍ତୀରେ କଳିଙ୍ଗ ଷ୍ଟାଡିୟମ ଟେନିସ କୋର୍ଟରେ ସରକାର ସଭା ଆୟୋଜନ କରିବା ତାଙ୍କ ପ୍ରତି ଅପମାନ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା' ପାର୍ବତୀ ଗିରିଙ୍କର ଜନ୍ମ ଶତବାର୍ଷିକୀ ଆସନ୍ତା ଜାନୁଆରୀରେ ପଡୁଥିବାରୁ ତାହାକୁ ମଧ୍ୟ ➪ପୃଷ୍ଠା-୬

## ଦଣ୍ଡମୁକ୍ତ ବିଦ୍ୟାଳୟରେ କଠୋର ଦଣ୍ଡ

# ସାମାନ୍ୟ ଦୁଷ୍ଟାମୀ ପାଇଁ ବିଦ୍ୟାର୍ଥୀ ଗୋଡ଼ରେ ବେଡ଼ି

● କାନରେ ତେଲ ପକାଇ ଶୋଇଛି ଶିକ୍ଷା ବିଭାଗ
● ପିଅନଙ୍କୁ ବିଦ୍ୟାର୍ଥୀ ଗୋଡ଼ରେ ଚେନ୍ ପକାଇବାକୁ ଅନୁମତି ଦେଲା କିଏ ?
● ସନ୍ଦେହ ଘେରରେ ଶିକ୍ଷକଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକଙ୍କ ଭୂମିକା

**ନୀଳଗିରି,୩।୧୨(ସଂଚାର ବ୍ୟୁରୋ):** ଦଣ୍ଡମୁକ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ କିପରି ଉନ୍ନତ ମାନର ପାଠପଢ଼ା ସହ ଭଲ ମଣିଷ ଭାବେ ଗଢ଼ି ତୋଳାଯିବ ସରକାର ତା' ଉପରେ ଗୁରୁତ୍ୱ ଦେଉଛନ୍ତି। ଛାତ୍ରଛାତ୍ରୀ କିପରି ପୁଷ୍ଟିକର ଖାଦ୍ୟ ଖାଇ ସୁସ୍ଥ ଜୀବନଯାପନ କରିବେ, ତା' ଉପରେ ମଧ୍ୟ ଗୁରୁତ୍ୱ



ଦିଆଯାଉଛି। କିନ୍ତୁ ସ୍ଥାନୀୟ ଅଞ୍ଚଳର ଏକ ସ୍କୁଲ୍‌ରେ ଯେପରି ଭାବେ ଜଣେ ବିଦ୍ୟାର୍ଥୀକୁ କଠୋର ଦଣ୍ଡ ଦିଆଯାଇଛି, ତା' ଆଖିରେ ନ ଦେଖିଲେ କେହି ସହଜରେ ବିଶ୍ୱାସ କରିପାରିବେନି। ଏଠାକାର ଆଶ୍ରମ ବିଦ୍ୟାଳୟରେ ଜନୈକ ଛାତ୍ରଙ୍କ ଗୋଡ଼ରେ ଲୁହା ଚେନ ବନ୍ଧାଯାଇଥିବା ଦେଖିବାକୁ ମିଳିଛି। ଏନେଇ ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା।

ମିଳିଥିବା ସୂଚନାନୁସାରେ, ନୀଳଗିରି ବ୍ଲକ୍‌ର ବେଗୁନିଆ ପଞ୍ଚାୟତ ଅନ୍ତର୍ଗତ ବେଗୁଆଠାରେ ଥିବା ପ୍ରାଥମିକ ବିଦ୍ୟାଳୟରେ ୪୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରାବାସ ରହିଛି। ଉକ୍ତ ଗ୍ରାମର କାଳୀ ସିଂଙ୍କ ପୁଅ ମଳୟ (୧୦) ଉକ୍ତ ହଷ୍ଟେଲ୍‌ରେ ରହି ପାଠ ପଢୁଛନ୍ତି। ତେବେ ନିକଟରେ ମଳୟ ସ୍କୁଲ୍‌ରେ ଦୁଷ୍ଟ ହେଉଥିବାରୁ ତାକୁ ସାବାଡ଼ କରିବା ସକାଶେ ➪ପୃଷ୍ଠା-୬

## ଏସ୍‌ଆଇ ପରୀକ୍ଷା କେଳେଙ୍କାରୀର ସାଇଡ୍ ଇଫେକ୍ଟ

# ବ୍ଲାକଲିଷ୍ଟ ହେଲା ସିଲିକନ ଟେକ୍

**ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ):** ପୁଲିସ ଏସଆଇ ପରୀକ୍ଷା କେଳେଙ୍କାରୀ ଧରାପଡ଼ିବା ପରେ ସିଲିକନ ଟେକ ସହ ରାଜ୍ୟ ସରକାର ସମସ୍ତ ଚୁକ୍ତି ବାତିଲ କରିଛନ୍ତି। ରାଜ୍ୟ ସରକାରଙ୍କ ଇଲୋକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସିଲିକନ ଟେକ ସହ ଚୁକ୍ତି ବାତିଲ କରିବା ସହ ୨୦୨୩ ସେପ୍ଟେମ୍ବର ୨୬ ତାରିଖ ବିଜ୍ଞପ୍ତି ଜରିଆରେ




ହୋଇଥିବା ଏମପ୍ୟାନେଲମେଣ୍ଟକୁ ମଧ୍ୟ ରଦ୍ଦ କରିଛନ୍ତି। ବହୁଚର୍ଚ୍ଚିତ ପୁଲିସ୍ ଏସଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀରେ ସିଲିକନ ଟେକ ଉପରେ କ୍ରାଇମବ୍ରାଞ୍ଚ ଚଢ଼ାଉ କରିଥିଲା। ଏହାର ମୁଖ୍ୟ ସୁରେଶ ନାୟକଙ୍କୁ ମଧ୍ୟ ଗିରଫ କରାଯାଇଛି। ଆହୁରି ସିଲିକନ ଟେକ୍‌କୁ କଳାତାଲିକାଭୁକ୍ତ କରିଛନ୍ତି ରାଜ୍ୟ ସରକାର। ଏସଆଇ ପରୀକ୍ଷା ପରିଚାଳନା ପାଇଁ ପ୍ରଥମେ କଣ୍ଟ୍ରାକ୍ଟ କେନ୍ଦ୍ରୀୟ ପିଏସୟୁ ଆଇଟିଆଇକୁ ମିଳିଥିଲା। ଆଇଟିଆଇ ଏହି କାମ ସିଲିକନ ଟେକ୍‌କୁ ସବ୍-ଲେଟ କରିଥିଲା। ସିଲିକନ ଟେକ୍ ବିନା ସରକାରୀ ଅନୁମୋଦନରେ ଏହାକୁ ପଞ୍ଚସଫ୍ଟକୁ ଦେଇଥିଲା। ଏହି ପରୀକ୍ଷା ପାଇଁ ଆଶାୟୀଙ୍କଠାରୁ ବେଆଇନ ଭାବେ ➪ପୃଷ୍ଠା-୬

# ଚନ୍ଦାବାବୁଙ୍କ ପ୍ରେମ କାହାଣୀ

ବିନା ବିବାହରେ ହନିମୁନ | ଥାନାରେ ବେଧଡ଼କ ରୋମାନ୍ସ



ଯେତେବେଳେ ଦେଖିଲେ ଆଇଆଇସି ମ୍ୟାଡାମଙ୍କ କବାଟ ବନ୍ଦ। କଣ ନା ମ୍ୟାଡାମ ସେ ପୁଣି ଭିଡିଓ କଲ ଆଉ ଭିଡିଓ କଲ ସେପଟେ ଜଣେ ଡିସିପି। ଥଣ୍ଡା ପାଗରେ ମହଲକୁ ଉଷ୍ମ କରି କମିଶନରେଟ ପୋଲିସରେ କାର୍ଯ୍ୟରତ ଜଣେ ଆଡ଼ିସିନାଲ ଡିସିପି ଓ ଆଉ ଜଣେ ମହିଳା ଇନ୍ସପେକ୍ଟରଙ୍କ ପ୍ରେମ। ଅତିରିକ୍ତ ଡିସିପି ଜଣଙ୍କ ଏସିପି ଥିଲା ବେଳେ ତାଙ୍କ ପାଲରେ ପଡିଛନ୍ତି ଆଇଆଇସି ଜଣଙ୍କ। ଇନ୍ସପେକ୍ଟର ମ୍ୟାଡାମଙ୍କ ସ୍ୱାମୀ ମଧ୍ୟ ପୋଲିସ। ଭୁବନେଶ୍ୱର ରେ ରୁହନ୍ତି। ହେଲେ ସାର ଯେତେବେଳେ ସ୍ତ୍ରୀ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି, ସେତେବେଳେ ସ୍ୱାମୀ ବା କରିବେ କଣ'? କମ୍ପ୍ଲେନ କଲେ ଡିସିପିଙ୍କୁ କହି ଜିଲ୍ଲା ବାହାରକୁ ବଦଳି ସିସିଆର ବି ଦେଇଦେବେ। ଏଭଳି ଅବସ୍ଥା ବେସ୍ ଆଇଆଇସି ମ୍ୟାଡାମଙ୍କୁ ବେଶ ମ୍ୟାଡାମ ଜଣଙ୍କ ଭିଡିଓ କଲରେ କଥା ଯେ, ପାଖରେ ଅଫିସର ମଧ୍ୟ କରୁଛନ୍ତି। ଆଉ କେହି କହୁଛନ୍ତି, ମ୍ୟାଡାମ୍ ଦୂରରେ ରହି ମଧ୍ୟ ହନିମୁନ ସାରି ଦେଉଛନ୍ତି। ଭିଡିଓ କଲ୍‌ରେ ଏତେ ଘନିଷ୍ଠତା କୁଆଡେ କେହି କେବେ ଦେଖିନାହାନ୍ତି। ଥାନା ଏବେ ଓୟୋ ରୁମ ପାଲଟିଯାଇଛି। ଟିକେ ଫୁରସତ ମିଳିଲେ ଦୁହେଁ ଦୁହିଁଙ୍କୁ ନିରୋଳାରେ ଭେଟୁଥିବା କହିଛନ୍ତି ଡିସିପି ଅଫିସରେ କାର୍ଯ୍ୟରତ କର୍ମଚାରୀ। ତେବେ ଦେଖିବାକୁ ବାକି ରହିଲା କେତେଦିନ ଧରି କୂଳ ଲଙ୍ଘଛନ୍ତି ଏଡିସିପି ଜଣଙ୍କ, ଆଉ ଭାଗ୍ୟକୁ ଆଦରି ରହୁଛନ୍ତି ଇନ୍ସପେକ୍ଟରଙ୍କ ସ୍ୱାମୀ।



## କାନ ଡେରିଆ

ବଞ୍ଚିଥିଲା ଯାଏଁ ହ୍ୟୁମାନଙ୍କ ଟ୍ରେଣ୍ଡ
ମଲାପରେ ବି ସେ ଟ୍ରେଣ୍ଡିଙ୍ଗ
ମରିଗଲା ପରେ ଲୁହକୁ ଗଡ଼ାଇ
ଦେଖାନ୍ତି ସମସ୍ତେ ବଣ୍ଡିଙ୍ଗ
ସ୍ୱାସ୍ଥ୍ୟରେ ନଥିଲା ସେଟିଙ୍ଗ...
ଯେତେ ନିଜଲୋକ ସେତେ
ଅଭିଯୋଗ
କରୁଥାନ୍ତି ଖାଲି ବ୍ଲେମିଙ୍ଗ ।।
■ ଦେବାଶିଷ

# ପରାଜୟ ଝଟ୍‌କାରୁ ବାହାରି ପାରୁନାହାଁନ୍ତି ବିରୋଧୀ

**ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ):** ନୂଆପଡ଼ା ପରାଜୟ ଝଟକାରୁ ବାହାରି ପାରୁନାହାନ୍ତି ରାଜ୍ୟର ଦୁଇ ବିରୋଧିଦଳ ବିଜେଡି ଓ କଂଗ୍ରେସ। ବିଧାନସଭାର ଶୀତକାଳୀନ ଅଧିବେଶନରେ ଏହା ଜଳ ଜଳ ହୋଇ ଦିଶୁଛି। ମୁଖ୍ୟ ବିରୋଧିଦଳ ବିଜେଡି କିମ୍ବା ନୂଆପଡ଼ାରେ ରନର୍ସ ଅପ୍ ହୋଇଥିବା କଂଗ୍ରେସ କୌଣସି ଗୋଟିଏ ହେଲେ ପ୍ରସଙ୍ଗକୁ ଜୋରଦାର ଭାବେ ଉଠାଇ ପାରୁନାହାନ୍ତି। ପ୍ରସଙ୍ଗ ଉଠାଇବା ତ ଦୂରରକଥା ଉଠାଉଥିବା ପ୍ରସଙ୍ଗରେ ଆଲୋଚନା କରିବାକୁ ବି ଅଭିଜ୍ଞ ନେତାମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି।

ରାଜ୍ୟରେ ୨୫ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ପ୍ରଥମଥର ପାଇଁ ଉପନିର୍ବାଚନରେ ତୃତୀୟ ସ୍ଥାନରେ ରହି ପରାଜୟ ବରଣ କରିଛି। ନୂଆପଡ଼ା ଫଳାଫଳ ପ୍ରକାଶ ହେବାପରେ ବିଧାନସଭା ଅଧିବେଶନ ବୈଠକ ବସିଛି। ସମସ୍ତେ ଭାବିଥିଲେ ନୂଆପଡ଼ା ପରାଜୟର ଝଟ୍କାରୁ କର୍ମୀମାନଙ୍କୁ ବାହାର କରିବାପାଇଁ ନେତାମାନେ ବିଧାନସଭାକୁ କମ୍ପାଇବେ। ହେଲେ ସେମିତି କିଛି ଲକ୍ଷ୍ୟ କରାଯାଉ ନାହିଁ। ଧାନମଣ୍ଡି ଖୋଲିବାରେ ବିଳମ୍ବ ହେଉ କିମ୍ବା

● ବିଧାନସଭାରେ ନିରାଶା ପରିଲକ୍ଷିତ
● ତାରାଙ୍କ ବିନା କଂଗ୍ରେସ ବି ଫିକା

ଅନ୍ୱେଷାର ଅନିଶ୍ଚିତତା ହେଉ, ବିରୋଧରେ ଦମ ନଥିବା ଜଳଜଳ ହୋଇ ଦିଶୁଛି। ନିଜ ଦଳର ସଦସ୍ୟ ପୋଡି ଯାଇଥିବା ପିଲାଟିକୁ ଉଦ୍ଧାର କରି ମାମଲା ଖାଇଥିଲେ ମଧ୍ୟ ଦଳ ସେ ପ୍ରସଙ୍ଗକୁ ବି ଠିକଣା ଢଙ୍ଗରେ ଉଠାଇପାରିଲାନି।

ସେହିଭଳି ନୂଆପଡ଼ାରେ ରନର୍ସଅପ୍ ହୋଇ ଖୁସିରେ ମସଗୁଲ ଥିବା କଂଗ୍ରେସ ମଧ୍ୟ



ବର୍ତ୍ତମାନ ସୁଦ୍ଧା ବିଧାନସଭାରେ ପୂର୍ବଭଳି ସକ୍ରିୟ ହୋଇପାରୁନାହିଁ। ବିଜେଡି ସାଙ୍ଗରେ କେବଳ ପାଳି ଧରିବାରେ ଲାଗିଛି। ବିଶେଷକରି ବିଧାନସଭାରେ ଦଳର ଭେଟେରାନ ତାରାଙ୍କ ଅନୁପସ୍ଥିତ ସ୍ପଷ୍ଟ ବାରିହୋଇ ପଡୁଛି। ତାରାଙ୍କ ବିନା କଂଗ୍ରେସ ବିଧାନସଭା ଭିତରେ ଏକ ପ୍ରକାର ଅଧୁରା ଥିବା ଭଳି ଲକ୍ଷ୍ୟ କରାଯାଉଛି। ରାଷ୍ଟ୍ରପତିଙ୍କ ବିଧାନସଭା ଗସ୍ତ ସମୟରେ କଂଗ୍ରେସକୁ କହିବାର ସୁଯୋଗ ନମିଳିବାକୁ ନେଇ କଂଗ୍ରେସ ବିଧାୟକଦଳ ନେତା ଯେଭଳି ବିରୋଧ କଲେ ଓ ଅନ୍ୟମାନେ ଚୁପ୍ ରହିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ତେବେ ସବୁଠାରୁ ବଡକଥା ହେଲା ବିଧାନସଭାରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ସମୟରେ ବିଜେଡିର ଅଭିଜ୍ଞ ନେତାମାନେ ସେଥିରେ ଅଂଶଗ୍ରହଣ କରୁନାହାନ୍ତି। କୌଣସି ପ୍ରକାରେ ଆଲୋଚନାରୁ ଏଭଳି ନେତାମାନେ ଦୂରେଇ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏହା ନୂଆପଡ଼ା ପରାଜୟର ଝଟ୍କାନବୋଲି ଏବେ ଆଲୋଚନା ଚାଲିଛି। ବିଧାନସଭାରେ ଥିବା ବିଜେଡି ଓ କଂଗ୍ରେସର ସଂଖ୍ୟାଧିକ ବିଧାୟକ ନୂଆପଡ଼ାରେ ଡେରା ପକାଇଥିଲେ। ସେଠାରୁ ଫେରିବାପରେ ଦଳ ନିଶ୍ଚିତ ଜିତିବ ବୋଲି ଖୋଲାଖୋଲି ଭାବେ ବାହାସ୍ଫୋଟ ମାରିଥିଲେ। ହେଲେ ବିଜେପିର ରଣନୀତି ଏମାନଙ୍କର ସବୁ ଅଙ୍କକୁ ଗଡ଼ବଡ଼ କରିଦେଲା।

ଦଳର ମାମଲତକାରମାନେ ବି ପରାଜୟକୁ ସହଜରେ ଭୁଲିପାରୁନାହାନ୍ତି। ତେଣୁ ବିଧାନସଭାରେ ଦଳର ରଣନୀତି ପାଇଁ ଯେଭଳି ଉପରୁ ନିର୍ଦ୍ଦେଶ ଆସେ ତାହା ହୋଇପାରୁ ନଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟପକ୍ଷରେ ବିଜୟରେ ଉଲ୍ଲସିତ ➪ପୃଷ୍ଠା-୬

● ଏଏନଏମ୍ ଦିଦିଙ୍କ ନାମରେ ସଙ୍ଗିନ୍ ଅଭିଯୋଗ

# ପବନଭରା ସିରିଞ୍ଜ ଫୋଡିଲେ !



**ମହାକାଳପଡ଼ା, ୩।୧୨ (ସଂଚାର ବ୍ୟୁରୋ):** ଗୋଟିଏ ୩ ମାସର କନ୍ୟା ସନ୍ତାନକୁ ପରିବାର ଲୋକେ ଟୀକା ଦେବାକୁ ନେଇଥିବା ବେଳେ ଏଏନଏମ୍ ଦିଦି ଔଷଧ ନଥିବା ପବନ ଭରା ସିରିଞ୍ଜ ଶିଶୁଙ୍କୁ ଫୋଡିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡକୁଳ ଗ୍ରାମପଞ୍ଚାୟତର ସତ୍ୟନାରାୟଣ ସ୍ୱାଇଁଙ୍କ ପୁଅ ସୁବାଷ ସ୍ୱାଇଁ ତାଙ୍କ ତିନି ମାସର କନ୍ୟା ସନ୍ତାନକୁ ଟୀକାକରଣ ନିମନ୍ତେ ତାଙ୍କ ଗ୍ରାମର ରାଉତ ସାହି ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇଥିଲେ। ସେଠାରେ ଟୀକାକରଣ କାର୍ଯ୍ୟରେ ନିୟୋଜିତ ଥିଲେ ଏଏନଏମ୍ ପ୍ରଭାତୀ ପରିଡା। ହେଲେ ଦିଦି ଜଣଙ୍କ ଟୀକା ପାଇଁ ଉଦ୍ଧିଷ୍ଟ ଔଷଧ ସିରିଞ୍ଜରେ ନଭରି ପବନ ଭରା ଖାଲି ସିରିଞ୍ଜ ଶିଶୁକୁ ଫୋଡିଥିଲେ। ଏନେଇ ସୁବାଷ ପ୍ରତିବାଦ କରିବାରୁ ଏଏନଏମ୍ ଦିଦି ଜଣଙ୍କ ସିରିଞ୍ଜରେ ଟୀକା ଔଷଧ ସିରିଞ୍ଜରେ ଭରି ପୁନର୍ବାର ଶିଶୁଟିକୁ ଦେଇଥିଲେ। ଏନେଇ ସୁବାଷ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମନୋରଞ୍ଜନ ରାଉତଙ୍କୁ ଲିଖିତ ଅଭିଯୋଗ କରିବା ସହିତ ସମାନ ଅଭିଯୋଗର ଏକ ନକଲ କପି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କୁ ପଠାଇଛନ୍ତି। ଯଦି ତାଙ୍କ କନ୍ୟା ସନ୍ତାନର କିଛି ବି ସମସ୍ୟା ସୃଷ୍ଟି ହୁଏ ସେଥିପାଇଁ ଏଏନଏମ୍ ଦିଦି ଦାୟୀ ରହିବେ ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏବାବଦରେ ଏଏନଏମ୍ ପ୍ରଭାତୀ ପରିଡା କହିଛନ୍ତି ତାଙ୍କୁ ଭଲଭାବେ ଦେଖାନଯିବାରୁ ଏମିତି ହୋଇଛି। ଏ ସମ୍ପର୍କରେ ସିଡିଏମଓ କହିଛନ୍ତି ଏମିତି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଅଭିଯୋଗ ଆଧାରରେ ତଦନ୍ତ କରାଯିବ। ଘଟଣାର ସତ୍ୟତା ଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଚୋରା ମଦ ଜବତ, ୬ଗିରଫ



**କେନ୍ଦ୍ରାପଡ଼ା, ୩।୧୨ (ସଂଚାର ବ୍ୟୁରୋ):** ଏକ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ପାଟକୁରା, ଡେରାବିଶ ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମଙ୍ଗରାଜପୁର ଗ୍ରାମର ଅଞ୍ଜନା ଦାସ(୩୨)ଙ୍କ ଠାରୁ ୨୮ ଲିଟର ବିଦେଶୀ ମଦ, ତିକ୍ଷୀରୀ ଗ୍ରାମର ସୁବାଶ ଚନ୍ଦ୍ର ବେହେରା(୩୫)ଙ୍କ ଠାରୁ ୬୯୧ ଲିଟର ଦେଶୀ ରନ୍ଧାମଦ, ଗୋବର୍ଦ୍ଧନପୁର ଗ୍ରାମର ପ୍ରଶାନ୍ତ ରାଉତ(୩୮)ଙ୍କ ଠାରୁ ୩୮ ଲିଟର ଦେଶୀ ମଦ, କେଉଟ କଣ୍ଡିଆ ଗ୍ରାମର ଟାଇଟନ ସେଠୀ(୩୪)ଙ୍କ ଠାରୁ ୪୧ ଲିଟର ଦେଶୀ ରନ୍ଧାମଦ, ଛୁଣିଆ ଗ୍ରାମର ଦୁଷ୍ମନ୍ତ କୁମାର ଜେନା(୪୮)ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଓ ବଡହାଟ ଗ୍ରାମର ମୁଣା ମହାରଣା(୩୫)ଙ୍କ ଠାରୁ ୨୭ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି।

## ବାଲି ଖାଦାନରେ ଆତଙ୍କ

# ବନ୍ଧୁକ ଦେଖାଇ ଭୟଭୀତ କଲେ ମାଫିଆ

**ସ୍ଥାନୀୟ ଲୋକେ ଘେରିଯିବାରୁ ଘଟଣା ସ୍ଥଳରୁ ଚମ୍ପଟ ମାରିଲେ**



**କେନ୍ଦ୍ରାପଡ଼ା, ୩।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଦିନକୁ ଦିନ ବାଲି ଘାଟରେ ବାଲି ମାଫିଆଙ୍କ ଆତଙ୍କରାଜ ବୃଦ୍ଧି ପାଇବାରେ ଲାଗିଛି। ବାଲି ଲୁଟ୍ ପାଇଁ ବିଭିନ୍ନ ଗୋଷ୍ଟି ଙ୍କ ମଧ୍ୟରେ ଛକପଞ୍ଝା ସହ ମାରପିଟି କରିବାକୁ ପଛାଉନାହାନ୍ତି। ବାଲି ଘାଟର ଅବଧି ଶେଷ ପରେ ମଧ ମାଫିଆରାଜ ଦୀର୍ଘ ବର୍ଷ ହେବ ଚାଲିଛି । ବାଲି ଚୋରୀକୁ ଯଦି କେହି ବିରୋଧ କରେ ତେବେ ତାଙ୍କୁ ଆକ୍ରମଣ କରିବେ । ନହେଲେ ପୋଲିସକୁ ଲଗାଇ ମିଥ୍ୟା ମାମଲାରେ ଫସାଇବା କୁ ପଛାଉନାହାନ୍ତି । ବିଗତ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହିଭଳି ଅନେକ ଘଟଣା ଦେଖିବାକୁ ମିଳିଥିବା ବେଳେ ଆଜି ଏକ ଘଟଣା ପୁରା ଜିଲ୍ଲାରେ ଆତଙ୍କ ସୃଷ୍ଟି କରିଛି। ଦୀର୍ଘ ବର୍ଷ ହେବ ଶାନ୍ତ ପଡ଼ିଥିବା ଜିଲ୍ଲା ଧୀରେ ଧୀରେ ଅଶାନ୍ତ ହେବାକୁ ଯାଉଛି। ପୋଲିସ ପ୍ରଶାସନ ର ଢିଲାପଣ ପାଇଁ ଏଭଳି ଘଟିଥିବା ଅଭିଯୋଗ ହୋଇଛି। ପ୍ରଶାସନ ନୀରବ ରହୁଥିବା ବେଳେ ସ୍ଥାନୀୟ ଲୋକେ କିନ୍ତୁ ମାଫିଆ ଙ୍କ ସହ ମୁହାଁ ମୁହିଁ ହେଉଛନ୍ତି। ଯାହା ଫଳରେ ମାଫିଆ ଗୋଷ୍ଟି ଉକ୍ଷିପ୍ତ ହୋଇ ସ୍ଥାନୀୟ ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରୁଛନ୍ତି। ସୂଚନା ଅନୁଯାୟୀ ପୁଣିଥରେ ବୁଧବାର ନିକିରାଇ ଥାନା ଅଧୀନରେ ଥିବା ମଙ୍ଗଳପୁର ବାଲି ଘାଟରେ ବେଇଆଇନ ଭାବେ ବାଲି ମାଫିଆ ବାଲି ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକେ ତାହାକୁ ବିରୋଧ କରିଥିଲେ । ଯାହା ଫଳରେ ଘଟଣା ସ୍ଥଳରେ ଥିବା ୪ ରୁ ୬ଜଣ ବାଲି ମାଫିଆ ବନ୍ଧୁକ ଦେଖାଇ ଭୟଭୀତ କରୁଥିବା ବେଳେ ସ୍ଥାନୀୟ ଲୋକେ କିନ୍ତୁ ସେମାନଙ୍କୁ ନଡ଼ରୀ ବନ୍ଧୁକଧାରୀ ଙ୍କୁ ଘେରି ଯାଇଥିଲେ। ଯାହା ଫଳରେ ମାଫିଆ ମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ।

## ହାଇସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ବଦଳି

# ନୂତନ ଶିକ୍ଷକ ନିଯୁକ୍ତି ନହେଲେ ଆନ୍ଦୋଳନ

**ପଟ୍ଟାମୁଣ୍ଡାଇ, ୩।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ହାଇସ୍କୁଲ ଭାବରେ ବାଲିପାଟଣା ନୋଡାଲ ହାଇସ୍କୁଲର ସ୍ୱତନ୍ତ୍ର ପରିଚୟ ରହିଛି । ଉତ୍ତମ ଶିକ୍ଷାଦାନ ଓ ପରୀକ୍ଷା ଫଳାଫଳ ସ୍କୁଲର ସୁନାମ ଓ ଗୌରବ ବୃଦ୍ଧି କରିଛି। ମାତ୍ର ଏହି ସ୍କୁଲରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ଓ ଶିକ୍ଷାଦାନରେ ଆନ୍ତରାୟ ସୃଷ୍ଟି କରୁଥିବା ଅଭିଯୋଗରେ ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଶୁଭଦର୍ଶିନୀ ସାହୁଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟି ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ ଜିଲ୍ଲା ଶିକ୍ଷାଧିକାରୀ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ସ୍କୁଲ ପରିଚାଳନା କମିଟି, ଅଭିଭାବକମାନେ ଗତ ୧୧. ୭. ୨୦୨୩ରିଖରେ ସ୍କୁଲ ଫାଟକରେ ତାଲା ପକାଇ ଥିଲେ । ଏହା ପରେ ଜିଲ୍ଲା ଶିକ୍ଷାଧିକାରୀ ଘଟଣା ସ୍ଥଳରେ ପହଂଚି ବାଲିପାଟଣା ସରପଞ୍ଚ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ମାନଙ୍କ ସହିତ ଆଲୋଚନା କରି ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରିଥିଲେ । ଶେଷରେ ବାଲିପାଟଣା ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ମାନଙ୍କ ଦାବୀ ଅନୁଯାୟୀ ଶିକ୍ଷକ ସମସ୍ୟାରେ ଛନ୍ଦି ହୋଇ ପଡ଼ିଥିବା ପଟ୍ଟାମୁଣ୍ଡାଇ ଏମ ଏନ ହାଇସ୍କୁଲକୁ ସମ୍ପୃକ୍ତା ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରୀମତୀ ସାହୁଙ୍କୁ ଡେପୁଟେସନରେ ପଠାଇଥିଲେ । ସମ୍ପୃକ୍ତା ଶିକ୍ଷୟିତ୍ରୀ ଜଣକ ଏମ ଏନ ହାଇସ୍କୁଲକୁ ଡେପୁଟେସନରେ ଯାଇ ଥିଲେ ମଧ ମୂଳ ସ୍କୁଲରୁ ଦରମା ପାଇବେ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ । ଆସନ୍ତା ନୂତନ ଶିକ୍ଷାବର୍ଷ ଆରମ୍ଭରେ ବାଲିପାଟଣା ହାଇସ୍କୁଲର ସମ୍ପୃକ୍ତା ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ସ୍ଥାୟୀ ଭାବେ ଅନ୍ୟତ୍ର ବଦଳି କରିବା ଓ ତାଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି କରିବା ପାଇଁ ତତ୍କାଳୀନ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଶୃତି ଦେଇଥିଲେ ।

# ମଣ୍ଡଳସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ



**ରାଜନଗର, ୩।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଶିକ୍ଷା ବିଭାଗ ତରଫରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି ଓ ସ୍ଥାନୀୟ ସରକାରୀ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଶିବ ଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିବା ସହିତ ଆଜିର ଦିନରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନେ ସବୁ କ୍ଷେତ୍ରରେ ସଫଳ ହୋଇପାରୁଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି ରବୀନ୍ଦ୍ର କୁମାର ସେଠୀ, ସମରେନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠୀ, ପ୍ରଶାନ୍ତ କୁମାର ସେଠୀ, ବିଆରଟି ରଶ୍ମୀ ରଂଜନ ଜେନା, ହେମନ୍ତ ମଲିକ, ପ୍ରମୁଖ ଅତିଥ୍ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ବ୍ଲକ ର ୪୬ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ଯୋଗ ଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ମିଉଜିକ ଚେୟାର, ଚିତ୍ରାଙ୍କନ, କୁଇଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଭିରାମ ପାତ୍ର, ଗଣେଶ୍ୱର ପଲାଇ, କୁଂଚନ ନାୟକ, ଗଦାଧର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ବିଧାନସଭାରେ ଉଠିଲା ପଟ୍ଟାମୁଣ୍ଡାଇ

# ପୌରାଞ୍ଚଳ ଜଳ ନିଷ୍କାସନ ଓ ପାଳପାଟଣା ସେତୁ ପ୍ରସଙ୍ଗ

**ପଟ୍ଟାମୁଣ୍ଡାଇ, ୩।୧୨ (ସଂଚାର ବ୍ୟୁରୋ):** ଚଳିତ ବିଧାନସଭା ଅଧିବେଶନରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ମୁଖ୍ୟ ଓ ପ୍ରମୁଖ ସମସ୍ୟା ଭାବେ ଦେଖା ଦେଇଥିବା ଜଳ ନିଷ୍କାସନ ସମସ୍ୟା ଉତଥାପିତ ହୋଇଛି । ପୌରାଞ୍ଚଳ ମାନ୍ୟତା ପାଇବାର ୩୫ବର୍ଷ ପରେ ମଧ ଅସରାଏ ବର୍ଷା ହେଲେ ପଟ୍ଟାମୁଣ୍ଡାଇ ସହର ଓ ସମଗ୍ର ପୌରାଞ୍ଚଳ ଉବୁଟୁବୁ ହେଉଛି । ଜଳ ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନ ନିର୍ମାଣ କରାଯାଇନାହିଁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଜଳ ନିଷ୍କାସନ ସମସ୍ୟା ଉତ୍କଟ ରୂପ ଧାରଣ କରୁଥିବା ଅନୁଭବ କରି ରାଜନଗର ବିଧାୟକ ଧ୍ରୁବ ସାହୁ ଆଜି ବିଧାନସଭା ଗୃହରେ ଜଳ ନିଷ୍କାସନ ପ୍ରସଙ୍ଗ ଉତ୍ଥାପନ କରି ସରକାର ଏ ଦିଗରେ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସରକାର ଓ ବିଭାଗୀୟ ମନ୍ତ୍ରୀଙ୍କ ଠାରୁ ଜବାବ ମାଗି ଥିଲେ । ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଜଳ ନିଷ୍କାସନ ପାଇଁ ୩କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏହି ଅନୁଦାନ ରାଶିକୁ ଆଖି ଆଗରେ ରଖି ପଟ୍ଟାମୁଣ୍ଡାଇ ପୌର ପରିଷଦ ପୌରାଞ୍ଚଳର ୨୦ଟି ୱାର୍ଡରୁ ଜଳ ନିଷ୍କାସନ ପାଇଁ ୫କୋଟି ୧୬ଲକ୍ଷ ୭ହଜାର ୯୪୦ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି ବୋଲି ପବିତ୍ର ବିଧାନସଭା ଗୃହରେ ପ୍ରକାଶ କରିଛନ୍ତି ।

# ଭିନ୍ନକ୍ଷମ ଦିବସରେ ଜନ ସଚେତନତା କାର୍ଯ୍ୟକ୍ରମ



**ମାର୍ଶାଘାଇ, ୩।୧୨ (ସଂଚାର ବ୍ୟୁରୋ):** ମାର୍ଶାଘାଇବ୍ଲକ କୁଳସାହି ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ମାର୍ଶାଘାଇ ମଣ୍ଡଳସ୍ତରୀୟ ଭିନ୍ନକ୍ଷମ ଦିବସ ପାଳନ ଏବଂ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ମାର୍ଶାଘାଇ ଅନ୍ତର୍ନିବେଶୀ ଶିକ୍ଷା ଉପବିଭାଗର ଓ କେନ୍ଦ୍ରାପଡ଼ା ସମଗ୍ର ଶିକ୍ଷାର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆରସିସି ସୁଶାନ୍ତ କୁମାର ବେଉରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିବେକାନନ୍ଦ ସ୍ୱାଇଁ, ବିଆରଟି ବିଳାସିନୀ ରାଉତ, ଅନ୍ୟତମ ବିଆରଟି ଚିତ୍ତରଞ୍ଜନ ସିଂ, ଶିକ୍ଷକ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇଥିବା ଶତାଧିକ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ, ମ୍ୟୁଜିକ ଚେୟାର ଆଦି ବିଷୟରେ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଆଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବୈଠକ

**କେନ୍ଦ୍ରାପଡ଼ା, ୩।୧୨ (ସଂଚାର ବ୍ୟୁରୋ):** ଆଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ୮୭ତମ ବୈଠକ ନହଙ୍ଗସ୍ଥିତ ମା'ମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଆର୍ତ୍ତତ୍ରାଣ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଅଭିମନ୍ୟୁ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଙ୍ଘର ନୂତନ ସଦସ୍ୟ ହିସାବରେ ଯୋଗଦେଇଥିବା ଦିବାକର ଥାଟୋଇଙ୍କୁ ସ୍ୱାଗତ କରାଯିବା ସହ ତାଙ୍କର ସୁସ୍ଥ ନିରାମୟ ଜୀବନ କାମନା କରାଯାଇଥିଲା। ସଦସ୍ୟମାନେ ବୟସର ଅପରାହ୍ନରେ ପହି ଥିବାରୁ ସମସ୍ତେ ନିଜ ନିଜର ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ଜେନା ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ଭଳି ଭଗବତ ଚିନ୍ତନ ଉଦେଶ୍ୟରେ ନୟାଗଡ଼ର ରାମମନ୍ଦିର ଓ ବୈଷ୍ଣୋଦେବୀ ଦର୍ଶନରେ ଯିବାକୁ ସ୍ଥିର କରାଯାଇଥିଲା।

# ଗୀତା ଜୟନ୍ତୀରେ ସାମୂହିକ ଗୀତାପାଠ




**ରାଜନଗର, ୩।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଗୀତା ଜୟନ୍ତୀ ଅବସରରେ ସାମୁହିକ ଗୀତାପାଠ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଗୀତାପାଠରେ ଅଧାପିକା ତନୁଶ୍ରୀ ମିଶ୍ର, ଅଧାପକ ନିହାର ରଂଜନ ପରିଡା, ଆଦିତ୍ୟ ତ୍ରିପାଠୀଙ୍କ ସହିତ ଛାତ୍ରଛାତ୍ରୀମାନେ ସାମୁଦିକ ଗୀତାପାଠ କରିଥିଲେ। ଏହି ଅବସରରେ ଭଗବାନ ଶ୍ରୀକୃଷ୍ଣଙ୍କ ଆଳତୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅରୁଣକୁମାର ରାଉତ, ଦୟାନିଧି ସାହୁ, ରବିନାରାୟଣ ଦାସ ଓ ସାମ୍ବାଦିକ ଅଭିରାମ ଦାସ ସହଯୋଗ କରିଥିଲେ।

# ଗୀତା ଜୟନ୍ତୀ ଅନୁଷ୍ଠିତ

**କେନ୍ଦ୍ରାପଡ଼ା, ୩।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ କପାଳେଶ୍ୱର ପଞ୍ଚାୟତର ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତଗୀତା ସମ୍ପୂର୍ଣ୍ଣ ପାରାୟଣ ଓ ଯଜ୍ଞ ସମ୍ପାଦନ ହୋଇଛି। ଭଗବାନ ଶ୍ରୀକୃଷ୍ଣଙ୍କୁ ସ୍ନାନ ଏବଂ ତର୍ପଣ କରାଯିବା ପରେ ରୀତି ନୀତି ଅନୁଯାୟି ସମସ୍ତ କାର୍ଯ୍ୟ କରାଯାଇଥିଲା। ଶିବାନନ୍ଦ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମା, ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଉପସ୍ଥିତିରେ ଗୀତା ପାରାୟଣ, ପଠନ, ହବନ, ଯଜ୍ଞ ଏବଂ ଆରତୀ ପ୍ରଭୃତି କରାଯାଇଥିଲା। ଏଥିସହିତ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




**କେନ୍ଦ୍ରାପଡ଼ା, ୩।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଜିଲ୍ଲା ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, କେନ୍ଦ୍ରାପଡା ନଗରପାଳ ସରିତା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା କ୍ରିଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଶ୍ରବଣ ବିଶେଷଜ୍ଞ ଚନ୍ଦନ ବେହେରା, ମୁଖ୍ୟବକ୍ତା ଭାବେ ଡ. ବିରଜା ରାଉତରାୟ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନେ ସମାଜର ଗୋଟେ ଗୋଟେ ଅଙ୍ଗ, ଏମାନେ କାହାର ବୋଝ ନୁହଁନ୍ତି, ଦୟା ନୁହେଁ ସମସ୍ତ ସୁବିଧା ସୁଯୋଗ ପାଇବା ତାଙ୍କ ଅଧିକାର ଅଟେ ବୋଲି ଭାଷଣ ମାଧମରେ ପ୍ରକାଶ କରିଥିଲେ। ଭାବଗ୍ରାହୀ କଳାନିକେତନ ଓ ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଯୋଗଗୁରୁ ସଞ୍ଜୟ କୁମାର ମଥାନ ବେଦପାଠ କରିଥିଲେ। ସରକାରଙ୍କ ବିଭିନ୍ନ ଲୋକପ୍ରିୟ ଯୋଜନାର ସଫଳ ରୂପାୟନ ହେଲେ ଯାଇ ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ସ୍ୱାଗତ ଭାଷଣ ପ୍ରଦାନ ସହ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଭିନ୍ନକ୍ଷମ ବିଦ୍ୟାଳୟର ଅଧକ୍ଷ ସ୍ୱପ୍ନାଂଶୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସକାଳେ ତିନିମୁହାଣୀ ରାମ ମନ୍ଦିର ପରିସରରେ ୨୦୦ ଜଣ ଭିନ୍ନକ୍ଷମ ଓ ସାଧାରଣ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ରାଲୀ ସହର ପରିକ୍ରମା କରି ସଂସ୍କୃତି ଭବନରେ ପହିଥିଲା।

# ଶ୍ରୀଧର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା, ୩।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଞ୍ଚାୟତର ସାହସପୁର ଗ୍ରାମର ଶତାୟୁ ସ୍ୱର୍ଗତ ଶ୍ରୀଧର ମହାପାତ୍ରଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ସାହସପୁରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ସରଳ ନିଷ୍ଠାପର ନ୍ୟାୟବନ୍ତ ଓ ବିଚାରବନ୍ତ, ଧର୍ମ ପରାୟଣ ବ୍ୟକ୍ତି ଥିଲେ। ତାଙ୍କ ସରଳ ଜୀବନ ଯାପନ ଓ ଅମାୟିକ ବ୍ୟବହାର ସମସ୍ତଙ୍କୁ ଆକୃଷ୍ଟ କରୁଥିଲା। ଏହି ସ୍ମୃତିଚାରଣ ସଭାରେ ପଦ୍ମଲୋଚନ ମହାପାତ୍ର, ଅଧାପକ ଖଗେଶ୍ୱର ମହାପାତ୍ର, ବିଶିଷ୍ଟ ଆଗ୍ନିକ ସେବାକାରୀ ହରେକୃଷ୍ଣ ମହାପାତ୍ର, କାଳୀ ଚରଣ ମହାପାତ୍ର, ସଚ୍ଚିଦାନନ୍ଦ ମହାପାତ୍ର (ଚିକୁ), ଦୀପକ କୁମାର ମହାପାତ୍ରଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

# ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

**ରାଜନଗର, ୩।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ମେଳା ଗୋପାଳପୁରସ୍ଥିତ ବନବିହାରୀଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ପୌରହିତରେ ଅନୁଷ୍ଠିତ ଉଦଘାଟନରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ବରାଳ, ସଂମାନୀୟ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନା, ମଣ୍ଡଳ ବିଜ୍ଞାନ ସଂଯୋଜକ ଶାନ୍ତନୁ କୁମାର ସୁତାର, ନୋଡ଼ାଲ ପ୍ରଧାନ ଶିକ୍ଷକ ଶୁଭ୍ରଜ କୁମାର ବରାଳ, ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ମିଶ୍ର, ନୋଡ଼ାଲ ସିଆରସିସି ଚନ୍ଦ୍ରକାନ୍ତ ରାଉତ, ଅନଙ୍ଗ କୁମାର ଜେନା, ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର କୁଣ୍ଡ, କମିଟି ସଭାପତି କୁନମୁନ ରାଉତ ପ୍ରମୁଖ ଯୋଗ ଦେଇ ବାଲ ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ।ଉଦଯାପାନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଡ଼ିଓ ଅନିରୁଦ୍ଧ ବେହେରା, ବିଚାରକ ଭାବେ ପ୍ରଶାନ୍ତ ଦାସ, ତ୍ରିନାଥ ସେଠୀ, ପ୍ରଭାସ ରଂଜନ ପ୍ରଧାନ, ତାପସ କୁମାର ବେହେରା ପ୍ରମୁଖ ଯୋଗ ଦେଇ କୃତି ବାଲ ବୈଜ୍ଞାନିକ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ।

# ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

**ଗରଦପୁର, ୩।୧୨ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଆଜି କୋରୁଆ ହାଇସ୍କୁଲ ପଡ଼ିଆରେ ଆରମ୍ଭ ହୋଇଛି। ୧୮ଟି ପଞ୍ଚାୟତର ଶତାଧିକ ଛାତ୍ରଛାତ୍ରୀ ୮ପ୍ରକାର ଖେଳରେ ଭାଗ ନେଇଛନ୍ତି। ୧୦୦ମିଟର, ୪୦୦ମିଟର, ରିଲେ ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, ସଟ ପୁଟ ଥ୍ରୋ, ଭଲ୍ଲୀବଲ, କବାଡି ଭଳି ୮ ପ୍ରକାର ଖେଳରେ ସିନିଅର (୮ଟି ), ଜୁନିଅର (୫ଟି ) ଖେଳ ହେବ। ୧୨ ବର୍ଷରୁ ୧୬ବର୍ଷ ଏବଂ ୧୭ବର୍ଷରୁ ୨୪ ବର୍ଷ ବୟସର ପୁଅ ଓ ଝିଅ ବିଭାଗରେ ଖେଳ ଅନୁଷ୍ଠିତ ହେଉଛି। ପ୍ରଧାମନ୍ତ୍ରୀଙ୍କ ଆହ୍ୱାନ କ୍ରମେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତରେ ସମଗ୍ର କେନ୍ଦ୍ରାପଡ଼ା ଲୋକସଭାରେ ଏହି ଖେଳ ଅନୁଷ୍ଠିତ ହେଉଛି। ପାଟକୁରା ନିର୍ବାଚନ ମଣ୍ଡଳୀ ପାଇଁ ସାଂସଦ ଖେଳ ମହୋତ୍ସବର ମୁଖ୍ୟ ସଂଯୋଜକ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଆଜିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍ ଆୟର କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରିବାସହ ପତାକା ଉତ୍ତୋଳନ କରିଥିଲେ।

# ଗରଦପୁର ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ




**ଗରଦପୁର, ୩।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ବନ୍ତଳା ବିଦ୍ୟାଳୟର ପରିସରରେ ମଣ୍ଡଳ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ ସଭାପତି ଅଶୋକ କୁମାର ପରିଡା, (ପ୍ରଧାନ ଶିକ୍ଷକ), ମୁଖ୍ୟ ଅତିଥି ଭାବେ ଅଜୟ କୁମାର ସେଠୀ(ମଣ୍ଡଳ ଶିକ୍ଷା ଅଧିକାରୀ), ମୁଖ୍ୟ ବକ୍ତା ଡ଼, ଶଶିକାନ୍ତ ନାୟକ(ଅଧକ୍ଷ ମାର୍ଶାଘାଇ ମହାବିଦ୍ୟାଳୟ), ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ପଟ୍ଟନାୟକ, ମଣ୍ଡଳ ସହ ଶିକ୍ଷା ଅଧିକାରୀ, ବଳଦେବ ପ୍ରସାଦ ଉପାଧ୍ୟାୟ, ସହ ଶିକ୍ଷା ଅଧିକାରୀମଳୟ କୁମାର ପାଣି, (ଅବସରପ୍ରାପ୍ତ ପ୍ରଧାନଶିକ୍ଷକ) ଏବଂ ଏଲିଜାସ୍ୱାଇଁ ଜିଲ୍ଲାପରିଷଦସଭ୍ୟା, ବ୍ରଜ କିଶୋର ସାହୁ, ସମିତି ସଭ୍ୟ, ରଞ୍ଜନ କୁମାର ନାୟକ, ସରପଞ୍ଚ ବନ୍ତଳା ଗ୍ରା ପ, ଗତିକୃଷ୍ଣ ଦାସ, ଅବସରପ୍ରାପ୍ତ ସହ ଶିକ୍ଷା ଅଧିକାରୀ, ନିଗମାନନ୍ଦ ରାଉତରାୟ, ସଭାପତି ପ୍ରାଥମିକ ଶିକ୍ଷକ ସଙ୍ଘ। ସଭାପତି ଅଶୋକ କୁମାର ପରିଡା, ପ୍ରଧାନ ଶିକ୍ଷକ ମୁଖ୍ୟ ଅତିଥି ଭାବେ ଅଭୟ ମହାରାଜ, ଅଧକ୍ଷ, ଗରଦପୁର ବ୍ଲକ ଚେୟାରମ୍ୟାନ, ମୁଖ୍ୟବକ୍ତା ପିତବାସ ପଣ୍ଡା, ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ। ସମ୍ମାନିତ ଅତିଥି ଅଲେଖ ଚନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସନ୍ତୋଷ କୁମାର ଜେନା, ସଭାପତି ପଞ୍ଚସଖା ଶିକ୍ଷାସେତୁ ଯୋଜନା, ଅମୀୟ ରଂଜନ ବାରିକ, ନୋଡାଲ ସି ଆର୍ ସି ସି ଶରତ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ବିଜୟ କୁମାର ପାଣି ପରିଚାଳନା କମିଟି ସଭାପତି, ରାଜେନ୍ଦ୍ର ମିଶ୍ର ଓ ଆଦିକନ୍ଦ ସାହୁ ବିଚାରକ ବିଜ୍ଞାନ କମିଟି, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୬୫ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ ସଂକ୍ରାନ୍ତ ଦିନିକିଆ ତାଲିମ ଶିବିର

**କେନ୍ଦ୍ରାପଡ଼ା, ୩।୧୨ (ସଂଚାର ବ୍ୟୁରୋ):** ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦କୁ ଆଖି ଆଗରେ ରଖି ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ପୌରପରିଷଦର ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଡେପୁଟି ଡାଇରେକ୍ଟର ପ୍ଲାନିଂ ଆରତୀ ନାୟକଙ୍କ ସମେତ ସମସ୍ତ ବିଡ଼ିଓ, ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସମଗ୍ର ବିଶ୍ୱରୁ ଦାରିଦ୍ର୍ୟ ଦୂରୀକରଣ ତଥା ସମାନତା ଆଣିବା, ପ୍ରକୃତି ଓ ପ୍ରାକୃତିକ ପରିବେଶର ସ୍ଥାୟୀ ସୁରକ୍ଷା, ଏକ ସୁସ୍ଥ ସୁନ୍ଦର ନିରାମୟ ଜୀବନ ବିବା ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବା ଏବଂ ବିଶ୍ୱକୁ ଶାନ୍ତି ଓ ପ୍ରଗତି ପଥରେ ଆଗେଇ ନେବା ଉଦ୍ଦେଶ୍ୟରେ ସେପ୍ଟେମ୍ବର ୨୦୧୫ ମସିହାରେ ମିଳିତ ଜାତିସଂଘ ଅଧକ୍ଷତାରେ ନ୍ୟୁୟର୍କରେ ଅନୁଷ୍ଠିତ ହୋଇଥିବା ଏକ ବୈଠକରେ ୧୯୩ ଟି ସଦସ୍ୟ ରାଷ୍ଟ୍ରଙ୍କ ଦ୍ୱାରା ୧୭ ଟି ଲକ୍ଷ୍ୟ ସ୍ଥିର କରାଯାଇଥିଲା। ଯାହାକି ନିରନ୍ତର ବିକାଶ ଲକ୍ଷ୍ୟ କୁହାଯାଉଛି।

# କଳାକନା ବୁଲଇଲେ ଚୋର

**କେନ୍ଦ୍ରାପଡ଼ା, ୩।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୌରାଞ୍ଚଳ ର କଜଳା ଗ୍ରାମରେ ଗୋଟିଏ ରାତିରେ ୨ଟି ସ୍ଥାନରୁ ଚୋରୀ ହୋଇଥିବା ଜଣାପଡ଼ିଛି। ପୋଲିସକୁ ଚ୍ୟାଲେଂଜ ଦେଇ ୨ଟି ଚୋରୀ ହୋଇଥିବାରୁ ଲୋକଙ୍କ ଭିତରେ ଆତଙ୍କ ସୃଷ୍ଟି ହୋଇଛି। ସେହି ଗ୍ରାମର ନିଗମାନନ୍ଦ ସାହାଣୀଙ୍କ ଘରେ ତାଙ୍କ ଝିଆରୀ ବାହାଘର ପଇଁ ରଖା ଯାଇଥିବା କଂସା ପିତଳ ସାମଗ୍ରୀକୁ ଚୋରୀ କରି ନେଇଥିବା ବେଳେ ଗୋଲଡେନ ଭିଲା କଲୋନୀରୁ ସଞ୍ଜୟ କୁମାର ଜେନାଙ୍କୁ ଘରୁ ଏକ ଲ୍ୟାପଟପ ଏବଂ ଅନ୍ୟାନ୍ୟ ସାମଗ୍ରୀ ଗୁଡିକୁ ଚୋର କଳାକନା ବୁଲାଇଛନ୍ତି। ତେବେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରୀ ହୋଇଥିବା ଜଣାପଡ଼ିଛି। ଏନେଇ ଅଭିଯୋଗ ହେବାପରେ ଥାନା ପକ୍ଷରୁ ଘଟଣାର ତଦନ୍ତ ହେଉଥିବା ଜଣାପଡ଼ିଛି।



# ବିଧାନସଭା ଖବର

## ବର୍ଷକୁ ଆମଦାନୀ ହେଉଛି ୧୭,୫୭୨ ଲକ୍ଷ ବର୍ଗମିଟର କପଡ଼ା

ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ): ରାଜ୍ୟର ଚାହିଦା ମେଣ୍ଟାଇବା ପାଇଁ ଓଡ଼ିଶାକୁ ରାଜ୍ୟ ବାହାରୁ ବର୍ଷକୁ ୧୭,୫୭୨ଲକ୍ଷ ବର୍ଗମିଟର କପଡ଼ା ଆମଦାନୀ ହେଉଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଓଡିଶାରେ ମୁଣ୍ଡପିଛା ବାର୍ଷିକ ହାରହାରି ୩୮.୪୦ବର୍ଗମିଟରର ପୋଷାକ ସାମଗ୍ରୀ ବ୍ୟବହୃତ ହୋଇଥାଏ। ଜାତୀୟ ପରିବାର ସୁମାରୀ-୨୦୨୦ ରେ ଏହି ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟ ଅଧିନରେ ଥିବା ବୟନଶିଳ୍ପ କମିଟିର ତଥ୍ୟ ଅନୁଯାୟୀ ଏହା ଆକଳନ କରାଯାଇଛି। ଏହି ତଥ୍ୟ ଆଧାରରେ ରାଜ୍ୟରେ ବାର୍ଷିକ ୧୭,୭୬୯ ଲକ୍ଷ ବର୍ଗ ମିଟର ପୋଷାକ ସାମଗ୍ରୀ ଆବଶ୍ୟକ ହୋଇଥାଏ। ଏହି ଆବଶ୍ୟକତା ମଧ୍ୟରୁ ରାଜ୍ୟରେ ୧୯୭ଲକ୍ଷ ବର୍ଗମିଟର ପୋଷାକ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ। ଅବଶିଷ୍ଟ ୧୭,୫୭୨ ଲକ୍ଷ ବର୍ଗମିଟର ପୋଷାକ ସାମଗ୍ରୀ ରାଜ୍ୟ ବାହାରୁ ଆମଦାନୀ ହୋଇଥାଏ। ଏହାଛଡ଼ା ଓଡିଶାରେ ଉତ୍ପାଦିତ ହସ୍ତତନ୍ତ ବସ୍ତ୍ର ଓଡିଶା ବାହାରକୁ ରପ୍ତାନି ହେଉଛି। ବିଗତ ପାଞ୍ଚବର୍ଷ ଅର୍ଥାତ୍ ୨୦୨୦-୨୧ର ୨୦୨୪-୨୫ ମଧ୍ୟରେ ଓଡିଶାରୁ ବିଭିନ୍ନ ଦେଶ ଯଥା ଆମେରିକା,ଜାପାନ, ସିଙ୍ଗାପୁର, ଜର୍ମାନୀ, ହଂକଂ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ଇଂଲଣ୍ଡ, ଭିଏତନାମ, ସ୍ପେନ୍, ପୋଲାଣ୍ଡ, କାନାନଡା, ନ୍ୟୁଜିଲ୍ୟାଣ୍ଡ ଓ ଇଟାଲୀ ଆଦି ଦେଶକୁ ଓଡ଼ିଶା ପ୍ରସ୍ତୁତ ପୋଷାକ ପଠାଯାଇଛି। ୨୦୨୦-୨୧ରେ ଏହି ରପ୍ତାନି ପରିମାଣ ପାଖାପାଖି ୨ କୋଟି ଥିବାବେଳେ ୨୦୨୨-୨୩ ରେ ଏହା ୩ କାଟି ୪୫ ଲକ୍ଷ ଟଙ୍କାକୁ ଟପିଯାଇଥିଲା। ତେବେ ୨୦୨୪-୨୫ରେ ଏହା ୧ କୋଟି ୮୮ ଲକ୍ଷ ଟଙ୍କାକୁ ହ୍ରାସ ପାଇଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାଯାଇଛି।

## ଓଡ଼ିଶାରେ ଉତ୍ପାଦିତ ହେଉଛି ନୂତନ ପିଢ଼ି ଟୀକା

ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରେ ନୂତନ ପିଢ଼ିର ଟୀକା ଉତ୍ପାଦନ କରାଯାଉଛି। ଏଥି ମଧ୍ୟରେ ମ୍ୟାଲେରିଆ,ହଇଜା, ଯକ୍ଷ୍ମା ଇତ୍ୟାଦି ରୋଗବିରୋଧୀ ଟୀକାରହିଛି। ରାଜଧାନୀ ଉପକଣ୍ଠ ଅନ୍ଧାରୁଆରେ ଓଡିଶା ବାୟୋଟେକ୍ ପାର୍କରେ ସ୍ଥାପିତ ସାପିଜେନ୍ ବାୟୋଲୋଜିକ୍ସ ଏହିସବୁ ଟିକା ଉତ୍ପାଦନ କରୁଛି। ରାଜ୍ୟରେ ଟୀକା ଉତ୍ପାଦନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଭୁବନେଶ୍ୱର ସ୍ଥିର ଇମେଜ୍ ନେକ୍ସ ଇଣ୍ଡିଆ ୨୦୦୪ରୁ ଭାରତର ପୂର୍ବାଞ୍ଚଳରେ ଆଣବିକ ଜୀବ ବିଜ୍ଞାନ, ପୁନଃ ସଂଯୋଜକ ପ୍ରୋଟିନ୍ ଉତ୍ପାଦନ,କୋଷ ସଂସ୍କୃତି, ଆଣ୍ଟିବଡି ବିକାଶ ଏବଂ ଅନ୍ୟାନ୍ୟ ଡାଉନଷ୍ଟ୍ରିମ୍ ପ୍ରକ୍ରିୟା ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।ବାୟୋଟେକ୍ନୋଲୋଜି କ୍ଷେତ୍ରର ସାମଗ୍ରିକ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଓଡିଶା ଜୈବ ପ୍ରଯୁକ୍ତି ବିଜ୍ଞାନ ନୀତି-୨୦୨୪ ଏବଂ ଜୈବ ବିଜ୍ଞାନ ବିକାଶ ଯୋଜନା ଘୋଷଣା କରାଯାଇଛି, ଯାହାକି ଝାରସୁଗୁଡ଼ା ଜିଲ୍ଲା ସମେତ ସମଗ୍ର ଓଡିଶା ପାଇଁ ପ୍ରଯୁଜ୍ୟ। ଜୈବ ପ୍ରଯୁକ୍ତ ବିକାଶ ଯୋଜନା ଅନୁସାରେ ଶିକ୍ଷା, ଗବେଷଣା ଢାଞ୍ଚାର ସୁଦୃଢ଼ତା, ଇନକ୍ୟୁବେସନ ସେଣ୍ଟର ଓ ନବସୃଜନକୁ ପ୍ରୋତ୍ସାହନ ଉତ୍ପାଦ ଏବଂ ବାୟୋ ଉଦ୍ୟୋଗ ସହିତ ବୈଜ୍ଞାନିକ ସମ୍ପର୍କ ବୃଦ୍ଧିପାଇଁ ବିଶେଷ ପ୍ରୟାସ ଗ୍ରଣ କରାଯାଇଛି। ଓଡିଶା ଜୈବ ପ୍ରଯୁକ୍ତି ବିଜ୍ଞାନ ନୀତି ୨୦୨୪ ଓଡିଶାରେ ବାୟୋଟେକ ଉଦ୍ୟୋଗ ବିକାଶ, ବାୟୋଟେକ୍ ପାର୍କ ପ୍ରତିଷ୍ଠା ଓ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସାହାଯ୍ୟ କରୁଛି।

## ବୃଦ୍ଧି ପାଉଛି ଜଳସେଚିତ ଚାଷ ଜମି

ରାଜ୍ୟରେ ଉଭୟ ଖରିଫ ଓ ରବି ଋତୁରେ ଜଳସେଚିତ ଚାଷଜମିର ପରିମାଣ ବଢ଼ିବାରେ ଲାଗିଛି। ଅନୁରୂପ ଭାବେ ରାଜ୍ୟରେ ପଡିଆ ଜମିର ପରିମାଣ ହ୍ରାସ ପାଉଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଗତ ୫ବର୍ଷ ଧରି ରାଜ୍ୟରେ ଚାଷ ଜମିର ପରିମାଣ ସ୍ଥିର ଥିବାବେଳେ ଜଳସେଚିତ ଚାଷ ଜମିର ପରିମାଣ କିନ୍ତୁ ବଢ଼ିବାରେ ଲାଗିଛି। ଏହି ପାଞ୍ଚ ବର୍ଷ ମଧ୍ୟର ରାଜ୍ୟରେ ଚାଷଜମିର ପରିମାଣ ୬୧ଲକ୍ଷ ୮୦ହଜାର ହେକ୍ଟର ରହିଛି। ତେବେ ଖରିଫ ଋତୁରେ ୨୦୨୦-୨୧ ବର୍ଷରେ ଜଳସେଚିତ ଚାଷ ଜମିର ପରିମାଣ ୨୮୫୬ ହଜାର ହେକ୍ଟର ଥିବାବେଳେ ୨୦୨୪-୨୫ ବର୍ଷରେ ତାହା ୨୯୮୭ ହେକ୍ଟରକୁ ବୃଦ୍ଧି ପାଇଛି। ସେହଭଳି ରବି ଋତୁରେ ଜଳସେଚିତ ଚାଷଜମିର ପରିମାଣ ୨୦୨୦-୨୧ ବର୍ଷରେ ୧୩୯୪ ହଜାର ହେକ୍ଟର ଥିବା ବେଳେ ୨୦୨୪-୨୫ ବର୍ଷରେ ଏହା ୧୬୪୬ ହଜାର ହେକ୍ଟର ଜମିରେ ପହଞ୍ଚିଛି। ୫ ବର୍ଷ ମଧ୍ୟରେ ପଡ଼ିଆ ଜମିର ପରିମାଣ ହ୍ରାସ ପାଇଛି। ୨୦୨୦-୨୧ ବର୍ଷରେ ଏହା ୭୬୫ ହଜାର ହେକ୍ଟର ଥିବା ବେଳେ ବର୍ଷକୁ ବର୍ଷ ଏଭଳି ଜମିର ପରିମାଣ ହ୍ରାସ ପାଇ ୨୦୨୪-୨୫ ବର୍ଷରେ ୫୫୧ ହେକ୍ଟରରେ ପହଞ୍ଚିଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡ଼ିଛି।

## ଓପିଜିସି ପାଉଁଶ ପୋଖରୀ ଭାଙ୍ଗିବାରୁ ୩୧ କୋଟି କ୍ଷତି

ବିଗତ ପାଞ୍ଚ ବର୍ଷ ମଧ୍ୟରେ ଓଡିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ର ପାଉଁଶ ପୋଖରୀ କେବଳ ଥରୁଟିଏ ୨୦୨୩ ସେପ୍ଟେମ୍ବର ୧୨ ତାରିଖରେ ଭାଙ୍ଗିଥିଲା। ଏହି ପାଉଁଶ ପୋଖରୀ ଭାଙ୍ଗିବା ଫଳରେ ଓପିଜିସିର ମୋଟ୍ ୩୧ କୋଟି ୨୭ ଲକ୍ଷ ଟଙ୍କାର କ୍ଷତି ହୋଇଛି। ଓପିଜିସି ପାଉଁଶ ପୋଖରୀ ଭାଙ୍ଗିବା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସେ ଦର୍ଶାଇଛନ୍ତି ଯେ ଏହି ପାଉଁଶ ପୋଖରୀ ଭାଙ୍ଗିବାର ବିଫଳତା ପାଇଁ କୌଣସି ମାନବୀୟ ହସ୍ତକ୍ଷେପର ପ୍ରମାଣ ମିଳିନଥିଲା। ଏହି ଦୁର୍ଘଟଣା ଯୋଗୁଁ ପ୍ରାୟ ୧୫୪ ଏକର ଚାଷଜମି ଓ ରେଙ୍ଗାଲି ଗାଁର ଏକ ଛୋଟ ପୋଖରୀ ପ୍ରଭାବିତ ହୋଇଛି। ଏ ବାବଦରେ ଓପିଜିସି ପକ୍ଷରୁ ମୋଟ ୭୧ ଲକ୍ଷ ୮୯ ହଜାର ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି।

## ଜଙ୍ଗଲ ନିଆଁକୁ ରୋକୁଛି ଏଆଇ

କିଛି ଜାଗାରେ ଆଦିବାସୀମାନେ ଜଙ୍ଗଲରେ ନିଆଁ ଲଗାଇଥାନ୍ତି। ମକର ପରେ ପରେ ନିଜ ଜମିର ଉର୍ବରତା ବଢ଼ାଇବା ପାଇଁ ସେମାନେ ଜଙ୍ଗଲ ପୋଡ଼ିଥାନ୍ତି। ଏବେ ଜିପିଏସ ସିଷ୍ଟମ ଦ୍ୱାରା ନିଆଁକୁ ଟ୍ରାକିଂ କରାଯାଉଛି। ଆଧୁନିକ ଜ୍ଞାନକୌଶଳ କୃତ୍ରିମ ବୁଦ୍ଧିମତା (ଏଆଇ) ର ବ୍ୟବହାର କରାଯାଇ ଜଙ୍ଗଲ ନିଆଁକୁ ରୋକାଯାଇପାରୁଛି ଏବଂ ଶିକାରୀଙ୍କୁ ମଧ୍ୟ ରୋକାଯାଇପାରୁଛି। ଏହି କାରଣରୁ ଜୀବଜନ୍ତୁ ମୃତ୍ୟୁ ହାର କମିଛି, ଘଞ୍ଚ ଜଙ୍ଗଲରେ ନିଆଁ କମିଛି ବୋଲି କହିଛନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ କହିଛନ୍ତି ଯେ ବିଭାଗ ପକ୍ଷରୁ ନଦୀ ଜଳକୁ ତିନି ମାସରେ ଥରେ ପରୀକ୍ଷା ହେଉଛି। ଆମେ କହିପାରିବା ନାହିଁ ସବୁ ସ୍ଥାନରେ ନଦୀ ଜଳ ଠିକ ଅଛି। କଳ କାରଖାନାରୁ ବର୍ଜ୍ୟ ବସ୍ତୁ ଆସୁଛି। ନିରନ୍ତର ଭାବେ ନଦୀ ଜଳ ଚେକ କରିବାକୁ ନିର୍ଦ୍ଦେଶ ରହିଛି। ବିଭାଗର ଅଧିକାରୀମାନେ ଭୁଲ କଲେ ସେମାନଙ୍କର ଗୋଟିଏ ମାସର ଦରମା ବନ୍ଦ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ମାଧୁରୀ ନେଇଛନ୍ତି ୧.୬୦ କୋଟି

ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡର ଭାବେ ବଲିଉଡ ଅଭିନେତ୍ରୀ ଶ୍ରୀମତୀ ମାଧୁରୀ ଦିକ୍ଷୀତ ନେନେଙ୍କୁ ୨୦୨୫ ରେ ନିଯୁକ୍ତି କରାଯାଇଅଛି। ଏହି ନିଯୁକ୍ତି ପାଇଁ ଶ୍ରୀମତୀ ନେନେଙ୍କୁ ରାଜ୍ୟ ରାଜକୋଷରୁ ୧ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଅଛି ବୋଲି ବିଧାନସଭାରେ ସୂଚନା ଦେଇଛନ୍ତି ରାଜ୍ୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ପ୍ରଦୀପ ବଳ ସାମନ୍ତ। ମନ୍ତ୍ରୀ କହିଛନ୍ତି ଯେ ତାଙ୍କ ପାଇଁ ଯିବା ଆସିବା ଫ୍ଲାଇଟ ଟିକେଟ, ରହିବା ଏବଂ ଖାଇବା ବ୍ୟବସ୍ଥା କରାଯାଇଛି। ଓଡିଶା ହସ୍ତତନ୍ତର ଚାହିଦାକୁ ଆନ୍ତର୍ଜାତୀୟ ବଜାରରେ ବ୍ୟାପକ କରିବା ପାଇଁ, ବିଶ୍ୱ ସ୍ତରରେ ଖ୍ୟାତି ସମ୍ପର୍ଣ୍ଣ ବଲିଉଡ ଅଭିନେତ୍ରୀ ମାଧୁରୀ ଦିକ୍ଷୀତ ନେନେଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି କରାଯାଇଛି, ଯାହାଦ୍ୱାରା ରାଜ୍ୟର ପାରମ୍ପରିକ ହସ୍ତତନ୍ତ କଳା ଓ ସୁନାମ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିପାରିବ। ଯାହାଦ୍ୱାରା ରାଜ୍ୟ ବୁଣାକାରଙ୍କ ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ।

## ୩୧ ପର୍ଯ୍ୟନ୍ତ ଜାରି ରହିବ ଇ-କେୱାଇସି ପ୍ରକ୍ରିୟା

ଇ-କେୱାଇସି ପ୍ରକ୍ରିୟା ଓ କ୍ଷେତ୍ର ତର୍ଜମା ସମୟରେ ୬ ଲକ୍ଷ ୮୩ ହଜାର ୯୯୫ ଜଣ ମୃତ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ସେହିପରି ୩୩ ହଜାର ୧୨୮ ଅଯୋଗ୍ୟ ରାସନ କାର୍ଡକୁ ବାତିଲ କରାଯାଇଛି। ଯାହାର ପରିବାର ସଦସ୍ୟଙ୍କ ସଂଖ୍ୟା ହେଉଛି ୧ ଲକ୍ଷ ୨୦ ହଜାର ୧୯୧। ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରେ ୪ ହଜାର ୭୪୭ଟି ଜାଲି ରାସନ କାର୍ଡ ଧରାପଡ଼ିଛି ବୋଲି ବିଧାନସଭାରେ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେହିପରି ଦ୍ୱିତୀୟରେ କଟକ ରୁ ୨୯୦୫ଟି ଜାଲି କାର୍ଡ ଧରାପଡ଼ିଛି। ଏ କ୍ଷେତ୍ରରେ ତୃତୀୟରେ ରହିଛି ସୁନ୍ଦରଗଡ଼ ଜିଲ୍ଲା, ଯେଉଁଠି ୨୩୫୭ଟି ଜାଲ ରାସନ କାର୍ଡ ଧରାପଡ଼ିଛି। ବିଧାନସଭାରେ ଲିଖିତ ଉତ୍ତର ରଖିଲେ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର। ଅନ୍ୟ ଏକ ଲିଖିତ ଉତ୍ତର ରେ ଯୋଗାଣ ମନ୍ତ୍ରୀ କହିଛନ୍ତି ଗତ ବର୍ଷ ଜୁନ୍‌ଠାରୁ ରାସନ କାର୍ଡ ପାଇଁ ମୋଟ ୧୫ ଲକ୍ଷ ୩୩ ହଜାର ୧୫୩ଟି ଆବେଦନ ହସ୍ତଗତ ହୋଇଛି। ସେଥିମଧ୍ୟରୁ ୩ ଲକ୍ଷ ୨୩ ହଜାର ୧୪୫ଟି ଆବେଦନ (ପରିବାର ସଦସ୍ୟ ସଂଖ୍ୟା ୬ ଲକ୍ଷ ୩୯ ହଜାର ୮୨୭)ଗୁଡିକ କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ବିବେଚିତ ହୋଇ ଖାଦ୍ୟ ସୁରକ୍ଷା ଯୋଜନାରେ ନୂଆ କରି ସାମିଲ୍ ହୋଇଛନ୍ତି। ସେହିପରି ୭ ଲକ୍ଷ ୩୭ ହଜାର ୫୩୦ଟି ଆବେଦନକୁ 'ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା ନିୟମ ୨୦୨୦'ର ବାଦ ଦେବା ମାନଦଣ୍ଡ ଭିତ୍ତିରେ ଅଗ୍ରାହ୍ୟ କରାଯାଇଛି। ବଳକା ଥିବା ଓ ସଦ୍ୟ ହସ୍ତଗତ ହେଉଥିବା ୪ ଲକ୍ଷ ୭୨ ହଜାର ୪୭୮ଟି ଆବେଦନର ବ୍ଲକ ଓ ପୌରାଞ୍ଚଳ ସ୍ତରରେ କ୍ଷେତ୍ର ତର୍ଜମା ଚାଲିଛି।

# ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ବିଲ ଗୃହୀତ | ଦୈନିକ କାର୍ଯ୍ୟ ଅବଧି ୧୦ ଘଣ୍ଟା

ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ): ଏଣିକି ରାଜ୍ୟରେ କର୍ମଚାରୀଙ୍କ କାର୍ଯ୍ୟ ସମୟ ନିର୍ଘଣ୍ଟକୁ ବଢ଼ାଇଛନ୍ତି ସରକାର। କୌଣସି ବାଣିଜ୍ୟିକ ପ୍ରତିଷ୍ଠାନ, ଦୋକାନ, କାରଖାନା ବା ସାଧାରଣ କାର୍ଯ୍ୟାଳୟରେ କର୍ମଚାରୀମାନେ ଦିନକୁ ୧୦ ଘଣ୍ଟା କାମ କରିବେ। ଏହା ଉପରକୁ ଯଦି କୌଣସି ସଂସ୍ଥା କାମ କରାଏ ତେବେ ତାହାକୁ ଓଭର ଟାଇମ ଭାବେ ଗ୍ରହଣ କରାଯିବ। ତ୍ରୈମାସିକ



ଓଭର ଟାଇମ କାର୍ଯ୍ୟସୀମା ମଧ୍ୟ ୫୦ ଘଣ୍ଟାରୁ ୧୪୪ ଘଣ୍ଟାକୁ ବୃଦ୍ଧି କରାଯାଇଛି। ଏନେଇ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ୧୯୫୬ରେ ସଂଶୋଧନକୁ ବିଧାନସଭାର ମଞ୍ଜୁରୀ ମିଳିଛି। ରାଜ୍ୟ ସରକାର ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନରେ ସଂଶୋଧନ ଆଣି ଏପରି ଏକ ନିଷ୍ପତ୍ତି ନେଇଛନ୍ତି। ୨୦ କିମ୍ବା ତଦୁର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ଏହା ଲାଗୁ ହେବ। ସମସ୍ତ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନରେ ନିୟୋଜିତ କର୍ମଚାରୀଙ୍କ ସଂଖ୍ୟା ନିର୍ବିଶେଷରେ ଓଡିଆ ସାଇନ ବୋର୍ଡ ପ୍ରଦର୍ଶନ କରିବାକୁ ପଡ଼ିବ। ପୂର୍ବରୁ କର୍ମଚାରୀ ଓ ଶ୍ରମିକଙ୍କ ଦୈନିକ କାମ ସମୟ ନିର୍ଘଣ୍ଟ ୯ ଘଣ୍ଟା ରହିଥିଲା। ଏବେ ତାହାକୁ ୧୦ ଘଣ୍ଟାକୁ ବଢ଼ାଇଛନ୍ତି ରାଜ୍ୟ ସରକାର। ନିଷ୍ପତ୍ତି ଅନୁସାରେ ଏକ ପ୍ରତିଷ୍ଠାନରେ କର୍ମଚାରୀଙ୍କ କାର୍ଯ୍ୟପାଳି ଅତି କମରେ ଅଧଘଣ୍ଟାର ବ୍ୟବଧାନ ବିନା ନିରନ୍ତର ୬ ଘଣ୍ଟାରୁ ଅଧିକ ହେବନାହିଁ ବୋଲି ଆଜି ବିଧାନସଭାରେ ସଂଶୋଧିନ ବିଲ ଆଗତ କରି ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। କୌଣସି ପ୍ରତିଷ୍ଠାନରେ ଜଣେ କର୍ମଚାରୀ କୌଣସି ଦିନରେ ୧୦ ଘଣ୍ଟାରୁ ଅଧିକ କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କଲେ ତାଙ୍କୁ ଓଭରଟାଇମ କାର୍ଯ୍ୟ ବାବଦକୁ ସାଧାରଣ ମଜୁରି ହାରର ଦ୍ୱିଗୁଣିତ ମଜୁରି ପାଇବାକୁ ହେବ। ପ୍ରତିଷ୍ଠାନ ଗୁଡ଼ିକ ଦିନରାତି ୨୪ ଘଣ୍ଟା ଏବଂ ବର୍ଷକୁ ୩୬୫ ଦିନ ଖୋଲା ରହି ପାରିବ। ରାତିରେ ମହିଳା କର୍ମଚାରୀଙ୍କ କାର୍ଯ୍ୟ ଉପରେ ପ୍ରତିବନ୍ଧକ ହଟିବ। ମହିଳା କର୍ମଚାରୀମାନଙ୍କୁ ସେମାନଙ୍କ ଲିଖିତ ସମ୍ମତିରେ ରାତ୍ରିରେ ନିୟୋଜିତ କରାଯାଇପାରିବ।

# ବିକ୍ରମଙ୍କ ଜାମିନ ଆବେଦନ ଶୁଣାଣି ସ୍ଥଗିତ

## ୯ ତାରିଖରେ ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର, ୩।୧୨ (ସଂଚାର ବ୍ୟୁରୋ) : ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନ ଶୁଣାଣିକୁ ସ୍ଥଗିତ ରଖିଛନ୍ତି ଗଞ୍ଜାମ ଜିଲ୍ଲା ଦୌରା ଜଜ୍ କୋର୍ଟ। ପରବର୍ତ୍ତୀ ଶୁଣାଣି ଆସନ୍ତା ୯ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି । ବିକ୍ରମ ପଣ୍ଡା, ମଦନ ଦଳେଇଙ୍କ ଜାମିନ ଆବେଦନ ଶୁଣାଣି ଜିଲ୍ଲା ଦୌରା ଜଜ୍



କୋର୍ଟରେ ସମୟ ଧାର୍ଯ୍ୟ ଥିଲା। ମାମଲାର ତଦନ୍ତ ଅଧିକାରୀ ସିଡି ଦାଖଲ ପାଇଁ କୋର୍ଟକୁ ସମୟ ମାଗିଛନ୍ତି । ସିଡି ଦାଖଲ କରିନଥିବା ଯୋଗୁଁ ଆସନ୍ତା ୯ ତାରିଖରେ କୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ଶୁଣାଣି ୯ ତାରିଖକୁ ଦିନ ଧାର୍ଯ୍ୟ ହୋଇଥିବା ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି ।




ବିଧାନସଭା ସମ୍ମୁଖରେ ୧୦ ଦଫା ଦାବି ନେଇ ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟିର ବିକ୍ଷୋଭ।

# ୧୩ରେ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

- ଫାଇଦା ନେବାକୁ ଜନସାଧାରଣଙ୍କୁ ନିବେଦନ
- ବିନା ଖର୍ଚ୍ଚରେ ସମାଧାନ ସୁଯୋଗ

ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ): ଆସନ୍ତା ୧୩ ତାରିଖରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତ ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଟାଙ୍ଗୀ, ଚିଲିକା ଓ ବେଗୁନିଆଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସଲୋମୀ ସାହୁ ସୂଚନା ଦେଇଛନ୍ତି। ଉକ୍ତ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମାମଲା ଯଥା ଫୌଜଦାରୀ (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ରାଜସ୍ୱ, ମୋଟର ଯାନ ଦୁର୍ଘଟଣା, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ, ଜଳ ଓ ଟେଲିଫୋନ୍ ଦେୟ, ବ୍ୟାଙ୍କ ଋଣ ଅନାଦେୟ, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା ଓ ଅବସରକାଳୀନ ପ୍ରାପ୍ୟ) ଓ ସମସ୍ତ ପ୍ରକାରର ଦେୱାନୀ ମାମଲାର ଆପୋଷ ସହମତି ଭିତ୍ତିରେ ସମାଧାନ କରାଯାଇପାରିବ।

ଲୋକ ଅଦାଲତରେ ମକଦ୍ଦମା ଫଇସଲା ପାଇଁ କୌଣସି ଆର୍ଥିକ ଖର୍ଚ୍ଚର ଆବଶ୍ୟକତା ନାହିଁ। ଏହି ଅଦାଲତର ରାୟ ଚୂଡ଼ାନ୍ତ ଓ ବୈଧ ହୋଇଥିବା ବେଳେ କୌଣସି ବିଚାରାଧୀନ ମାମଲା ଲୋକ ଅଦାଲତ ମାଧ୍ୟମରେ ସମାଧାନ ହେଲେ, ପୂର୍ବରୁ ପୈଠ କରାଯାଇଥିବା କୋର୍ଟ ଫି' ମଧ୍ୟ ଫେରସ୍ତ କରାଯିବାର ବ୍ୟବସ୍ଥା ରହିଛି। ଆହୁରି ଦୀର୍ଘଦିନ ଧରି ଚାଲିଥିବା ମକଦ୍ଦମାଗୁଡ଼ିକର ସହଜ ସମାଧାନ, ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ବର୍ତ୍ତିବା ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଏଣୁ ଜନସାଧାରଣ ଏହି ଲୋକ ଅଦାଲତର ଫାଇଦା ନେବା ସହ ନିଜ ନିଜର ମାମଲାକୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପଞ୍ଜିକରଣ କରାଇପାରିବେ। ନଚେତ୍ ସେମାନେ ନିକଟସ୍ଥ ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପ୍ରାଧିକରଣ ପରାମର୍ଶ ଦେଇଛନ୍ତି।

# ସୁଧୀର କୁମାର ପଣ୍ଡା ପିସିଆଇ ସଦସ୍ୟ

ଭୁବନେଶ୍ୱର, ୩।୧୨ (ସଂଚାର ବ୍ୟୁରୋ): ପ୍ରତିଦିନ ଖବରକାଗଜ ଓ ପ୍ରତିଦିନ ଟିଭିର ସୁଧୀର କୁମାର ପଣ୍ଡା ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ଭାରତୀୟ ପ୍ରେସ୍ ପରିଷଦ - ପିସିଆଇ )ର ସଦସ୍ୟ ମନୋନୀତ ହୋଇଛନ୍ତି। ଭାରତର ରାଜପତ୍ର (ଦି ଗେଜେଟ୍ ଅଫ୍ ଇଣ୍ଡିଆ)ରେ ପ୍ରକାଶିତ ଅଧିସୂଚନା ଅନୁଯାୟୀ, ଶ୍ରୀ ପଣ୍ଡା ତିନି ବର୍ଷ ପାଇଁ ସଦସ୍ୟ ଭାବେ ରହିବେ। ଶିକ୍ଷା ଓ ବିଜ୍ଞାନ, ସାହିତ୍ୟ, ସଂସ୍କୃତି, ସମ୍ବାଦପତ୍ର ସହ ଜଡ଼ିତ ବ୍ୟକ୍ତି ପିସିଆଇ ସଦସ୍ୟ ଭାବେ ମନୋନୀତ ହୋଇଆସିଛନ୍ତି। ସଦସ୍ୟ ଭାବେ ମନୋନୀତ ହୋଇଥିବା ଅନ୍ୟମାନେ ହେଲେ ଏମ୍‌ଭି ଶ୍ରେୟାଂଶ



କୁମାର (ମାତୃଭୂମି, କୋଝିକୋଡ଼, କେରଳ), ଗୁରିନ୍ଦର ସିଂହ (ଇଣ୍ଡିଆନ ଅବ୍‌ଜର୍ଭର, ନୂଆଦିଲ୍ଲୀ), ଅରୁଣ କୁମାର ତ୍ରିପାଠୀ (ଜନ ଏକ୍ସପ୍ରେସ, ଲକ୍ଷ୍ନୌ, ଉତ୍ତର ପ୍ରଦେଶ), ଆରତୀ ତ୍ରିପାଠୀ (ଜୟ ପ୍ରଦେଶ, ଲକ୍ଷ୍ନୌ, ଉତ୍ତର ପ୍ରଦେଶ), ବ୍ରଜ ମୋହନ ଶର୍ମା (ଗୁଲାବୀ ହଲଚଲ, ଜୟପୁର)। ସେହିପରି ୩ ଜଣ ସାଂସଦ ସମ୍ବିତ ପାତ୍ର (ଓଡ଼ିଶା), କାଳୀ ଚରଣ ମୁଣ୍ଡା (ଝାଡ଼ଖଣ୍ଡ) ଓ ନରେଶ ଗଣପତ ମହସ୍କେ (ମହାରାଷ୍ଟ୍ର) ମଧ୍ୟ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଶ୍ରୀ ପଣ୍ଡା ପିସିଆଇର ସଦସ୍ୟ ଭାବେ ମନୋନୀତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ଜୀ ସାର୍ଥକ ଧାରାବାହିକ 'ଭାଗ୍ୟରେଖା'ରେ ବିବାହ ଋତୁ

ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ): ଓଡ଼ିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିରେ ରଖି ଭେଟି ଦେଉଥିବା ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ପାଇଁ ଓଡ଼ିଶାରେ ଏକ ନମ୍ବର ହୋଇ ପାରିଛି। ନୂଆ ଓ ଭିନ୍ନ ରୁଚିର କାହାଣୀ ପରଷୁଥିବାରୁ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ଜୀ ସାର୍ଥକ। ଦର୍ଶକଙ୍କର ଅତି ପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା' ଏବେ ୫୦୦ ଅଧ୍ୟାୟ ଅତିକ୍ରମ କରି ସାରିଛି ଯାହା ପ୍ରତି ସୋମବାରରୁ ଶନିବାର ରାତି ୯ଟାରେ ଓଡିଆ ଦର୍ଶକଙ୍କ ଭଲପାଇବା ପାଉଛି। ଆଗକୁ ଏହି ଧାରାବାହିକର କାହାଣୀରେ ଆସିବାକୁ ହେବାକୁ ଯାଉଛି ଆହୁରି ରୋମାଞ୍ଚକର ମୋଡ଼।

ସୌଭାଗ୍ୟ ଓ କାଜଲ ଙ୍କ ନିର୍ବନ୍ଧ ଦିନ ସୌଭାଗ୍ୟ ସ୍ମୃତିକୁ ଭୁଲ ବୁଝି ବହୁତ କିଛି କହି ଦେଇଛନ୍ତି, ଯାହାର ଫଳ ସ୍ୱରୂପ ସ୍ମୃତି ଘର ଛାଡି



ଚାଲି ଯିବାର ନିଷ୍ପତ୍ତି ନେଇଛନ୍ତି। ସ୍ମୃତି ଘରୁ ବାହାରକୁ ଯିବା ପରେ, ଅମିତ ତାଙ୍କୁ ଅପହରଣ କରି ଏକ ମନ୍ଦିରରେ ବିବାହ କରିବାକୁ ବାଧ୍ୟ କରେ। ହେଲେ ଠିକ୍ ସମୟରେ ସୌଭାଗ୍ୟ ପହଞ୍ଚି ସ୍ମୃତିଙ୍କୁ ଉଦ୍ଧାର କରନ୍ତି ଓ ସେହି ସ୍ଥାନରୁ ଖସିଯିବା ସମୟରେ, ଦୁହେଁ ରାତିସାରା ଅନ୍ୟ ଏକ ମନ୍ଦିରରେ ଲୁଚି ରହନ୍ତି। ଭୋର ସମୟରେ ଗାଁ ଲୋକେ ସେମାନଙ୍କୁ ପାଇଥାନ୍ତି ଏବଂ ସେମାନେ ଘରୁ ଲୁଚି ପଳାଇଯାଇଥିବା ଭାବି ମନ୍ଦିରର ସମ୍ମାନ ଓ ପବିତ୍ରତା ରକ୍ଷା ପାଇଁ ସେମାନଙ୍କୁ ସେହି ମନ୍ଦିରରେ ବିବାହ କରିବାକୁ ବାଧ୍ୟ କରନ୍ତି। ଗାଁ ଲୋକ ଧମକ ଦିଅନ୍ତି କି ଯଦି ସେମାନେ ଏବେ ବାହା ନ ହୁଅନ୍ତି, ତେବେ ସେମାନଙ୍କୁ ହତ୍ୟା କରାଯିବ। କୌଣସି ବିକଳ୍ପ ନ ପାଇ ସେମାନେ ବାଧ୍ୟ ହୋଇ ବିବାହ କରନ୍ତି। 'ଭାଗ୍ୟରେଖା' କାହାଣୀ ହେଉଛି ନୂତନ ପିଢ଼ିର ରାଗରୁଷା, ମାନ ଅଭିମାନ, ଷଡଯନ୍ତ୍ର ଓ ଭଲପାଇବା ନେଇ ଆଧାରିତ ଧାରାବାହିକ। ତେଣୁ କାହାଣୀରେ ଆସୁଥିବା ନୂଆ ନୂଆ ରୋମାଞ୍ଚ ଆମ ଦର୍ଶକଙ୍କୁ ଏକ ନୂତନ ଅନୁଭବ ଦେବ ବୋଲି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ କହିଛନ୍ତି।

# ଜୁଆଡ଼ିଙ୍କୁ ଜେଲ ଯିବାକୁ ପଡ଼ିବନି

ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ) : ରାଜ୍ୟରେ ଜୁଆ ଖେଳିକି ଧରାପଡ଼ିଲେ ଆଉ ଜେଲ୍ ଯିବାକୁ ପଡ଼ିବନି । କେବଳ ଜରିମାନା ଦେଇଦେଲେ ସରକାର ଜୁଆ ଖେଳିବାଜନିତ ଅପରାଧକୁ ମାଫ୍ କରିଦେବେ । ଗତକାଲି ବିଧାନସଭାରେ ଓଡିଶା ଜନ ବିଶ୍ୱାସ ବିଲ୍ ପାରିତ ହୋଇଛି । ଏହି ବିଲ୍‌ରେ ୯ ଟି ବିଭାଗର ୧୬ ଟି ଆଇନରେ ସଂଶୋଧନ କରିଛନ୍ତି ସରକାର । ଓଡିଶା ଜୁଆ ଖେଳ ପ୍ରତିରୋଧ ଅଧିନିୟମରେ ଥିବା ଜେଲ ଦଣ୍ଡ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି । ଏଣିକି ଜେଲ ଦଣ୍ଡ ବଦଳରେ ଜରିମାନା ବ୍ୟବସ୍ଥା ଲାଗୁ ହେବ । ଜୁଆ ଖେଳିଲେ ପୂର୍ବରୁ ଯେଉଁ ଜରିମାନା ୧୦୦ ଟଙ୍କା ଥିଲା ତାକୁ ୫ ହଜାର ଟଙ୍କା କରାଯାଇଛି, କାରାଦଣ୍ଡ କ୍ଷେତ୍ରରେ ୭୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ରଖାଯାଇଛି । ପୂର୍ବରୁ ଜୁଆ ଖେଳିଲେ ଯେଉଁ ୧ମାସରୁ ୬ ମାସ ପର୍ଯ୍ୟନ୍ତ କାରାଦଣ୍ଡ ଥିଲା ତାହାକୁ ସଂପୂର୍ଣ୍ଣ ଭାବେ ଉଠାଇ ଦିଆଯାଇଛି । ଏହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି । ଜୁଆ ଖେଳକୁ ସରକାର ମାନ୍ୟତା ଦେଇଦେଲେ । ଏହା ବିଶ୍ୱାସଘାତକ ବିଲ୍। ଏବେ ଜୁଆ ଖେଳରେ ଆଉ ରୋକ ରହିବ ନାହିଁ । ପୂର୍ବରୁ ଜୁଆ ଖେଳିଲେ ଯେଉଁ ୧ ମାସରୁ ୬ ମାସ ପର୍ଯ୍ୟନ୍ତ କାରାଦଣ୍ଡ ଥିଲା ତାହାକୁ ସଂପୂର୍ଣ୍ଣ ଭାବେ ଉଠାଇ ଦିଆଯାଇଛି ।

# ଜମି ମାଲିକଙ୍କୁ ଲାଞ୍ଚ ମାଗିବାରୁ ୩ ବର୍ଷ ଜେଲ, ୧୦ହଜାର ଜରିମାନା

ବରଗଡ଼, ୩।୧୨ (ସଂଚାର ବ୍ୟୁରୋ) : ଜମି ଅଧିଗ୍ରହଣ ବାବଦକୁ କ୍ଷତିପୂରଣ ପ୍ରଦାନରେ ଜଣେ ଜମି ମାଲିକଙ୍କଠାରୁ ଲାଞ୍ଚ ନେବା ବରଗଡ଼ ଅଶୋକା ବିଲ୍ଡକନର ଲିଆସୋନିଙ୍ଗ



ଆସିଷ୍ଟାଣ୍ଟ ଶାନ୍ତନୁ ନାଏକଙ୍କୁ ମହଙ୍ଗା ପଡ଼ିଛି। ବରଗଡ଼ ଭିଜିଲାନ୍ସ କୋର୍ଟରେ ସ୍ୱତନ୍ତ୍ର ବିଚାରପତି ବୁଧବାର ଏହି ଲାଞ୍ଚ ମାମଲାର ବିଚାର କରି ଲିଆସୋନିଙ୍ଗ ଆସିଷ୍ଟାଣ୍ଟ ନାଏକଙ୍କୁ ୩ବର୍ଷ କାରାଦଣ୍ଡାଦେଶ ଏବଂ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ପ୍ରକାଶ ଥାଉକି, ଅଶୋକା ବିଲ୍ଡକନ ଏକ ରାସ୍ତା ନିର୍ମାଣକାରୀ ସଂସ୍ଥା। ଏହି ସଂସ୍ଥା ବରଗଡ଼ ଜିଲା ସୋହେଲା ଥାନା ଲୁହୁରାଚଟିଠାରୁ ସମ୍ବଲପୁର ଜିଲା ଅଇଁଠାପାଲି ପର୍ଯ୍ୟନ୍ତ ୮୮କି.ମି ଫୋରଲେନ ରାସ୍ତା ନିର୍ମାଣ କରିଛି। ତେବେ ଏହି ରାସ୍ତା ନିର୍ମାଣ ସମୟରେ ଜମି ଅଧିଗ୍ରହଣ ହୋଇଥିଲା ଏବଂ ସେହି ସମୟରେ ଲିଆସୋନିଙ୍ଗ ଆସିଷ୍ଟାଣ୍ଟ୍ ନାଏକ ଜଣେ ଜମି ମାଲିକଙ୍କୁ କ୍ଷତିପୂରଣ ଯୋଗାଇବା ପାଇଁ ୩୦ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରାପଡ଼ିଥିଲେ। ତାଙ୍କ ବିରୋଧରେ ବରଗଡ଼ ଭିଜିଲାନ୍ସ କୋର୍ଟରେ ମାମଲା ଚାଲିଥିଲା।

# ନିରାପତ୍ତା ଅଧିକାରୀଙ୍କ ବୈଷୟିକ ପ୍ରଶିକ୍ଷଣ କର୍ମଶାଳା

ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ): ରାଜ୍ୟରେ ବିଭିନ୍ନ କାରଖାନାମାନଙ୍କରେ ସୁରକ୍ଷିତ କାର୍ଯ୍ୟସ୍ଥଳୀ ଓ ଶ୍ରମିକ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଇଆସୁଥିବାରୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅନୁମୋଦନ କ୍ରମେ କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ନିରାପତ୍ତା ଅଧିକାରୀମାନଙ୍କ ପାଇଁ ବିଭିନ୍ନ ସୁରକ୍ଷା ବିଷୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଆୟୋଜିତ ହୋଇଆସୁଛି। ଏହି କ୍ରମରେ ଆଜି ରାଜ୍ୟ ଶ୍ରମ ପ୍ରତିଷ୍ଠାନ ପକ୍ଷରୁ ଏହାର ସମ୍ମିଳନୀ କକ୍ଷରେ ଏକ ଦିନିକିଆ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା କାର୍ଯ୍ୟସ୍ଥଳରେ ବିପଦ ସନ୍ଧାନ, ସୁରକ୍ଷିତ ବ୍ୟବହାର ଓ ଦୁର୍ଘଟଣା ପ୍ରତିରୋଧରେ ନିରାପତ୍ତା ଅଧିକାରୀଙ୍କ ସକ୍ରିୟ ଭୂମିକାକୁ ଶକ୍ତିଶାଳୀ କରିବା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ କହିଛନ୍ତି ଯେ ରାଜ୍ୟର ସର୍ବୋତ୍ତମ କାର୍ଯ୍ୟାଳୟମାନଙ୍କର ସୁରକ୍ଷା ମାନଦଣ୍ଡ ଏକ ଉଦାହରଣ ସୃଷ୍ଟି କରିଛି। ନିରାପତ୍ତା ଅଧିକାରୀମାନେ ଏହି ଉଦାହରଣକୁ ଅନୁସରଣ କରି ନିଜ କାର୍ଯ୍ୟାଳୟକୁ ଅଧିକ ସୁରକ୍ଷିତ, ସଫଳ ଓ ପ୍ରଭାବଶାଳୀ ଭାବେ ପରିଚାଳନା କରିପାରିବେ।

କର୍ମଶାଳାର ସଂଯୋଜକ ତଥା ଉପନିର୍ଦ୍ଦେଶକ (ସୁରକ୍ଷା) ଡଃ ମଳୟ କୁମାର ପ୍ରଧାନ କହିଛନ୍ତି ଯେ ନିରାପତ୍ତା ଅଧିକାରୀମାନଙ୍କ ପ୍ରଶିକ୍ଷଣ ହେଉଛି ଶ୍ରମିକମାନଙ୍କୁ ସଚେତନ ଓ ସୁରକ୍ଷିତ କାର୍ଯ୍ୟପ୍ରଣାଳୀ ଗ୍ରହଣରେ ସମର୍ଥ କରିବାର ଏକ ମୂଲ୍ୟବାନ ପଦକ୍ଷେପ, ଯାହା ଦୁର୍ଘଟଣା ହ୍ରାସ ଦିଗରେ ସହଯୋଗ କରିଥାଏ। କର୍ମଶାଳା ଶେଷରେ ତାଲିମ ସମାପ୍ତ କରିଥିବା ୫୦ ଜଣ ସ୍ୱୀକୃତିପ୍ରାପ୍ତ ନିରାପତ୍ତା ଅଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ ଜକରାଯାଇଥିଲା।

# ଓମଫେଡ୍ ଦୁଗ୍ଧରେ ଭିଟାମିନ୍ ମିଶୁଛି

ଭୁବନେଶ୍ୱର,୩।୧୨: ଓମଫେଡ୍ ଦୁଗ୍ଧରେ ମାନଦଣ୍ଡ ଆଧାରରେ ଭିଟାମିନ୍-ଏ' ଓ ଭିଟାମିନ୍-ଡି୨ ମିଶାଯାଏ। ଏଥିସହ ଏହି ଦୁଗ୍ଧରେ ସ୍କିମ୍ ମିଲ୍କ ପାଉଡର (ଏସଏମପି ) କିମ୍ବା ହୋଲ ମିଲ୍କ ପାଉଡର (ଡବ୍ଲ୍ୟୁଏମପି) ମିଶାଯାଏ। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ।

ଓମଫେଡ୍ ଦୁଗ୍ଧ ଉତ୍ପାଦନ ଓ ବିକ୍ରୟ ନିଇ ବିଧାୟକ ଚକ୍ରମଣି କହଁର ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ




ବର୍ତ୍ତମାନ ଓମଫେଡ୍ ମାଧ୍ୟମରେ ଦୈନିକ ହାରାହାରି ୫ ଲକ୍ଷ ୧୪ ହଜାର ଲିଟର ଦୁଗ୍ଧ ସଂଗ୍ରହ କରାଯାଉଛି ଓ ଦୈନିକ ପ୍ରାୟ ୪ ଲକ୍ଷ ୧୪ ହଜାର ଲିଟର ଦୁଗ୍ଧ ଓ ଦୁଗ୍ଧଜାତି ସାମଗ୍ରୀ ବିକ୍ରି ପାଇଁ ବଜାରକୁ ଛଡ଼ାଯାଉଛି। ୨୦୨୫-୨୬ ବର୍ଷରେ ଓମଫେଡ୍ ୨୫୦ଟି ନୂତନ ଖୁଚୁରା ବିକ୍ରୟ କେନ୍ଦ୍ର ଓ ୧୦ଟି ଡିଷ୍ଟ୍ରିବ୍ୟୁଟର କାଉଣ୍ଟର ଖୋଲିବା ପାଇଁ ପଦକ୍ଷେପ ନେଉଛି।

ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଚାଷୀମାନଙ୍କଠାରୁ ଦୁଗ୍ଧ ସଂଗ୍ରହ ପରେ ତାହାକୁ ଶୀତଳୀକରଣ କେନ୍ଦ୍ରରେ ଥଣ୍ଡା କରି ଟ୍ୟାଙ୍କର ମାଧ୍ୟମରେ ନିକଟସ୍ଥ ପ୍ଲାଣ୍ଟରେ ପହଞ୍ଚାଯାଇଥାଏ। ତା'ପରେ ସେହି ଦୁଗ୍ଧକୁ ଆବଶ୍ୟକତା ଅନୁଯାୟୀ ପ୍ରକ୍ରିୟାକରଣ ଓ ଷ୍ଟାଣ୍ଡାର୍ଡାଇଜ୍ଡ କରାଯାଏ। ଏଫ୍‌ଏସଏସଏଆଇ ମାନଦଣ୍ଡ ଅନୁଯାୟୀ ଟୋନଡ୍ ଦୁଗ୍ଧ ୩ ପ୍ରତିଶତ ଘିଅ ଓ ୮.୫ ପ୍ରତିଶତ ଛେନା ଅଂଶ ରଖାଯାଏ। ପ୍ରିମିୟମ ଦୁଗ୍ଧରେ ଏହି ହାର ଯଥାକ୍ରମେ ୩.୫ ଓ ୮.୫ ପ୍ରତିଶତ ଏବଂ ଗୋଲ୍ଡ ପ୍ଲସ ଦୁଗ୍ଧରେ ଏହା ୪.୫ ପ୍ରତିଶତ ଓ ୮.୫ ପ୍ରତିଶତ ରଖାଯାଏ। ଦୁଗ୍ଧ ସଂଗ୍ରହ ପରେ ଆବଶ୍ୟକତାଠାରୁ ଅଧିକ ଘିଅ ଅଂଶକୁ ଦୁଗ୍ଧରୁ କ୍ରିମ୍ ପୃଥକୀକରଣ ମାଧ୍ୟମରେ କାଢ଼ି ନିଆଯାଏ ଓ ତାହାକୁ ପରବର୍ତ୍ତୀ ସମୟରେ ଘିଅ ଉତ୍ପାଦନରେ ବ୍ୟବହାର କରାଯାଏ। ଦୁଗ୍ଧରେ ଆବଶ୍ୟକତା ଅନୁଯାୟୀ ଦୁଗ୍ଧ ଗୁଣ୍ଡ ଓ ଭିଟାମିନ୍ ମଧ୍ୟ ମିଶାଯାଏ। (ତଥ୍ୟ)

## ବିଦେଶୀଙ୍କ ପ୍ରତି ଟ୍ରମ୍ପଙ୍କ କଠୋର ନୀତି

# ଆମେରିକାରେ ପଶିପାରିବେନି ୩୦ରୁ ଉର୍ଦ୍ଧ୍ୱ ଦେଶର ନାଗରିକ!



ୱାଶିଂଟନ୍,୩।୧୨: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଦେଶୀ ନାଗରିକଙ୍କ ଆମେରିକା ପ୍ରବେଶ ଉପରେ ଏକ ବଡ଼ ଓ ବ୍ୟାପକ କଟକଣା ଲଗାଇବାର ପ୍ରସ୍ତୁତି କରାଯାଉଛି। ଏହି ନୂଆ ଟ୍ରାଭେଲ ବ୍ୟାନ୍ ଅନୁସାରେ ଦୁଇ ଡର୍ଜନରୁ ଅଧିକ ଦେଶର ନାଗରିକଙ୍କୁ ଆମେରିକାରେ ଏଣ୍ଟ୍ରିଠାରୁ ରୋକାଯାଇପାରେ। ଏହି ପଦକ୍ଷେପ ଓ୍ୱାଶିଂଟନ୍ ଡିସିରେ ନ୍ୟାସନାଲ ଗାର୍ଡର ସଦସ୍ୟ ଉପରେ ଆକ୍ରମଣ ପରେ ଟ୍ରମ୍ପ ପ୍ରଶାସନର କଡା ଆଭିମୁଖ୍ୟକୁ ଦର୍ଶାଉଛି। ଆଲୋଚନା ଅନ୍ତିମ ପର୍ଯ୍ୟାୟରେ ରହିଛି। ଖୁବ୍‌ଶୀଘ୍ର କଟକଣା ଲାଗୁ ହୋଇଥିବା ଦେଶର ଅଧିକାରିକ ସୂଚୀ ଜାରି ହେବାର ସମ୍ଭାବନା ରହିଛି। ଟ୍ରମ୍ପ ପ୍ରଶାସନର ଏକ ବଡ଼ ଟ୍ରାଭେଲ ବ୍ୟାନ୍ ସୂଚୀକୁ ଅନ୍ତିମ ରୂପ ଦେବାରେ ଲାଗିଛି। ଯାହାର ସିଧା ପ୍ରଭାବ ୩୦ରୁ ଅଧିକ ଦିଗ ଉପରେ ପଡିବ। ନ୍ୟୁୟର୍କ ପୋଷ୍ଟର ଏକ ରିପୋର୍ଟ ଅନୁସାରେ, ଟ୍ରମ୍ପ ପ୍ରଶାସନ ଅତି କମ୍ରେ ୩୦ ଦେଶର ନାଗରିକଙ୍କୁ ନିଜର ଅପଡେଟେଡ୍ ଟ୍ରାଭେଲ ବ୍ୟାନ୍ କରିବା ଲିଷ୍ଟରେ ସାମିଲ କରିବାର ଯୋଜନା କରୁଛି। ସୁତ୍ରର କହିବା ଅନୁସାରେ, ଏହି ସଂଖ୍ୟା ଭବିଷ୍ୟତରେ ବଢ଼ିପାରେ। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏଭଳି ସମୟରେ ନିଆଯାଉଛି ଯେତେବେଳେ ଆମେରିକା ନିଜର ସୀମା ଓ ଆଭ୍ୟନ୍ତରୀଣ ସୁରକ୍ଷାକୁ ନେଇ ଖୁବ୍ ଶକ୍ତ ରହିଛି। ପ୍ରଶାସନିକ ସୁତ୍ରରୁ ମିଳିଥିବା ସୂଚନା ଅନୁସାରେ,ଏହି ଟ୍ରାଭେଲ ବ୍ୟାନ୍ ଉପରେ ଆଲୋଚନ ଶେଷ ପର୍ଯ୍ୟାୟରେ ରହିଛି। ଆଶା କରାଯାଉଛି ଯେ, ଖୁବ୍ ଶୀଘ୍ର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖୁବ୍ ଶୀଘ୍ର ଏକ ଆନୁଷ୍ଠାନିକ ଘୋଷଣା କରିବେ। ଗୃହ ସୁରକ୍ଷା ବିଭାଗର (ଡିଏଚ୍ଏସ୍) ମୁଖପାତ୍ର ମଧ୍ୟ ନ୍ୟୁୟର୍କ ପୋଷ୍ଟକୁ କହିଛନ୍ତି ଏକ ନୂଆ ଓ ବିସ୍ତୃତ ତାଲିକା ଖୁବ୍ ଶୀଘ୍ର ପ୍ରକାଶିତ ହେବ।

# ଏନଡିଏରେ ମିଶିବେ ହେମନ୍ତ ସୋରେନ!



ନୂଆଦିଲ୍ଲୀ,୩।୧୨: ଝାଡ଼ଖଣ୍ଡରେ ବଦଳିବ ରାଜନୈତିକ ସମୀକରଣ? ଇଣ୍ଡିଆ ମେଣ୍ଟ ଛାଡ଼ିବେ କି ମୁଖ୍ୟମନ୍ତ୍ରୀ ସୋରେନ! ବିଜେପିର ୨ ଡେପୁଟି ସିଏମ ନେଇ ଚାଲିଛି ଅଙ୍କକଷା। ବିହାର ପରାଜୟ ପରେ ବିରୋଧୀ ଶିବିର ଏକପ୍ରକାର ଅସ୍ଥିର ହୋଇପଡ଼ିଛି। ମେଣ୍ଟ ଭିତରେ ବିଭିନ୍ନ ଫାଟ ମଧ୍ୟ ସାମ୍ନାକୁ ଆସୁଛି। ମୁଖ୍ୟମନ୍ତ୍ରୀ ସୋରେନ ଏବଂ ଜେଏମଏମ କୁଆଡ଼େ ବିଜେପିମୁହାଁ ହେବାକୁ ସଜ ହେଉଛନ୍ତି। ବର୍ତ୍ତମାନ ସେଠାରେ ଜେଏମଏମ, କଂଗ୍ରେସ, ଆରଜେଡି ଓ ବାମ ଦଳର ମେଣ୍ଟ ସରକାର ଅଛି ୮୧ ବିଧାନସଭା ଆସନ ମଧ୍ୟରୁ ମେଣ୍ଟ ପାଖରେ ଅଛି ୫୬ଟି ଆସନ। ଯଦି ବିଜେପି ସହ ଜେଏମଏମ ହାତ ମିଳାଏ, ତେବେ କ'ଣ ହେବ? ଆଜିକାଲି ଏହି ନୂଆ ମେଣ୍ଟକୁ ନେଇ ଚାଲିଛି ଚର୍ଚ୍ଚା ଆଲୋଚନା। ଯଦି ଏହା ସତ ହୁଏ, ତେବେ ଝାଡ଼ଖଣ୍ଡରେ ହେବ ବଡ଼ ଧରଣର ଓଲଟପାଲଟ। ଯଦି ଏନଡିଏରେ ଜେଏମଏମ ମିଶେ, ତେବେ ଜେଏମଏମର ୩୪, ବିଜେପିର ୨୧, ଏଲଜେପି ଓ ଏଜେଏସୟୁର ଗୋଟିଏ ଲେଖାଏଁ ଆସନ ମିଶାଇଲେ ସଂଖ୍ୟା ୫୮ରେ ପହଞ୍ଚିବ। ଆଉ ବହୁମତ ପାଇଁ ଝାଡ଼ଖଣ୍ଡରେ ୪୧ଟି ଆସନ ଦରକାର।

ବିଶେଷଜ୍ଞଙ୍କ କହିବା କଥା, ଯଦି ହେମନ୍ତ ବିଜେପି ସହ ମେଣ୍ଟ କରନ୍ତି, ତେବେ ଏହା ହେବ ଇତିହାସର ସବୁଠୁ ଅପ୍ରତ୍ୟାଶିତ ରାଜନୈତିକ ପଦକ୍ଷେପ ମଧ୍ୟରୁ ଅନ୍ୟତମ। କାରଣ ୨୦୨୪ରେ ଜେଏମଏମ ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ହେଉଥିଲା। ଏପରିକି ହେମନ୍ତ ସୋରେନ ଜେଲ ମଧ୍ୟ ଯାଇଥିଲେ। କିନ୍ତୁ ରାଜନୀତିରେ ସବୁ ସମ୍ଭବ। ବର୍ତ୍ତମାନ ଇଣ୍ଡିଆ ମେଣ୍ଟରେ ଥିବାବେଳେ ହେମନ୍ତ ସରକାରଙ୍କୁ କେନ୍ଦ୍ରରୁ ଯେଉଁ ଅନୁଦାନ ମିଳିବା କଥା, ତାହା ମିଳୁନାହିଁ। ଫଳରେ ରାଜ୍ୟର ସ୍ୱାର୍ଥ ପ୍ରଭାବିତ ହେଉଛି। ଏନଡିଏରେ ମିଶିଲେ ସେହି ଅନୁଦାନ ହେମନ୍ତ ସରକାର ସହଜରେ ପାଇପାରିବେ। ଅନ୍ୟପକ୍ଷରେ ବିଜେପି ସହ ହାତ ମିଳାଇଲେ ବାବୁଲାଲ ମାରାଣ୍ଡି କିମ୍ବା ଚମ୍ପାଇ ସୋରେନ ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ଚମ୍ପାଇ ସୋରେନ ହେଉଛନ୍ତି ସେହି ବ୍ୟକ୍ତି, ଯିଏ ଗତ ନିର୍ବାଚନ ପୂର୍ବରୁ ହେମନ୍ତ ସୋରେନ ଜେଲ ଯିବା ପରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ପରେ ସେ ବିଜେପିକୁ ପଳାଇଥିଲେ।

# ଦିଲ୍ଲୀର ୨ଟି ୟୁନିଭର୍ସିଟିକୁ ବୋମା ଧମକ

## କ୍ୟାମ୍ପସରେ ସର୍ଚ୍ଚ ଅପରେସନ୍ ଆରମ୍ଭ

ନୂଆଦିଲ୍ଲୀ,୩।୧୨: ପୁଣି ଦିଲ୍ଲୀର ୨ଟି ୟୁନିଭର୍ସିଟିକୁ ବୋମା ଧମକ ମିଳିଛି। ଦିଲ୍ଲୀର ଏହି ୨ଟି ରାମଜସ କଲେଜ ଏବଂ ଦେଶ ବନ୍ଧୁ କଲେଜକୁ ବୋମାରେ ଉଡାଇବାକୁ ଧମକ ମିଳିଛି। ଯାହା ଇ-ମେଲ୍ ଦ୍ୱାରା ମିଳିଥିବା ସୂଚନା ରହିଛି। ସୂଚନା ପାଇ ବମ୍ ସ୍କ୍ୱାଡ୍ ଏବଂ ଦିଲ୍ଲୀର ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ସନ୍ଦିଗ୍ଧଙ୍କ ସୂଚନା ମିଳିନାହିଁ। ବୋମା ଧମକ ମିଳିବା ପରେ ଦିଲ୍ଲୀର ୨ଟି କଲେଜରେ ବମ୍ ସ୍କ୍ୱାର୍ଡ ଏବଂ ଦିଲ୍ଲୀ ପୋଲିସ ପହଞ୍ଚି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ଏହି ଘଟଣାକୁ ରୋକିବା ପାଇଁ ସୁରକ୍ଷା ପ୍ରୋଟୋକଲ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସେମିତି କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ। ପରିସ୍ଥିତି ଉପରେ ନଜର ରଖିବା ସହିତ ଏହି ଧମକର ସତ୍ୟତାକୁ ଯାଞ୍ଚ କରୁଛି ପୁଲିସ। ସୂଚନାଯୋଗ୍ୟ ଯେ ଏପରି ଧମକ ମିଳିବା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଦିଲ୍ଲୀ ସ୍କୁଲକୁ ଧମକ ମିଳିଥିଲା। ତା'ର କିଛି ଦିନ ପୂର୍ବରୁ ମୁମ୍ବାଇ ଏୟାରପୋର୍ଟର ଇଣ୍ଡିଗୋ ବିମାନକୁ ମଧ୍ୟ ଧମକ ମିଳିଥିଲା। ଯାହା ଫଳରେ ବିମାନଟି ଏମରଜେନ୍ସି ଲ୍ୟାଣ୍ଡିଂ କରିଥିଲା।

## ଭାରତ-ରୁଷ୍ ବନ୍ଧୁତ୍ୱ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା

# ପୁଟିନ୍‌ଙ୍କ ଗସ୍ତ ପୂର୍ବରୁ ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରୀ



ନୂଆଦିଲ୍ଲୀ,୩।୧୨: ରୁଷ ରାଷ୍ଟ୍ରପତି ବ୍ଲାଦିମିର ପୁଟିନ୍ ଦୁଇ ଦିବସୀୟ ଯାତ୍ରାରେ ଗୁରୁବାର ଭାରତ ଆସୁଛନ୍ତି। କିନ୍ତୁ ପୁଟିନ ଆସିବା ପୂର୍ବରୁ ରୁଷ ସଂସଦ ବା ଡୁମା ଭାରତ ସହ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରୀ ଦେଇଛି। ଏହି ପ୍ରତିରକ୍ଷା ଚୁକ୍ତି ଅନୁସାରେ, ଦୁଇ ଦେଶ ମିଳିତ ସମରାଭ୍ୟାସ ଏବଂ ମାନବୀୟ ସହାୟତା ପ୍ରଦାନ କରିପାରିବେ। ରୁଷ ସଂସଦର ନିମ୍ନ କକ୍ଷ ଷ୍ଟେଟ୍ ଡୁମା ଭାରତ ସହିତ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତିକୁ ମଞ୍ଜୁରୀ ଦେଇଛି। ରୁଷ ଓ ଭାରତ ଭିତରେ ଏହି ଚୁକ୍ତି, ଯାହାକୁ ରେସିପ୍ରୋକଲ ଏକ୍ସଚେଞ୍ଜ ଅଫ୍ ଲଜିଷ୍ଟିକ୍ ସପୋର୍ଟ ବା 'ରେଲୋସ୍' କୁହାଯାଉଛି। ଚଳିତ ବର୍ଷ ୧୮ ଫେବୃଆରୀ ୨୦୨୫ ରେ ଏହି ଚୁକ୍ତି ସାକ୍ଷର ହୋଇଥିଲା। ରୁଷ ପ୍ରଧାନମନ୍ତ୍ରୀ ମିଖାଇଲ ମିଶୁଷ୍ଟିନଙ୍କ ପକ୍ଷରୁ ରୁଷ ସଂସଦର ନିମ୍ନକକ୍ଷ ଡୁମାରେ ଆଗତ କରାଯାଇଥିଲା। ଯାହାକୁ ଏବେ ଅନୁମୋଦନ ମିଳିଛି। ଏହି ପ୍ରତିରକ୍ଷା ଚୁକ୍ତି ଦୁଇ ଦେଶ ଭିତରେ ସାମରିକ ସହଯୋଗକୁ ମଜବୁତ କରିବ।

ରେଲୋସ୍' ଚୁକ୍ତି ବିଶେଷ ଭାବରେ ଭାରତ ଓ ରୁଷ ମିଳିତ ସମରାଭ୍ୟାସକୁ ଆହୁରି ମଜବୁତ କରିବ। ରୁଷ ଦୁନିଆର ପ୍ରଥମ ଏଭଳି ଦେଶ, ଯାହା ଭାରତୀୟ ସ୍ଥଳସେନା, ବାୟୁସେନା ଓ ନୌସେନା ସହ ମିଳିତ ସମରାଭ୍ୟାସ କରିଥାଏ। ଏହାର ନାଁ ମଧ୍ୟ 'ଇନ୍ଦ୍ରା' ରହିଛି। ଭାରତ ସହ 'ରେଲୋସ୍' ପ୍ରତିରକ୍ଷା ଚୁକ୍ତିକୁ ନେଇ ଷ୍ଟେଟ୍ ଡୁମାର ଅଧ୍ୟକ୍ଷ ଭୟାଚେସ୍ଲାଭ ଭୋଲୋଡିନ୍ କହିଛନ୍ତି, ଭାରତ ସହ ଆମର ସମ୍ପର୍କ ରଣନୈତିକ ଓ ବ୍ୟାପକ ରୂପରେ ମଜବୁତ ରହିଛି। ରୁଷ ଏବଂ ଭାରତ ମଧ୍ୟରେ ଏହି ଚୁକ୍ତିନାମାର ଲକ୍ଷ୍ୟ ହେଉଛି ପାରସ୍ପରିକ ସାମରିକ ଅଭ୍ୟାସ ଏବଂ ମାନବୀୟ ପ୍ରୟାସକୁ ସହଜ କରିବା। 'ରେଲୋସ୍' ଚୁକ୍ତିନାମା କେବଳ ସୈନ୍ୟ ଏବଂ ସାମରିକ ଉପକରଣ ମୁତୟନ ନୁହେଁ, ବରଂ ସେମାନଙ୍କର ଲଜିଷ୍ଟିକ୍ ବ୍ୟବସ୍ଥାକୁ ମଧ୍ୟ ନିୟନ୍ତ୍ରଣ କରିବ। ମିଳିତ ସାମରିକ ଅଭ୍ୟାସ, ତାଲିମ, ମାନବୀୟ ସହାୟତା, ବିପର୍ଯ୍ୟୟ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ପାଇଁ ବ୍ୟବହାର କରାଯିବ।

## କମିବ ନିମ୍ନ ଆୟକାରୀ ପରିବାରର ଆର୍ଥିକ ବୋଝ

# ମାତ୍ର ୩୦୦ ଟଙ୍କାରେ ମିଳିବ ଗ୍ୟାସ୍ ସିଲିଣ୍ଡର



### ହିମନ୍ତ ସରକାରଙ୍କ ଘୋଷଣା

ଗୁଆହାଟୀ,୩।୧୨: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ସରମା ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ରାଜ୍ୟର ଲକ୍ଷ ଲକ୍ଷ ପରିବାର ପାଇଁ ସିଲିଣ୍ଡର ପିଛା ୩୦୦ ଟଙ୍କାରେ ରୋଷେଇ ଗ୍ୟାସ ଖୁବଶୀଘ୍ର ବାସ୍ତବତାରେ ପରିଣତ ହେବ। ନିମ୍ନ ଆୟକାରୀ ପରିବାର ଉପରେ ଆର୍ଥିକ ବୋଝ ହ୍ରାସ କରିବା ପାଇଁ ଏହି ପଦକ୍ଷେପ, ଓରୁନୋଡୋଇ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ ଏଲପିଜି ସିଲିଣ୍ଡର ଉପରେ ୨୫୦ ଟଙ୍କାର ସବସିଡି ପ୍ରଦାନ କରିବ।

ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟରେ ସରମା କହିଛନ୍ତି, ଆସାମରେ ଲକ୍ଷ ଲକ୍ଷ ପରିବାର ପାଇଁ ୩୦୦ ଟଙ୍କାରେ ରୋଷେଇ ଗ୍ୟାସ ଆଉ କେବଳ ସ୍ୱପ୍ନ ନୁହେଁ, ବରଂ ଖୁବ ଶୀଘ୍ର ଏହା ବାସ୍ତବତାରେ ପରିଣତ ହେବ। ଆସାମରେ ଓରୁନୋଡୋଇ ପରିବାର ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ହିତାଧିକାରୀମାନେ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କଠାରୁ ସେମାନଙ୍କର ଏଲପିଜି ସରକାରୀ ସୂତ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ କେନ୍ଦ୍ର ସରକାରଙ୍କ ସହାୟତାକୁ ପୂରଣ କରି ସବସିଡି ସିଧାସଳଖ ହିତାଧିକାରୀମାନଙ୍କୁ ଦିଆଯିବ। ଏହି ପଦକ୍ଷେପ ଦ୍ୱାରା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଏକ ବଡ଼ ଅଂଶ, ବିଶେଷକରି ମହିଳାମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି, ଯେଉଁମାନେ ଓରୁନୋଡୋଇ ଏବଂ ପିଏମୟୁୱାଇ ହିତାଧିକାରୀ ତାଲିକାର ଶୀର୍ଷରେ ଅଛନ୍ତି।

ଆସାମର ସ୍ୱାକ୍ଷର କଲ୍ୟାଣ କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ, ଓରୁନୋଡୋଇ ଯୋଜନା ବର୍ତ୍ତମାନ ଯୋଗ୍ୟ ପରିବାରଗୁଡ଼ିକୁ ଅତ୍ୟାବଶ୍ୟକୀୟ ଖର୍ଚ୍ଚ ପୂରଣ କରିବା ପାଇଁ ମାସିକ ଆର୍ଥିକ ସହାୟତା ପ୍ରଦାନ କରେ। ଯୋଜନାରେ ଏଲପିଜି ସବସିଡିକୁ ଅନ୍ତର୍ଭୁକ୍ତ କରି, ରାଜ୍ୟ ସରକାର ବର୍ଦ୍ଧିତ ପରିବାର ଖର୍ଚ୍ଚକୁ ଆହୁରି ହ୍ରାସ କରିବାକୁ ଆଶା କରୁଛନ୍ତି, ବିଶେଷକରି ଗ୍ୟାସ ମୂଲ୍ୟ ନିମ୍ନ-ଆୟ ଗୋଷ୍ଠୀଙ୍କ ପାଇଁ ଚିନ୍ତାର ବିଷୟ ହୋଇ ରହିଛି। ଏହି ଘୋଷଣା ଗ୍ରାମୀଣ ଏବଂ ସହରାଞ୍ଚଳର ନିମ୍ନ ଆୟକାରୀ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଯେଉଁମାନେ ଦୈନନ୍ଦିନ ରୋଷେଇ ଆବଶ୍ୟକତା ପାଇଁ ସବସିଡି ସିଲିଣ୍ଡର ଉପରେ ନିର୍ଭର କରନ୍ତି। ସରକାର ଏପର୍ଯ୍ୟନ୍ତ ଏକ ପ୍ରସ୍ତୁତି ତାରିଖ ଘୋଷଣା କରି ନ ଥିଲେ ମଧ୍ୟ, ଅଧିକାରୀମାନେ କହିଛନ୍ତି, ସୁଗମ କାର୍ଯ୍ୟାନ୍ୱୟନ ପାଇଁ ପଦ୍ଧତିଗୁଡ଼ିକୁ ଚୂଡ଼ାନ୍ତ କରାଯାଉଛି। ଆଶା କରାଯାଉଛି ଯେ, ଏଲପିଜି ବିତରକମାନେ ସବସିଡି ବ୍ୟବସ୍ଥା ବିଷୟରେ ଭଲ ଭାବରେ ଅବଗତ ହେବେ ଏବଂ ସମାଜ କଲ୍ୟାଣ ବିଭାଗ ଏବଂ ଖାଦ୍ୟ ଏବଂ ନାଗରିକ ଯୋଗାଣ ବିଭାଗ ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ଏବଂ ସବସିଡି ବଣ୍ଟନ କରିବା ପାଇଁ ସମନ୍ୱୟ ରକ୍ଷା କରିବେ। ଏହି ପଦକ୍ଷେପ ସହିତ, ଆସାମ ସେହି ବର୍ଦ୍ଧିତ ସଂଖ୍ୟାରେ ରାଜ୍ୟମାନଙ୍କ ମଧ୍ୟରେ ସାମିଲ ହୋଇଛି, ଯେଉଁମାନେ ସ୍ଥାନୀୟ ଭାବରେ ଏଲପିଜି ସବସିଡି ବୃଦ୍ଧି କରି ଗ୍ୟାସ ମୂଲ୍ୟରେ ଉତ୍ଥାନ-ପତନରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ କାମ କରୁଛନ୍ତି। ଏହା ସରକାରଙ୍କ 'ସମସ୍ତଙ୍କ ପାଇଁ ଅଭିବୃଦ୍ଧି' ଲକ୍ଷ୍ୟକୁ ଆହୁରି ମଜଭୁତ କରିବ ଏବଂ ସୁନିଶ୍ଚିତ କରିବ ଯେ ଲାଭ ସଠିକ ଲୋକଙ୍କ ପାଖରେ ପହଞ୍ଚିବ।

## ସଂସଦ ଭିତରକୁ କୁକୁର ଆଣିବା ପ୍ରସଙ୍ଗ

# ବିଶେଷାଧିକାର ଉଲ୍ଲଙ୍ଘନ ପ୍ରସ୍ତାବ ଆସିଲେ ବି ଖାତିର୍ ନାହିଁ



### କଡ଼ା ଜବାବ ରଖିଲେ ରେଣୁକା

ନୂଆଦିଲ୍ଲୀ,୩।୧୨: ସଂସଦକୁ କୁକୁର ନେଇ ଆସିଥିବା ଯୋଗୁଁ କଂଗ୍ରେସ ସାଂସଦ ରେଣୁକା ଚୌଧୁରୀ ଏପରି ଏକ ଆଚରଣ ପାଇଁ ବିବାଦରେ ଅଛନ୍ତି। ତାଙ୍କ ବିରୋଧରେ କଂଗ୍ରେସ ବିଶେଷାଧିକାର ହନନ ପ୍ରସ୍ତାବ ଆଣିଥିବାର ଚର୍ଚ୍ଚା ହେଉଛି। ଏନେଇ କଂଗ୍ରେସ ସାଂସଦ ରେଣୁକାଙ୍କୁ ଯେତେବେଳେ ପଚରା ଯାଇଥିବା ବେଳେ ସେ ଏହାର ଉତ୍ତରରେ କହିଛନ୍ତି ଯେ ଯଦି ପ୍ରସ୍ତାବ ଅଣାଯାଏ, ତେବେ ସେ ତା'ର କଡ଼ା ଜବାବ୍ ଦେବେ।' ବିଜେପି ଅଭିଯୋଗ କରିଥିଲା ସଂସଦକୁ କୁକୁର ଆଣି ରେଣୁକା ଚୌଧୁରୀ ଗଣତନ୍ତ୍ରର ମନ୍ଦିରକୁ ଅପମାନ କରିଛନ୍ତି। ଗତକାଲି ସାମ୍ବାଦିକମାନେ ଯେତେବେଳେ କଂଗ୍ରେସ ସାଂସଦଙ୍କୁ ପ୍ରଶ୍ନ ପଚାରିଥିଲେ ସେ 'ଭୋ ଭୋ..' କରିବା ସହ ଆଉ କ'ଣ କହିବି ବୋଲି କହିଥିଲେ। ତା' ପରେ ସେ କହିଥିଲେ ଯେତେବେଳେ ଏହି ପ୍ରସ୍ତାବ ଅଣାଯିବ, ସେତେବେଳେ ସେ ଏହାର କଡ଼ା ଭାଷାରେ ଜବାବ ରଖିବେ। ଯଦି ସେମାନେ ତାଙ୍କ ବିରୋଧରେ ବିଶେଷାଧିକାର ଉଲ୍ଲଂଘନ ପ୍ରସ୍ତାବ ଆଣିବାକୁ ଚାହାଁନ୍ତି, ତା'ହେଲେ ସେମାନଙ୍କୁ ଏହା କରିବାକୁ ଦିଆଯାଉ। ଏହାଦ୍ୱାରା ତାଙ୍କର କିଛି ବି ଫରକ୍ ପଡ଼ିବ ନାହିଁ ବୋଲି ରେଣୁକା କହିଛନ୍ତି। ଏହି ଅବସରରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉଦାହରଣ ଦେଇଥିଲେ। ସେ କହିଥିଲେ ଯେ ଶ୍ରୀ ବାଜପେୟୀ ମଧ୍ୟ ସଂସଦକୁ ଶଗଡ ଗାଡ଼ି ନେଇକି ଆସିଥିଲେ। ମୋ ପ୍ରସଙ୍ଗରେ କହିବାକୁ ଗଲେ, ହିନ୍ଦୁ ଧର୍ମରେ କୁକୁରର ଯଥେଷ୍ଟ ମହତ୍ତ୍ୱ ରହିଛି। ଏଭଳି କୌଣସି ନିୟମ ନାହିଁ, ଯାହାକୁ ମୁଁ ଉଲ୍ଲଂଘନ କରିଛି। ମୋତେ ଏହାଦ୍ୱାରା କିଛି ବି ଫରକ ପଡେନାହିଁ ବୋଲି ରେଣୁକା କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ସୋମବାର ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ଦିନ ରେଣୁକା କୁକୁର ନେଇ ସଂସଦକୁ ଆସିଥିଲେ। ସାମ୍ବାଦିକମାନେ ତାଙ୍କୁ ଯେତେବେଳେ ପଚାରିଥିଲେ, କୁକୁର କାମୁଡୁଛି କି ନାହିଁ ? ଏହାର ଉତ୍ତରରେ ସେ କହିଥିଲେ ସଂସଦ ଭିତରେ ବସିଥିବା ଓ ସରକାର ଚଳାଉଥିବା ଲୋକ ହିଁ କାମୁଡନ୍ତି। ଏହାପରେ କହିଥିଲେ ସେ ରାସ୍ତାକଡର ବୁଲା କୁକୁରଙ୍କୁ ପଶୁ ଚିକିତ୍ସକଙ୍କ ପାଖକୁ ନେଇ ଯାଉଛନ୍ତି। ମଙ୍ଗଳବାର ବିଜେପି ସାଂସଦ ସମ୍ବିତ ପାତ୍ର ଅଭିଯୋଗ କରିଥିଲେ,କଂଗ୍ରେସ ନେତା ନା କେବଳ ସଂସଦର ମର୍ଯ୍ୟାଦା ଓ ଗାରିମାକୁ ପ୍ରଭାବିତ କରିଛନ୍ତି, ବଂର ସେଠାରେ କାମ କରୁଥିବା ସବୁ ସାଂସଦ, ସୁରକ୍ଷାକର୍ମୀ, ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କର ମଧ୍ୟ ଅପମାନ କରୁଛନ୍ତି।

# କମ୍ପ୍ଲେକ୍ସରେ ଭୟଙ୍କର ଅଗ୍ନିକାଣ୍ଡ

## ଝରକା ଭାଙ୍ଗି ରୋଗୀଙ୍କୁ ଉଦ୍ଧାର କରାଗଲା

ଭାବନଗର,୩।୧୨: ଗୁଜରାଟର ଭାବନଗର କାଲ ନାଲା ଅଞ୍ଚଳର ଏକ କମ୍ପ୍ଲେକ୍ସରେ ଆଜି ସକାଳେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ବେସମେଣ୍ଟରୁ ଆରମ୍ଭ ହୋଇଥିବା ନିଆଁ ଶୀଘ୍ର କୋଠା ସାରା ବ୍ୟାପି ଯାଇଥିଲା। କୋଠାରେ ଅନେକ ହସ୍ପିଟାଲ ରହିଛି। ସୂଚନା ପାଇ ଅଗ୍ନିଶମ ବାହିନୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। କୋଠାରେ ଅଗ୍ନିକାଣ୍ଡ ବ୍ୟାପିଯାଇଥିବାରୁ ରୋଗୀମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୯ଟା ସମୟରେ କାଲୁଭା ରୋଡ୍ ନିକଟସ୍ଥ ଏକ ପାଥୋଲୋଜି ଲ୍ୟାବରେ ଅଗ୍ନିକାଣ୍ଡ ଘଟିଥିଲା। ସେଠାରେ ଅନେକ ଡାକ୍ତରଖାନା, ଅନ୍ୟାନ୍ୟ ଦୋକାନ ଏବଂ କାର୍ଯ୍ୟାଳୟ ରହିଛି। ଅଗ୍ନିକାଣ୍ଡ ପରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପିଲା ଏବଂ ଅନ୍ୟାନ୍ୟ ରୋଗୀମାନଙ୍କୁ କାଚ ଭାଙ୍ଗି ଉଦ୍ଧାର କରାଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ଝରକା ଉପରେ ଏକ ସିଡ଼ି ରଖି ପିଲାମାନଙ୍କୁ ଚାଦରରେ ଗୁଡ଼ାଇ ଜଣ ଜଣଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଏଥିସହ ସମସ୍ତ ରୋଗୀଙ୍କୁ ମେଡିକାଲ କଲେଜର ସର୍. ଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ସୂଚନା ପାଇ ଘଟଣାସ୍ଥଳରେ ୫ଟି ଦମକଳ ବାହିନୀ ଗାଡ଼ି ସହ ୫୦ ଜଣ କର୍ମଚାରୀ ଅଗ୍ନିକାଣ୍ଡ ଆୟତ୍ତ କରିବାକୁ ନିୟୋଜିତ ହୋଇଥିଲେ। ଗୋଟିଏ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିବାରେ ଅଗ୍ନିଶମ ବାହିନୀ ଟିମ୍ ସଫଳ ହୋଇଥିଲେ।

## ଦିଲ୍ଲୀ ସମେତ ୫ ବିମାନବନ୍ଦରରେ ଚଳାଚଳ ପ୍ରଭାବିତ

# ଫସି ରହିଛନ୍ତି ହଜାରେରୁ ଉର୍ଦ୍ଧ୍ୱ ଯାତ୍ରୀ



ନୂଆଦିଲ୍ଲୀ,୩।୧୨: ଗତକାଲି ରାତିଠାରୁ ହାଇଦ୍ରାବାଦର ଶମଶାବାଦ ବିମାନବନ୍ଦରରେ ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ଚଳାଚଳରେ ଏକ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ମୁମ୍ବାଇ, ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ ଏବଂ ଦିଲ୍ଲୀକୁ ଯାଉଥିବା ଅନେକ ବିମାନ ଏହାଦ୍ୱାରା ପ୍ରଭାବିତ ହୋଇଛି, ଯାହା ଫଳରେ ମଙ୍ଗଳବାର ରାତିରୁ ପ୍ରାୟ ୧୦୦୦ ଯାତ୍ରୀ ବିମାନବନ୍ଦରରେ ଫସି ରହିଛନ୍ତି। ବିଶେଷକରି ମଙ୍ଗଳବାର ଏବଂ ବୁଧବାର ଦିନ ୨ଟା ମଧ୍ୟରେ ବେଙ୍ଗାଲୁରୁ ପାଇଁ ନିର୍ଦ୍ଧାରିତ ଏକ ବିମାନ ଦୁଇ ଘଣ୍ଟା ପାଇଁ ରନୱେରେ ଅଟକି ରହିଥିଲା। ଏହା ପରେ, ଯାତ୍ରୀମାନଙ୍କୁ ଓହ୍ଲାଇ ଦିଆଯାଇଥିଲା ଏବଂ ବିମାନବନ୍ଦର ଟର୍ମିନାଲରେ ଅପେକ୍ଷା କରିବାକୁ କୁହାଯାଇଥିଲା, ଯାହା ଫଳରେ ଉତ୍ତେଜନା ବୃଦ୍ଧି ପାଉଥିଲା।

ସବୁଠାରୁ ଅଧିକ କଷ୍ଟ ପାଇଥିବା ଯାତ୍ରୀମାନେ ଥିଲେ ଯେଉଁମାନେ ବିଦେଶକୁ ସଂଯୋଗକାରୀ ବିମାନ ଧରିବାକୁ ପଡୁଥିଲା କିମ୍ବା ଭିସା ସାକ୍ଷାତକାର ପାଇଁ ବିଭିନ୍ନ ସହରକୁ ଯାତ୍ରା କରୁଥିଲେ। ବିମାନବନ୍ଦରରେ ଥିବା ଇଣ୍ଡିଗୋ କର୍ମଚାରୀମାନେ ଯାତ୍ରୀଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ, ଯାହା ପରିସ୍ଥିତିକୁ ଆହୁରି ବିଗାଡ଼ି ଦେଉଥିଲା। ଜଣେ ପ୍ରଭାବିତ ଯାତ୍ରୀ କହିଛନ୍ତି, 'ଆମକୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନାହିଁ। ବିମାନ କେବେ ଉଡ଼ାଣ କରିବ ତାହା ଆମକୁ କୁହାଯାଉନାହିଁ, କିମ୍ବା ବିଳମ୍ବର କାରଣ ମଧ୍ୟ କୁହାଯାଇ ନାହିଁ। ଆମ ପାଇଁ କୌଣସି ଖାଦ୍ୟ କିମ୍ବା ପାନୀୟ ଯୋଗାଇ ଦିଆଯାଇନାହିଁ।' ଇଣ୍ଡିଗୋ ଏୟାରଲାଇନ୍ସର ଜଣେ ମୁଖପାତ୍ର କହିଛନ୍ତି, 'ଆମେ ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହେଉଛୁ ଏବଂ ଯଥାଶୀଘ୍ର ସେଗୁଡ଼ିକର ସମାଧାନ ପାଇଁ କାମ କରୁଛୁ। ଯାତ୍ରୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ ଆମେ କ୍ଷମା ପ୍ରାର୍ଥନା କରୁଛୁ ଏବଂ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛୁ।' ବିମାନ ଚଳାଚଳ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ଘଟଣା ଦେଶର ସବୁଠାରୁ ବଡ଼ ବିମାନ କମ୍ପାନୀ ଅପରେଟରମାନଙ୍କ ମଧ୍ୟରୁ ଗୋଟିଏ ପାଇଁ ଏକ ଚିନ୍ତାଜନକ ଘଟଣା। ଇଣ୍ଡିଗୋ ଗତ କିଛି ମାସ ମଧ୍ୟରେ ଏହାର ଯାନ୍ତ୍ରିକ ନିର୍ଭରଯୋଗ୍ୟତା ସମ୍ପର୍କରେ ଅନେକ ସମାଲୋଚନାର ସମ୍ମୁଖୀନ ହୋଇଛି। ବିମାନବନ୍ଦର ଅଧିକାରୀମାନେ କହିଛନ୍ତି ଯେ ସେମାନେ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି ଏବଂ ପ୍ରଭାବିତ ଯାତ୍ରୀମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇବାକୁ ଚେଷ୍ଟା କରୁଛନ୍ତି। ସେମାନେ ଯାତ୍ରୀମାନଙ୍କୁ ଧୈର୍ଯ୍ୟ ପାଇଁ ନିବେଦନ କରିଛନ୍ତି ଏବଂ ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ପରିସ୍ଥିତି ଶୀଘ୍ର ସ୍ୱାଭାବିକ ହେବ।

## ବିରୋଧ ପରେ ସରକାରଙ୍କ ୟୁ-ଟର୍ଣ୍ଣ

# 'ସଞ୍ଚାର ସାଥୀ'ର ପ୍ରି-ଇନଷ୍ଟଲେସନ୍ ଜରୁରୀ ନୁହେଁ

ନୂଆଦିଲ୍ଲୀ,୩।୧୨: 'ସଞ୍ଚାର ସାଥୀ' ଆପ୍‌କୁ ନେଇ ବିବାଦ ଭିତରେ କେନ୍ଦ୍ର ସରକାର ନିଜର ନିଷ୍ପତ୍ତିକୁ ଫେରାଇ ନେଇଛନ୍ତି। ଦୂରସଞ୍ଚାର ବିଭାଗ 'ସଞ୍ଚାର ସାଥୀ' ଆପ୍‌କୁ ବାଧ୍ୟତାମୂଳକ କରିବା ପାଇଁ ସ୍ମାର୍ଟଫୋନ୍ କମ୍ପାନୀ ଗୁଡିକୁ ମୋବାଇଲରେ ପ୍ରି-ଇନଷ୍ଟେଲସନ୍ କରିବା ନିର୍ଦ୍ଦେଶ ଦେଇଥିଲା। ଏହାକୁ ପ୍ରବଳ ବିରୋଧ କରିଥିଲେ ବିରୋଧି ଦଳ। ଏହାଦ୍ୱାରା ୟୁଜରଙ୍କ ଗୋପନୀୟତାର ନେଇ ଚିନ୍ତା ପ୍ରକାଶ କରିଥିଲେ। ବିରୋଧି ଏହାକୁ 'ଗୁଇନ୍ଦା ଆପ୍' ବୋଲି କହିଥିଲା। ଚାରିଆଡୁ ବିବାଦ ଓ ବିରୋଧ ପରେ କେନ୍ଦ୍ର ସରକାର ନିଜ ନିଷ୍ପତ୍ତି ବଦଳାଇ ଦେଇଛନ୍ତି। ସରକାର କହିଛନ୍ତି, ଫୋନ୍‌ରେ ପୂର୍ବରୁ ଏହି ଆପ୍‌କୁ ଇନଷ୍ଟଲ କରିବା ବାଧ୍ୟତାମୂଳକ ନୁହେଁ। ବୁଧବାର ଦୂରସଞ୍ଚାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ସରକାର ସଞ୍ଚାର ସାଥୀ ଆପ୍‌କୁ ପୂର୍ବରୁ ଇନଷ୍ଟଲ କରିବା ନେଇ ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା ତାକୁ ଫେରାଇ ନେଇଛନ୍ତି।



ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ସମସ୍ତ ନାଗରିକଙ୍କୁ ସାଇବର ସିକ୍ୟୁରିଟି ଦେବା ଲକ୍ଷ୍ୟରେ ସରକାର ସବୁ ସ୍ମାର୍ଟଫୋନ୍‌ରେ 'ସଞ୍ଚାର ସାଥୀ' ପ୍ରି-ଇନଷ୍ଟଲେସନ୍ କରିବା ଜରୁରୀ କରିଥିଲେ। ଏହି ଆପ୍ ସୁରକ୍ଷିତ ଓ ସମ୍ପୂର୍ଣ୍ଣ ଭାବରେ ସାଇବର ଦୁନିଆରେ ଖରାପ ଲୋକଙ୍କଠାରୁ ନାଗରିକଙ୍କୁ ସାହାଯ୍ୟ କରିବା ପାଇଁ ରହିଛି ବୋଲି କହିଥିଲେ। 'ସଞ୍ଚାର ସାଥୀ'ର ବଢୁଥିବା ଲୋକପ୍ରିୟତାକୁ ଦେଖି ସରକାର ମୋବାଇଲ ତିଆରି କରୁଥିବା କମ୍ପାନୀକୁ 'ପ୍ରି-ଇନଷ୍ଟଲେସନ୍' ଜରୁରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପର୍ଯ୍ୟନ୍ତ ୧.୪ କୋଟି ୟୁଜର ଏହି ଆପ୍‌କୁ ଡାଉନଲୋଡ୍ କରିସାରିଛନ୍ତି। ପ୍ରତିଦିନ ୨୦୦୦ ଠକେଇ ଘଟଣା ବିଷୟରେ ସୂଚନା ଦେବାରେ ସାହାଯ୍ୟ କରୁଛି ବୋଲି ସୂଚନା ଦେଇଛନ୍ତି କେନ୍ଦ୍ର ସରକାର।

ସରକାରଙ୍କ ଏହି ନିର୍ଦ୍ଦେଶକୁ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଓ ରେଣୁକା ଚୌଧୁରୀ ପ୍ରବଳ ବିରୋଧ କରିଥିଲେ। ଏହାର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ସିନ୍ଧିଆ କହିଥିଲେ ଏହି ଆପ୍ ଦ୍ୱାରା ଗୁଇନ୍ଦାଗିରି କରିବା ସମ୍ଭବ ନୁହେଁ। ଏହା ୟୁଜରଙ୍କ ଇଛା ଉପରେ ନିର୍ଭର କରେ। ଯଦି କେହି ଚାହିଁବେ ତେବେ ଏହାକୁ ଫୋନ୍‌ରୁ ହଟାଇ ପାରିବେ। ତା ଛଡା ବିନା ରେଜିଷ୍ଟ୍ରେସନରେ ଏହି ଆପ୍ କାମ କରିବନାହିଁ। କେନ୍ଦ୍ରର ଏହି ନିର୍ଦ୍ଦେଶ ପରେ ଏକ୍ସରେ ଟ୍ରେଣ୍ଡ କରିଥିଲା 'ପେଗାସସ'। ଏହା ହେଉଛି ହେଉଛି ସ୍ୱତନ୍ତ୍ର ସ୍ପାଏୱେୟାର ଯାହା ଫୋନର ପ୍ରତିଟି ଜିନିଷକୁ ରେକର୍ଡ କରିବାକୁ ସକ୍ଷମ ହୋଇଥାଏ। 'ସଞ୍ଚାରସାଥୀ'କୁ ବିରୋଧ କରି କିଛି ୟୁଜର ଏବଂ ବିରୋଧି ଦଳ 'ପେଗାସସ' ସହ ତୁଳନା କରିଥିଲେ।

# ଦୁବାଇ ଜେଲ୍‌ରେ ସେଲିନା ଜେଟ୍‌ଲିଙ୍କ ଭାଇ!

## ମଲ୍‌ରୁ ଉଠାଇନେଲେ ଦୁଇ ବ୍ୟକ୍ତି



ରିୟାଦ୍,୩।୧୨: ଦୁବାଇ ଜେଲ୍‌ରେ ବନ୍ଦୀ ଅଛନ୍ତି ଅବସରପ୍ରାପ୍ତ ଭାରତୀୟ ସେନା ମେଜର୍ ବିକ୍ରାନ୍ତ ଜେଟ୍ଲି। ଗତବର୍ଷ ଡିସେମ୍ବର ୬ ତାରିଖ ସନ୍ଧ୍ୟାରେ ବିକ୍ରାନ୍ତ ଓ ତାଙ୍କ ପତ୍ନୀ ଚାରୁଲ ଦୁବାଇର ମଲ୍ ଅଫ୍ ଦି ଏମିରେଟ୍ସର ବ୍ୟସ୍ତବହୁଳ ବେସ୍‌ମେଣ୍ଟ୍ ପାର୍କିଂରେ ଥିବା ସେମାନଙ୍କ କାର୍ ପାଖକୁ ଚାଲିଚାଲି ଯାଉଥିଲେ। ଉଭୟଙ୍କ ହାତରେ ଥିଲା ସପିଂ ବ୍ୟାଗ୍। କଳା ପୋଷାକ ପିନ୍ଧିଥିବା ଦୁଇଜଣ ବ୍ୟକ୍ତି ମୁହଁକୁ ଘୋଡ଼ାଇ ଦମ୍ପତିଙ୍କ ପାଖକୁ ଆସିଲେ। ସେମାନେ ଚାରୁଲଙ୍କୁ ପଛକୁ ହଟିଯିବାକୁ କହିଲେ ଏବଂ ବିକ୍ରାନ୍ତଙ୍କ ହାତ ଧରି ଅପେକ୍ଷା କରିଥିବା କଳା ଏସ୍ୟୁଭି ପାଖକୁ ନେଇଗଲେ। ତାଙ୍କୁ ଗାଡ଼ିରେ ବସାଇ ସେଠାରୁ ଚାଲିଗଲେ। ଏହାପରେ ବିକ୍ରାନ୍ତଙ୍କ ବିଷୟରେ କୌଣସି ଖବର ମିଳିଲା ନାହିଁ। ସେହି ଘଟଣା ପରଠୁ ବିକ୍ରାନ୍ତଙ୍କ ମାମଲା ରହସ୍ୟ ଘେରରେ ରହିଛି। ଏହା ୟୁଏଇରେ ଘଟୁଥିବା 'ବ୍ଲାକ୍ ବକ୍ସ' ବନ୍ଦୀର ଏକ ସାଧାରଣ ଘଟଣା, ଯେଉଁଥିରେ ସର୍ବସାଧାରଣଙ୍କୁ କୌଣସି ସୂଚନା ବିନା ଲୋକଙ୍କୁ ହେପାଜତକୁ ନେଇ ଅଟକ ରଖାଯାଏ। ତେବେ ବିକ୍ରାନ୍ତଙ୍କ ଭଉଣୀ ଅଭିନେତ୍ରୀ ସେଲିନା ଜେଟ୍‌ଲି ଭାଇଙ୍କୁ ଅଟକ ରଖିବା ସମ୍ପର୍କିତ ସୂଚନା ସାର୍ବଜନୀନ କରିଛନ୍ତି ଏବଂ ଏ ମାମଲାରେ ଭାରତ ସରକାରଙ୍କ ହସ୍ତକ୍ଷେପ ମଧ୍ୟ ଲୋଡ଼ିଛନ୍ତି। ସେଲିନା ଅବସରପ୍ରାପ୍ତ ମେଜର୍‌ଙ୍କ ଏକମାତ୍ର ଜୀବିତ ରକ୍ତ ସମ୍ପର୍କୀୟ। ସେ ଭାଇଙ୍କ ସ୍ଥିତି, ଆଇନଗତ ସାହାଯ୍ୟ ଓ କୂଟନୈତିକ କାର୍ଯ୍ୟାନୁଷ୍ଠାନ ବିଷୟରେ ଜାଣିବା ପାଇଁ ଦିଲ୍ଲୀ ହାଇକୋର୍ଟର ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି। ତେବେ ବିକ୍ରାନ୍ତଙ୍କ ବିରୋଧରେ ମାମଲାକୁ ଔପଚାରିକ ରୂପେ ସାର୍ବଜନୀନ କରାଯାଇନାହିଁ। ୟୁଏଇ କର୍ତ୍ତୃପକ୍ଷମାନେ ମଧ୍ୟ ମୁହଁ ଖୋଲୁନାହାନ୍ତି। ବିକ୍ରାନ୍ତ କରିଥିବା ଅପରାଧ ବିଷୟରେ ଭାରତର ହାତଗଣତି ଶୀର୍ଷ ଅଧିକାରୀମାନେ ଜାଣିଥିବେ ବୋଲି ଅନୁମାନ କରାଯାଉଛି। ବିକ୍ରାନ୍ତଙ୍କୁ ଏବେ ଆବୁଧାବିର ଅଲ୍ ୱାଥ୍‌ବାହ ଜେଲ୍‌ରେ ରଖାଯାଇଛି। ତାଙ୍କ ସ୍ଥିତି ଅତ୍ୟନ୍ତ ଖରାପ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁସାରେ, ଏକ ସମ୍ବେଦନଶୀଳ ଜାତୀୟ ସୁରକ୍ଷା ମାମଲାରେ ତାଙ୍କୁ ବନ୍ଦୀ କରାଯାଇଛି। କୌଣସି ପ୍ରକାର ବାହ୍ୟ ହସ୍ତକ୍ଷେପ ବିନା ୟୁଏଇ ଏହି ମାମଲାର ଯାଞ୍ଚ ପୂରା କରିବ। ଜାତୀୟ ସୁରକ୍ଷା ସମ୍ପର୍କିତ ଯାଞ୍ଚ ମାମଲାରେ ଏ ପ୍ରକାର ଗିରଫ ଏକ ବ୍ୟାପକ ପ୍ୟାଟର୍ନକୁ ଦର୍ଶାଉଥିବା ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି।

# ସର୍ବକାଳୀନ ନିମ୍ନ ସ୍ତରରେ ଟଙ୍କା

## ଡଲାର ତୁଳନାରେ ୯୦ ଟପିଲା

**ନୂଆଦିଲ୍ଲୀ,୩।୧୨:** ଦିନକୁ ଦିନ ଟଙ୍କାର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ଦୁର୍ବଳ ହୋଇ ଚାଲିଛି। ଗତ ମେ’ରେ ଗୋଟିଏ ଡଲାର୍‌ର ମୂଲ୍ୟ ପାଖାପାଖି ୮୪ ଟଙ୍କା ଥିବା ବେଳେ ଏବେ ଏହା ୯୦ ଟଙ୍କାକୁ ବି ଟପିଯାଇଛି। ଅର୍ଥାତ୍ ଗତ ୭ ମାସ ମଧ୍ୟରେ ଟଙ୍କା ମଜବୁତ ହୋଇନାହିଁ, ବରଂ ନିମ୍ନମୁଖୀ ହୋଇ ୮ ପ୍ରତିଶତ ତଳକୁ ଖସିଛି। ଆଜି ପ୍ରଥମ ଥର ପାଇଁ ଡଲାର ତୁଳନାରେ ଟଙ୍କା ୯୦କୁ ଟପିଯାଇଛି। ଏହା ପଛରେ ଡଲାରର ସ୍ଥାନୀୟ ଚାହିଦା ବୃଦ୍ଧି ସହ ବିଦେଶୀ ନିବେଶକଙ୍କ ଦ୍ୱାରା ଲାଭ ଆଦାୟ ମୁଖ୍ୟ କାରଣ ବୋଲି ବିଶେଷଜ୍ଞମାନେ ମତ ପୋଷଣ କରିଛନ୍ତି। ଅଧିକନ୍ତୁ ଆଗାମୀ ଦିନରେ ମଧ୍ୟ ଟଙ୍କା ସବଳ ହେବାର ସାମାନ୍ୟତମ ସମ୍ଭାବନା ନାହିଁ, ବରଂ ଆହୁରି ଦୁର୍ବଳ ହେବାର ସମ୍ଭାବନା ପ୍ରକଟ କରାଯାଇଛି। ଏପରିକି ଏହା ୯୧ ଟଙ୍କାକୁ ବି ଟପିଯିବ ବୋଲି ଆକଳନ କରାଯାଉଛି। ଅବଶ୍ୟ ଫେଡ୍ ପକ୍ଷରୁ ସୁଧ ହାର ହ୍ରାସ ପାଇଲେ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ମନିଟାରୀ ପଲିସି ଆଧାରରେ ଟଙ୍କା ସାମାନ୍ୟ ଉର୍ଦ୍ଧ୍ୱମୁଖୀ ହୋଇପାରେ ବୋଲି ଆକଳନ କରାଯାଉଛି।

ଆଜି ଅନ୍ତର୍ଜାତୀୟ ବଜାରରେ ପ୍ରାରମ୍ଭିକ କାରବାରରେ ଟଙ୍କାର ମୂଲ୍ୟ ଡଲାର୍ ତୁଳନାରେ ପାଖାପାଖି ୬ ପଇସା ହ୍ରାସ ପାଇ ୯୦ ଟଙ୍କା ୨ ପଇସାରେ ପହଞ୍ଚିଥିଲା। ବ୍ୟାଙ୍କଗୁଡ଼ିକ ଦ୍ୱାରା ଉଚ୍ଚ ସ୍ତରରେ ଆମେରିକୀୟ ଡଲାର କ୍ରୟ ଜାରି ରହିବା ଓ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଦ୍ୱାରା ବାହାରକୁ ପ୍ରବାହ ଜାରି ରହିବା ଯୋଗୁଁ ଏହା ଘଟିଥିବା କୁହାଯାଉଛି। ଏହା ସତ୍ତ୍ୱେ ବି ଫରେନ୍ କରେନ୍ସି ଟ୍ରେଡର୍ସ ଅନୁସାରେ, ଦୁର୍ବଳ ଡଲାର ସୂଚକାଙ୍କ ଓ ବିଶ୍ୱ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଏହି ତୀବ୍ର ହ୍ରାସକୁ ସାମାନ୍ୟ କମ୍ କରିଥିଲା। ସେହିପରି ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ଡଲାର ତୁଳନାରେ ଟଙ୍କା ୮୯.୯୬ରେ ଖୋଲିଥିଲା ଓ ପରେ ଏହା ୯୦ ଟଙ୍କା ୧୫ ପଇସାର ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଯାଇଥିଲା। କିନ୍ତୁ ପରେ ସାମାନ୍ୟ ସୁଧାର ଆସି ୯୦.୦୨ରେ କାରବାର ବନ୍ଦ ହୋଇଥିଲା। ତେବେ ଏହା ପୂର୍ବ ବନ୍ଦ ତୁଳନାରେ ୬ ପଇସା କମ୍ ଥିଲା। ଗତକାଲି ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୪୩ ପଇସା ହ୍ରାସ ପାଇ ୮୯.୯୬ର ସର୍ବକାଳୀନ ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଥିଲା। ଏହାର ମୁଖ୍ୟ କାରଣ ସଟ୍ଟାବାଜଙ୍କ ଦ୍ୱାରା ନିରନ୍ତର ଶର୍ଟ-କଭରିଂ ଓ ଆମଦାନୀକାରୀମାନଙ୍କ ଦ୍ୱାରା ଆମେରିକୀୟ ମୁଦ୍ରା ପାଇଁ ନିରନ୍ତର ଚାହିଦା ବୋଲି କୁହାଯାଉଛି।

### କାମ ଦେଲାନି ଋତୁରାଜ ଓ କୋହଲିଙ୍କ ଶତକ

## ମାର୍କରାମଙ୍କ ଶତକ: ଦ୍ୱିତୀୟ ଦିନିକିଆ ଜିତିଲା ଦକ୍ଷିଣ ଆଫ୍ରିକା




**ରାୟପୁର,୩।୧୨:** ଚଳିତ ଦିନିକିଆ ସିରିଜ୍ ୧-୧ରେ ବରାବର ହୋଇଛି। ପ୍ରଥମ ମ୍ୟାଚ୍‌ରେ ଘରୋଇ ଭାରତ ବିଜୟୀ ହୋଇଥିଲେ ହେଁ ଆଜି ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୪ ୱିକେଟ୍‌ରେ ବିଜୟୀ ହୋଇ ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମେ ବ୍ୟାଟିଂ ପାଇଥିବା ଭାରତ ନିର୍ଦ୍ଧାରିତ ୫୦ ଓଭର୍‌ରେ ୫ ୱିକେଟ୍ ହରାଇ ୩୫୮ ରନ୍ କରିଥିଲେ ହେଁ ଅଧିନାୟକ ତଥା ଅଧିକାୟକ ଆଇଡେନ୍ ମାର୍କରାମଙ୍କ ଚମତ୍କାର ଶତକୀୟ ଇନିଂସରେ ବଳରେ ଦକ୍ଷିଣ ଆଫ୍ରିକା ୪ଟି ବଲ୍ ବାକି ଥିବା ସମୟରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ବିରାଟ କୋହଲି କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଥିଲେ। ସେ ୯୩ ବଲ୍ ଖେଳି ୭ଟି ଚୌକା ଓ ୨ଟି ଛକା ଜରିଆରେ ୧୦୨ ରନ କରିଥିବା ବେଳେ ତା’ ପୂର୍ବରୁ ଋତୁରାଜ ଗାଏକ୍‌ୱାଡ୍ ମାତ୍ର ୮୩ଟି ବଲ୍‌ରେ ୧୨ଟି ଚୌକା ଓ ୨ଟି ଛକା ଜରିଆରେ ୧୦୫ ରନ୍‌ର ବଳିଷ୍ଠ ଇନିଂସ ଖେଳିଥିଲେ। ଏହାଛଡ଼ା ଅଧିନାୟକ ଲୋକେଶ ରାହୁଲ୍ ୬ଟି ଚୌକା ଓ ୨ଟି ଛକା ସହ ଅପରାଜିତ ୬୬ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜାନ୍‌ସେନ୍ ୨ଟି ୱିକେଟ୍ ନେଇଥିଲେ। ସେହିପରି ଦକ୍ଷିଣ ଆଫ୍ରିକା ପାଇଁ ମାର୍କରାମ୍ ୯୮ ବଲ୍‌ରେ ୧୦ଟି ଚୌକା ଓ ୪ଟି ଛକା ସହ ୧୧୦ ରନ୍ କରିଥିବା ବେଳେ ମାଥ୍ୟୁ ବ୍ରିଜ୍‌କି ୬୮, ଡେୱାଲ୍ଡ ବ୍ରେଭିସ୍ ୫୪ ଓ ଟେମ୍ବା ବାଭୁମା ୪୬ ରନ୍ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂ ଓ କୁଲଦୀପ ଯାଦବ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ମ୍ୟାଚ୍‌ରେ ଭାରତ ଦୁର୍ବଳ ବୋଲିଂ ଓ ଫିଲ୍ଡିଂ କରିବାରୁ ଏହା ହିଁ ପରାଜୟର ମୁଖ୍ୟ କାରଣ ଥିଲା। ମାର୍କରାମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ସିରିଜ୍‌ର ନିର୍ଣ୍ଣାୟକ ମ୍ୟାଚ୍ ଆସନ୍ତା ୬ ତାରିଖରେ ବିଶାଖାପଟ୍ଟନମ୍‌ଠାରେ ଖେଳାଯିବ।

## କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ହାତରେ ୪୩ ଲକ୍ଷ ଟଙ୍କିଆ ଘଣ୍ଟା

● ବିରୋଧୀ ଉଠାଇଲେ ପ୍ରଶ୍ନ

**ବେଙ୍ଗାଲୁରୁ,୩।୧୨:** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ପୁଣି ଥରେ ଏକ ଦାମୀ ଘଣ୍ଟା ପିନ୍ଧିବାକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ନିଜକୁ ଜଣେ ସମାଜବାଦୀ ନେତା ଭାବେ ଉପସ୍ଥାପନ କରୁଥିବା ସିଦ୍ଧରମେୟା ମଙ୍ଗଳବାର ଏକ ବୈଠକ ସମୟରେ ୪୩ ଲକ୍ଷ ୨୦ ହଜାର ଟଙ୍କା ମୂଲ୍ୟର ‘ସାଣ୍ଟୋସ୍ ଡି କାର୍ଟିଅର୍’ ଘଣ୍ଟା ପିନ୍ଧିଥିବା ଦେଖାଯାଇଛି। ମୁଖ୍ୟମନ୍ତ୍ରୀ ପିନ୍ଧିଥିବା ଏହି ଘଣ୍ଟାଟି ସମ୍ପୂର୍ଣ୍ଣ ଗୋଲାପୀ



ସୁନାରେ ନିର୍ମିତ ଏବଂ ଏହା ‘ସାଣ୍ଟୋସ୍’ ସଂଗ୍ରହର ସର୍ବୋଚ୍ଚ ମଡେଲ୍। ଏହା ଭିତରେ କାର୍ଟିଅର୍‌ର କ୍ୟାଲିବର୍ ୧୮୪୭ ଏମ୍‌ସି ନାମକ ଏକ ସ୍ୱୟଂଚାଳିତ ମେକାନିକାଲ୍ ମୁଭମେଣ୍ଟ ରହିଛି। ଏହି ଘଣ୍ଟାଟି ୧୯୦୪ରେ ବ୍ରାଜିଲୀୟ ବିମାନଚାଳକ ଆଲବର୍ଟୋ ସାଣ୍ଟୋସ୍-ଡୁମୋଣ୍ଟଙ୍କ ପାଇଁ ତିଆରି କରାଯାଇଥିଲା ଏବଂ ଏହାକୁ ବିଶ୍ୱର ପ୍ରଥମ ପୁରୁଷ ଡିଜାଇନ୍ ରିଷ୍ଟୱାଚ୍ ଭାବରେ ଗଣାଯାଏ। ଏହା ପ୍ରଥମ ଥର ନୁହେଁ ଯେ ସିଦ୍ଧରମେୟା ଏକ ଦାମୀ ଘଣ୍ଟା ପାଇଁ ବିବାଦରେ ଫସିଛନ୍ତି। ୨୦୧୬ ମସିହାରେ, ତାଙ୍କର ଏକ ସୀମିତ ସଂସ୍କରଣର ‘ହବଲୋଟ୍’ ଘଣ୍ଟାକୁ ନେଇ ରାଜନୈତିକ ବିବାଦ ଦେଖାଦେଇଥିଲା, ଯାହାର ଦାମ୍ ୫୦ରୁ ୭୦ ଲକ୍ଷ ଟଙ୍କା ଥିବା ଅଭିଯୋଗ ହୋଇଥିଲା। ସେତେବେଳେ ବିରୋଧୀମାନେ ଜଣେ ‘ଗରିବ ଲୋକଙ୍କ ନେତା’ ଏଭଳି ବିଳାସପୂର୍ଣ୍ଣ ଆସେସୋରିଜ୍ ପିନ୍ଧିବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହିପରି ବିଳାସପୂର୍ଣ୍ଣ ଜିନିଷର ବ୍ୟବହାର ଜଣେ ସମାଜବାଦୀ ନେତାଙ୍କ ଭାବମୂର୍ତ୍ତି ସହ ଖାପ ଖାଉଛି କି ନାହିଁ, ତାହାକୁ ନେଇ ପୁଣି ଥରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ଅଗ୍ନିକାଣ୍ଡରେ ୨ ଦୋକାନ ପାଉଁଶ

**କୋଲକାତା,୩।୧୨(ସଂଚାର ବ୍ୟୁରୋ):** ନିକଟରେ ଜଳପାଇଗୁଡ଼ି ଜିଲ୍ଲାର ଧୂପଗୁଡ଼ିରେ ଏକ ପ୍ଲାଷ୍ଟିକ୍ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଆଜି ମଇନାଗୁଡ଼ିରେ ଅଗ୍ନିକାଣ୍ଡ ଘଟି ଦୁଇଟି ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ଆଜି ସକାଳେ ଏହି ଭୟାନକ ଅଗ୍ନିକାଣ୍ଡ ଘଟିଥିଲା, ଯେଉଁଥିରେ ଗୋଟିଏ ମିଠା ଦୋକାନ ଓ ଏକ ଭେରାଇଟି ଷ୍ଟୋର ଜଳିଯାଇଛି। ଜଳପାଇଗୁଡ଼ି ଜିଲ୍ଲାର ମଇନାଗୁଡ଼ି ବ୍ଲକର ଆମଗୁଡ଼ି ଗାଁରେ ବୁଧବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଏହାର କାରଣ ଜଣାପଡ଼ିନାହିଁ। ଏନେଇ ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ ଘଟଣାଟି ଭୋର ପ୍ରାୟ ସାଢ଼େ ୩ଟାରୁ ୪ଟା ମଧ୍ୟରେ ଘଟିଥିଲା। ଖବର ପାଇ ମଇନାଗୁଡ଼ି ଦମକଳ ବିଭାଗର ଗୋଟିଏ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ଉତ୍ତର ରାଉତଙ୍କ ଭେରାଇଟି ଷ୍ଟୋର ଓ ଅନିଲ ରାୟଙ୍କ ମିଠା ଦୋକାନ ଆଖି ପିଛୁଳାକେ ଜଳିଯାଇଛି।

## କୁଲଡିହା ଅଭୟାରଣ୍ୟରୁ ୨ ବନ୍ଧୁକ ସହ ୫ଶିକାରୀ ଗିରଫ



**ନୀଳଗିରି, ୩।୧୨ (ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟ ରେ ଶିକାର ରୋକିବାରେ ନାଁ ଧରୁନି। କଥାରେ ଅଛି ଯେତେ ଜାରି ସେତେ ଚୋରି ସେହି ନୀତିରେ ସରକାର ଶିକାର ରୋକିବା ପାଇଁ ଯେତେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଆପଣେଇ ଥିଲେ ସୁଧା କୁଳଡିୟା ଅଭୟାରଣ୍ୟ ରେ ଦିନକୁ ଦିନ ଶିକାରୀଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି। ଆଜି ଭୋର ପ୍ରାୟ ୫.୩୦ମିନିଟ ସମୟରେ କୁଲଡିହା ଅଭୟାରଣ୍ୟ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟ ବିଟ ଅଧିନ ଖୋଲିଆଟୁଆ ମୁହଁ ଠାରେ ପଂଚଲିଙ୍ଗେଶ୍ୱର ଫରେଷ୍ଟର ହୃଷିକେଶ ପ୍ରଧାନ ଙ୍କ ନେତୃତ୍ୱରେ ବନ କର୍ମଚାରୀ ମାନେ ପେଟ୍ରୋଲିଂ କରୁଥିବା ବେଳେ ୫ ସଶାସ୍ତ୍ର ଧାରୀ ଶିକାରୀ ଜଙ୍ଗଲ ଭିତରକୁ ପ୍ରବେଶ କରୁଥିବାର ଦେଖିଥିଲେ। ପରେ ବନ କର୍ମଚାରୀ ମାନେ ଅଭିଯୁକ୍ତ ଗୋରା ସୋରେନ ଙ୍କ ପୁତ୍ର ନିର୍ମଳ(୪୩),ବୁଦ୍ଧିରାମ ସିଂ ଙ୍କ ପୁତ୍ର ଚିନ୍ତାମଣି(୪୫),ମକରା ସିଂ ପୁତ୍ର ଶ୍ୟାମ (୩୦),ବାଇନ ସିଂ ଙ୍କ ପୁତ୍ର ବ୍ରଜକିଶୋର(୫୧)ଓବାବନ ସିଂ ଙ୍କ ପୁତ୍ର ହରି ମୋହନ(୪୦)କୁ ଗିରଫ କରିବା ସହ୨ଟି ଦେଶୀ ବନ୍ଧୁକ,୩ଟି ଧନୁ, ୧୦ତୀର ଜବତ କରାଯାଇଛି।ଅଭିଯୁକ୍ତ ମାନଙ୍କ ବିରୋଧ ରେ ମାମଲା ରୁଜୁ କରି ବନ ବିଭାଗ ଅଧିକ ତଥ୍ୟ ପାଇଁ ତଦନ୍ତ ଜାରି ରଖିଥିବା ଜଣାପଡିଛି।

### ଖୋର୍ଦ୍ଧା ମଡେଲ ପୁଲିସକୁ ବଡ଼ ସଫଳତା

## ୬୫ ଲକ୍ଷର ବ୍ରାଉନସୁଗର ଜବତ, ୩ ଗିରଫ

**୧୭୫ ବୋତଲ କଫ ସିରପ ସହ ବ୍ୟାପକ ସାମଗ୍ରୀ ଉଦ୍ଧାର**

**ଖୋର୍ଦ୍ଧା,୩।୧୨(ସଂଚାର ବ୍ୟୁରୋ):** ଅବୈଧ ନିଶା କାରବାର ବିରୋଧରେ ଆଜି ଖୋର୍ଦ୍ଧା ମଡେଲ ପୁଲିସ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିସହ ଏହି ମାମଲାରେ ପୁଲିସ୍ ଜଣେ ମହିଳାଙ୍କ ସମେତ ମୋଟ ୩ ଜଣଙ୍କୁ ମଧ୍ୟ ଗିରଫ କରିଛି। ସେହିପରି ବଜାରରୁ ପାଖାପାଖି ୬୫ ଲକ୍ଷରୁ ଅଧିକ ଟଙ୍କାର ୬୫୦ ଗ୍ରାମ ବ୍ରାଉନସୁଗର ଜବତ କରିଛି। ‘ସୁଗାର ଟ୍ରାପ୍’ ନାମକ ଏହି ଅଭିଯାନରେ ପଲିଥିନ୍ ପ୍ୟାକେଟ, ଏକ ସିଲିଂ ମେସିନ୍, ଡିଜିଟାଲ୍ ଓଜନ ସ୍କେଲ୍, ୧୭୫ ବୋତଲ କୋଡିନ୍ ଆଧାରିତ କଫ୍ ସିରପ୍, ୩ଟି ମୋବାଇଲ୍ ଓ ଗୋଟିଏ ସ୍କୁଟି ସହ ପ୍ରମୁଖ ନିଶା ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି। କଟକ କେନ୍ଦ୍ରୀୟ ରେଞ୍ଜର୍ ଡିଆଇଜି ଡକ୍ଟର ସତ୍ୟଜିତ ନାୟକ ଓ ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା ଏ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି ଯେ ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଖୋର୍ଦ୍ଧା ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଆଇଆଇସି, ମଡେଲ ପିଏସ୍ ଖୋର୍ଦ୍ଧା, ଇନ୍ସପେକ୍ଟର ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ଏସଆଇ ଦୀନେଶ କୁମାର ପିଙ୍ଗୁଆଙ୍କ ନେତୃତ୍ୱରେ ଏହି ଦଳ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଗିରଫ କରି ଜବତ କରିବାରେ ସଫଳ ହୋଇଥିଲା। ଜବତ କଫ୍ ସିରପ୍‌ର ପ୍ରତି ବୋତଲରେ ୧୦୦ ମିଲି କୋଡିନ୍ ଫସଫେଟ୍ ଓ ଟ୍ରିପୋଲିଡିନ୍ ହାଇଡ୍ରୋକ୍ଲୋରାଇଡ୍ ରହିଥିବା ଜଣାପଡ଼ିଛି।

ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ନୂତନ ସୁନ୍ଦରା ସାହିର ଅଭିଜିତ ଜେନା (୨୦) ଓ ବିଷ୍ଣୁପ୍ରିୟା ଜେନା ଏବଂ ଉପର ସାହିର ଦେବାଶିଷ ପଟ୍ଟନାୟକ (୨୩)। ତେବେ ପୂର୍ବରୁ ଖୋର୍ଦ୍ଧାରେ କଦାପି ଏତେ ଅଧିକ ପରିମାଣର ବ୍ରାଉନ୍‌ସୁଗର୍ ଜବତ ହୋଇନଥିବା ବେଳେ ଏପରି ଏକ ସଫଳତା ପାଇଁ ଡିଆଇଜି ଶ୍ରୀ ନାୟକ ପୁଲିସ୍‌କୁ ପ୍ରଶଂସା କରିଛନ୍ତି। ପୂର୍ବରୁ ଅପରେସନ ‘ପ୍ରହାର’ ଅଧୀନରେ ଖୋର୍ଦ୍ଧା ବ୍ରାଉନସୁଗର ଜବତରେ କେନ୍ଦ୍ରୀୟ ଜୋନ୍‌ର ନେତୃତ୍ୱ ନେଇଥିଲା ଏବଂ ‘ସୁଗାର ଟ୍ରାପ୍’ ଭଳି ଅପରେସନ ଖୋର୍ଦ୍ଧା ଜିଲ୍ଲାରେ ନିଶା କାରବାରକୁ ରୋକିବା ପାଇଁ ଜାରି ରହିବ। ବୋଲି ଶ୍ରୀ ନାୟକ କହିଛନ୍ତି।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

**ବାରିପଦା,୩।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ସହୀଦ ସ୍ମୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୫ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ସକାଳ ଘ. ୯-୩୦ ମିନିଟ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବିଭିନ୍ନ ସ୍ୱତନ୍ତ୍ର ବିଦ୍ୟାଳୟରୁ ଆସିଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀ, ବିଭିନ୍ନ ଭିନ୍ନକ୍ଷମ ସଂଗଠନ ଓ ଅନ୍ୟାନ୍ୟ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରାଇ ଏକ ସଚେତନତା ୱାକାଥନ ଆୟୋଜିତ ହୋଇଥିଲା। ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଇଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଣଜିତ ସୋରେନ ଓ ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଆ ଚଳଚିତ୍ର ଜଗତର ତାରକା ସ୍ୱରାଜ ବାରିକ ଯୋଗ ଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରେଳବାଇରେ...

ଖର୍ଚ୍ଚ ସହଭାଗିତା ଭିତ୍ତିରେ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ପାଇଁ ଜମି ଓଡ଼ିଶା ସରକାର ଯୋଗାଇବାକୁ ଥିବାରୁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରିଛନ୍ତି। ଏପର୍ଯ୍ୟନ୍ତ ମୋଟ ୩୩୮.୯୪ ହେକ୍ଟର ଆବଶ୍ୟକ ଜମି ମଧ୍ୟରୁ ୧୨.୪୧ ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି। ସେହିପରି ୧୩୦ କିମି ଜୟପୁର-ମାଲକାନଗିରି ନୂତନ ରେଳ ଲାଇନ ପ୍ରକଳ୍ପକୁ ୨,୩୪୪ କୋଟି ଟଙ୍କା ବ୍ୟୟବରାଦ ଆଧାରରେ ଖର୍ଚ୍ଚ ସହଭାଗିତା ଭିତ୍ତିରେ ମଞ୍ଜୁର କରାଯାଇଛି। ଏପର୍ଯ୍ୟନ୍ତ ମୋଟ ୧,୧୨୭.୮୨ ହେକ୍ଟର ଆବଶ୍ୟକ ଜମି ମଧ୍ୟରୁ ୧୬୭.୩୯ ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି ବୋଲି ରେଳ ମନ୍ତ୍ରୀ କହିଛନ୍ତି।

ରେଳମନ୍ତ୍ରୀ ଆହୁରି କହିଛନ୍ତି ଯେ ୨୦୦୯-୨୦୧୪ ମଧ୍ୟରେ ଓଡ଼ିଶାକୁ ମାତ୍ର ୮୩୮ କୋଟି ଟଙ୍କାର ରେଳ ବଜେଟ୍ ମିଳିଥିବା ବେଳେ କେବଳ ୨୦୨୫-୨୬ରେ ଏହାର ପ୍ରାୟ ୧୩ ଗୁଣ ଅଧିକ ୧୦,୫୯୯ କୋଟି ଟଙ୍କାର ରେଳ ବଜେଟ୍ ଆବଣ୍ଟନ କରାଯାଇଛି। ସେହିପରି ୨୦୦୯-୧୪ ମଧ୍ୟରେ ୨୬୭ କିମି ନୂଆ ରେଳ ଟ୍ରାକ୍ କାମ ହୋଇଥିବା ବେଳେ ବାର୍ଷିକ ହାରାହାରି ରେଳ ଲାଇନ୍ ନିର୍ମାଣ ୫୩.୪ କିମି ଥିଲା। ଅନ୍ୟପଟେ ୨୦୧୪-୨୫ ମଧ୍ୟରେ ୨୧୫୦ କିମି ରେଳ ଟ୍ରାକ୍ ନିର୍ମାଣ କରାଯାଇଛି। ଅର୍ଥାତ୍ ବାର୍ଷିକ ହାରାହାରି ନୂଆ ରେଳ ଲାଇନ ନିର୍ମାଣ ୧୯୫.୪୫ କିମି ରହିଛି, ଯାହାକି ୩.୫ ଗୁଣ ଅଧିକ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

### ପ୍ରତିଭା...

ଆମର ଦାୟିତ୍ୱ। ଏଥିସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭିନ୍ନକ୍ଷମମାନଙ୍କୁ ଉତ୍ସାହିତ କରିବାକୁ ଯାଇ କହିଛନ୍ତି ଯେ ଆପଣମାନଙ୍କ ସ୍ୱପ୍ନ ଓ ଆଶା ଆକାଂକ୍ଷା ଆମ ବିକାଶର କେନ୍ଦ୍ରବିନ୍ଦୁ। କେବେ ବି ଆଶା ହରାନ୍ତୁ ନାହିଁ, ଶିଖନ୍ତୁ। ଆପଣଙ୍କ ସଫଳତାର କୌଣସି ସୀମା ନାହିଁ। ଯଦି ଆପଣଙ୍କ ପାଇଁ କିଏ ସୀମାରେଖା ଟାଣେ, ତେବେ ତାକୁ ଚ୍ୟାଲେଞ୍ଜ କରନ୍ତୁ। ଆପଣ ନିଶ୍ଚୟ ସୀମାହୀନ ସଫଳତା ହାସଲ କରିପାରିବେ ଓ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିକଟରେ ଟି-୨୦ ଦୃଷ୍ଟିବାଧିତ ମହିଳା ବିଶ୍ୱକପ ବିଜେତା ଭାରତୀୟ ଟିମ୍‌ର ୪ ଜଣ ଓଡ଼ିଆ ଖେଳାଳୀଙ୍କ ସମେତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ମୋଟ ୩୩ ଜଣ ଭିନ୍ନକ୍ଷମ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହାଛଡ଼ା କୃତୀ ବିଦ୍ୟାର୍ଥୀମାନଙ୍କୁ ଲାପଟପ୍ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ମଧ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭିନ୍ନକ୍ଷମଙ୍କ ପାଇଁ ବର୍ଦ୍ଧିତ ହାରରେ ଭତ୍ତା ବ୍ୟବସ୍ଥା, ଅନ୍ତ୍ୟୋଦୟ ଗୃହ ଯୋଜନାରେ ବାସଗୃହ, ଛାତ୍ରବୃତ୍ତି ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଆହୁରି ଅଧିକ ସ୍ୱତନ୍ତ୍ର ଶିକ୍ଷକ ନିୟୋଜନିତ ହେବେ। ଭିନ୍ନକ୍ଷମମାନଙ୍କ ଲକ୍ଷ୍ୟ ଯଦି ଠିକ୍ ରହିଲେ, ନିଶ୍ଚିତ ରୂପେ ଲକ୍ଷ୍ୟସ୍ଥଳରେ ସେମାନେ ପହଞ୍ଚିପାରିବେ। ତେଣୁ ନିଜ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ଲକ୍ଷ୍ୟପଥରେ ଅଗ୍ରସର ହେବା ସକାଶେ ଶ୍ରୀ ଗଣ୍ଡ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଆର୍‌ଏସ୍ ଗୋପାଳନ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱତନ୍ତ୍ର ସଚିବ ରଜନୀ ଦାନୀ ଧନ୍ୟବାଦ ଦେଇଥିଲେ। ଏହାଛଡ଼ା ବିଭାଗୀୟ ନିର୍ଦ୍ଦେଶିକା ପାରୁଲ ପଟୱାରୀ ମଧ୍ୟ ଉପସ୍ଥିତ ଥିଲେ।

### ୩୧୦୦ରେ...

ପ୍ରତାପ ସ୍ୱାଇଁ, ପ୍ରଦୀପ ଦିଶାରୀ, କଂଗ୍ରେସ ବିଧାୟକ ଅଶୋକ ଦାସ ମଧ୍ୟ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ପ୍ରଶ୍ନ କରିଥିଲେ।

ବିରୋଧୀ ଦଳର ବିଧାୟକଙ୍କ ଅଭିଯୋଗର ଜବାବ ଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କହିଥିଲେ ଯେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଚାଷୀ ଧାନ ବିକିବାକୁ ପଞ୍ଜିକରଣ କରିଛନ୍ତି। ମନ୍ତ୍ରୀମାନେ ବିଭିନ୍ନ ମଣ୍ଡି ବୁଲି ସ୍ଥିତି ଅନୁଧ୍ୟାନ କରିବେ। ପ୍ରତ୍ୟେକ ଜିଲ୍ଲା ପାଇଁ ଜଣେ ଲେଖାଏଁ ମନ୍ତ୍ରୀଙ୍କୁ ମଣ୍ଡି ଦାୟିତ୍ୱ ଦିଆଯାଇଛି। ଧାନ ସଂଗ୍ରହ ସମୟରେ ସମନ୍ୱୟ ପାଇଁ ମନ୍ତ୍ରିସ୍ତରୀୟ କମିଟି ଗଠନ ହୋଇଛି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଜିଲ୍ଲାପାଳ ପ୍ରତ୍ୟେକ ମଣ୍ଡିରେ ଜଣେ ଲେଖାଏଁ ଅଫିସରଙ୍କୁ ଦାୟିତ୍ୱ ଦେବେ। ଅଫିସରମାନେ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ। ସମବାୟ, ପଞ୍ଚାୟତିରାଜ, ଖାଦ୍ୟ ଯୋଗାଣ ଭଳି ବିଭାଗ ସମନ୍ୱୟ ରଖି କାର୍ଯ୍ୟ କରିବେ। ୫ ଜିଲ୍ଲାକୁ ମୋଟ୍ ୨ ଲକ୍ଷ ୫୪ ହଜାର ୫୬୯ଟି ଟୋକେନ ଦିଆଯାଇଛି। ବରଗଡ଼ରେ ୭୩୬୯୬, ବଲାଙ୍ଗୀରରେ ୫୩୦୯୦, କଳାହାଣ୍ଡିରେ ୮୮୬୬୬, ନୂଆପଡ଼ାରେ ୨୯୮୬, ସମ୍ବଲପୁରରେ ୪୯୩୩୩ ଜଣଙ୍କୁ ଟୋକନ୍ ଦିଆଯାଇଛି। ଖୁବ୍‌ଶୀଘ୍ର ଅନ୍ୟ ଅଞ୍ଚଳରେ ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ। ଚଳିତ ଖରିଫ ଋତୁରେ ୧୯ ଲକ୍ଷ ୬୭ ହଜାର ୮୧୨ ଚାଷୀ ପଞ୍ଜିକୃତ ହୋଇଛନ୍ତି। ୧୦୦ଟି ମଡେଲ ମଣ୍ଡି ଖୋଲିଛନ୍ତି ସରକାର ବୋଲି ଗୃହରେ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ।

### ଟଳିଲେ...

ବିଜାପୁରର ଡିଆରଜିର କର୍ମଚାରୀ ଓ ରାଜ୍ୟ ପୁଲିସର ଉଭୟ ୟୁନିଟ୍ ସ୍ପେଶାଲ୍ ଟାସ୍କ ଫୋର୍ସ ଏବଂ କୋବ୍ରା (କମାଣ୍ଡୋ ବାଟାଲିୟନ ଫର୍ ରିଜୋଲ୍ୟୁଟ୍ ଆକ୍ସନ୍- ସିଆର୍‌ପିଏଫ୍‌ର ଏକ ଏଲିଟ୍ ୟୁନିଟ୍) ଏହି ଅପରେସନ୍‌ରେ ସାମିଲ ଥିଲେ।

### ମା’...

ସରକାର ଭଲ ଭାବେ ପାଳନ କରିବାକୁ ସେ ଦାବି କରିଥିଲେ। ମା’ ରମାଦେବୀ କଂଗ୍ରେସ ସହ ସମ୍ପୃକ୍ତ ଥିଲେ ବୋଲି ତାଙ୍କ ଜୟନ୍ତୀକୁ ସରକାର ପାଳନ କରିନଥିବା ଖବରକାଗଜରେ ପ୍ରକାଶ ପାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ।

ସେହିପରି ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରୁଣ କୁମାର ସାହୁ କହିଥିଲେ ଯେ ମା’ ରମାଦେବୀଙ୍କର ୧୨୫ତମ ଜନ୍ମବାର୍ଷିକୀ ଆଜି ସରିଗଲା। ଏବେ ତାଙ୍କର ୧୨୬ତମ ଜୟନ୍ତୀ ପାଳନ ହେବ। ଓଡ଼ିଆ ଅସ୍ମିତାକୁ ଯିଏ ତୋଳି ଧରି ଆତ୍ମଉତ୍ସର୍ଗ କରିଥିଲେ, ତାଙ୍କୁ ଏ ସରକାର ସମ୍ମାନ ଦେଇପାରିଲେ ନାହିଁ। ଗୋଟିଏ ବର୍ଷ ମଧ୍ୟରେ ସରକାର କୌଣସି କାର୍ଯ୍ୟକ୍ରମ କଲେ ନାହିଁ। ଏହାଛଡ଼ା ଅନ୍ୟତମ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଏହି ପ୍ରସଙ୍ଗରେ କହିଥିଲେ ଯେ ଚଳିତ ବର୍ଷ ମା’ ରମାଦେବୀଙ୍କ ସହ ଡକ୍ଟର ହରେକୃଷ୍ଣ ମହତାବ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କର ମଧ୍ୟ ୧୨୫ତମ ଜନ୍ମବାର୍ଷିକୀ ଥିଲା। ଡଃ ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ଥିଲେ ଓ ତାଙ୍କ ପୁଅ ଏବେ ଶାସକ ଦଳର ସାଂସଦ ଅଛନ୍ତି ବୋଲି ବୋଧହୁଏ ତାଙ୍କ ଜୟନ୍ତୀକୁ ସରକାର ବର୍ଷ ବ୍ୟାପୀ ଭଲ ଭାବେ ପାଳନ କଲେ। କିନ୍ତୁ ମା’ ରମାଦେବୀ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ବି ଭୁଲିଗଲେ। ଓଡ଼ିଶାର ୩ ମହାନ ବରପୁତ୍ର ବା ବରପୁତ୍ରୀଙ୍କର ୧୨୫ତମ ଜନ୍ମ ଶତବାର୍ଷିକୀ ହୋଇଥିବାରୁ ବିଧାନସଭାରେ ଗୋଟିଏ ଦିନ ତାଙ୍କ ପାଇଁ ଉତ୍ସର୍ଗ କରାଯିବା ସକାଶେ ସେ ଦାବି କରିଥିଲେ। ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଅନୁରୂପ ଭାବେ ଉଦ୍‌ବେଗ ପ୍ରକାଶ କରିଥିଲେ।

ବିଜେଡି ବିଧାୟକମାନଙ୍କ ଏହି ଉଦବେଗ ପରେ ବିଜେପି ବିଧାୟକ ଈରାଶିଷ ଆଚାର୍ଯ୍ୟ କହିଥିଲେ ଯେ ମା’ ରମାଦେବୀଙ୍କ ତ୍ୟାଗ ଓ ବଳିଦାନକୁ ସରକାର ଭୁଲିନାହାନ୍ତି। ସରକାର ବର୍ଷବ୍ୟାପୀ ତାଙ୍କ ଜୟନ୍ତୀ ପାଳନ କରିବେ। ଏ ସମ୍ପର୍କରେ ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଗତକାଲି ଆଲୋଚନା କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ଟେନିସ ଅଡିଟୋରିୟମରେ ଜୟନ୍ତୀ ଉତ୍ସବର ଆୟୋଜନ କରାଯାଇଛି।। ସରକାର ନିଷ୍ପତ୍ତି କରିଛନ୍ତି ଯେ ମା’ ରମାଦେବୀଙ୍କର ବିଭିନ୍ନ ଫଟୋ ଓ ପେଣ୍ଟିଂକୁ ନେଇ ପ୍ରଦର୍ଶନୀ କରାଯିବ। ତାଙ୍କ ଜୀବନୀ ସମ୍ପର୍କରେ ନାଟକ ପ୍ରସ୍ତୁତ ହେବ। ତାଙ୍କର ମନୋଗ୍ରାଫି କରାଯିବ। ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କର ଗ୍ୟାଲେରୀରେ ସ୍ୱତନ୍ତ୍ର ଭାବେ ମା’ ରମାଦେବୀଙ୍କୁ ସ୍ଥାନ ଦିଆଯିବ ବୋଲି ବିଧାୟକ ଶ୍ରୀ ଆଚାର୍ଯ୍ୟ କହିଥିଲେ।

ଶେଷରେ ବାଚସ୍ପତି ସୁରମା ପାଢ଼ୀ ଏହି ପ୍ରସଙ୍ଗରେ ତାଙ୍କ ମତ ରଖି କହିଥିଲେ ଯେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବରପୁତ୍ରମାନଙ୍କର ଜୟନ୍ତୀ ତଥା ଶ୍ରାଦ୍ଧତିଥି ପାଳନ କରାଯାଉଛି। ଏଥିପାଇଁ ଯେଉଁ ସୂଚୀ ରହିଛି, ତାକୁ ସରକାର ଆଉ ଥରେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବେ। ପୂଜ୍ୟପୂଜା କ୍ଷେତ୍ରରେ ସରକାର ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବାଚସ୍ପତି ପରାମର୍ଶ ଦେଇଥିଲେ।

### ସାମାନ୍ୟ...

ସ୍କୁଲ୍‌ର ଆଟେଣ୍ଡାଣ୍ଟ୍ ତଥା ପିଅନ ଭଗବାନ ସିଂ ଏକ ଲୁହା ଚେନ୍‌ରେ ତା’ର ଗୋଟିଏ ଗୋଡ଼ ଓ ହାତ ବାନ୍ଧି ହଷ୍ଟେଲ ବେଡ୍‌ରେ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଛି। ଏହି ସମୟରେ ଏକ ଭିଡିଓ ସ୍କୁଲର ସହକାରୀ ଶିକ୍ଷକ ଜିତେନ୍ଦ୍ର ପରିଡା ଉତ୍ତୋଳନ କରିବା ସହ ଏହାକୁ ସୋସିଆଲ ମିଡିଆରେ ଭାଇରାଲ୍ କରିଦେଇଛନ୍ତି। ଏହି ଘଟଣା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନଜରକୁ ଆସିବା ପରେ ସେ ଏନେଇ ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ମଙ୍ଗଳ ଅଧିକାରୀ, ନୀଳଗିରି ଉପଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏନେଇ ଆଜି ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଘଟଣା ସମ୍ପର୍କରେ ବେଗୁନିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ବୁଗୁଡାଇଙ୍କୁ ପଚରାଯିବାରୁ ସେ ଏହାକୁ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ସ୍କୁଲ୍‌କୁ ଆସିବା ଦିନଠାରୁ ସହକାରୀ ଶିକ୍ଷକ ଶ୍ରୀ ପରିଡ଼ା ଉଦ୍ଦେଶ୍ୟମୂଳକ ଭାବେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଥିବା ସେ ଅଭିଯୋଗ କରିଛନ୍ତି।

ତେବେ ଜଣେ ବିଦ୍ୟାର୍ଥୀକୁ କିପରି ଭାବେ ପିଅନ ବାନ୍ଧିବାକୁ ସାହସ କଲେ, ତାଙ୍କୁ ଏପରି ଦଣ୍ଡ ଦେବା ସକାଶେ କିଏ ଅଧିକାର ଦେଲା, ସେତେବେଳେ ଏଥିରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ କାହିଁକି ବାଧା ଦେଲେନାହିଁ, ଏପରି ନାନା ପ୍ରଶ୍ନ ଉଠୁଛି। ସେହିପରି ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଶିକ୍ଷା ବିଭାଗ ପକ୍ଷରୁ ଏନେଇ କୌଣସି ପ୍ରକାର ପ୍ରତିକ୍ରିୟା ପ୍ରକାଶ ପାଇନଥିବାରୁ ବିଭାଗ କାନରେ ତେଲ ପକାଇ ଶୋଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପୂର୍ବକ ପଦକ୍ଷେପ ନେବା ସକାଶେ ଅଭିଭାବକ ମହଲରେ ଦାବି ଜୋର୍ ଧରିଛି।

### ବ୍ଲାକଲିଷ୍ଟ...

୨୦ରୁ ୨୫ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ଏଥିସହ କେତେକ ଆଶାୟୀଙ୍କୁ ନେଇ ଆନ୍ଧ୍ରପ୍ରଦେଶ ଯିବା ସମୟରେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ଏହି ଜାଲିଆତିରେ ଉଭୟ ସୁରେଶ ନାୟକ ଓ ପଞ୍ଚସପ୍ତ ମୁଖ୍ୟ ଶଙ୍କର ପୃଷ୍ଟିକୁ କ୍ରାଇମବ୍ରାଞ୍ଚ ଗିରଫ କରି ତନାଘନା ଚଳାଇଛି।

### ପରାଜୟ...

ବିଜେପି ସବୁ ପ୍ରସଙ୍ଗରେ ବିରୋଧିଙ୍କୁ କଡ଼ା ଜବାବ ଦେବାରେ ଲାଗିଛି। ଦଳର ଯୁବ ନେତାମାନେ ବି ମୁକାବିଲା କରିବାରେ କୌଣସି ହେଳା କରୁନାହାନ୍ତି। ବିରୋଧିଦଳ ଭାବେ ଉଭୟ ବିଜେଡି ଓ କଂଗ୍ରେସ ଯେଉଁଭଳି ପ୍ରଦର୍ଶନ କରିବାକଥା ତାହା ନୂଆପଡ଼ା ପରାଜୟ ଝଟ୍‌କାରେ ଏକ ପ୍ରକାର ଆଣ୍ଠେଇ ପଡ଼ିଛି ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର ଧରିଛି।

## ଶିକ୍ଷକ/ଅଧ୍ୟାପକ ଓ କର୍ମଚାରୀଙ୍କ ଦାବି ପ୍ରସଙ୍ଗରେ ଅନୁଶୀଳନ କରିବ ଉଚ୍ଚସ୍ତରୀୟ କମିଟି



**ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ପ୍ରକାର ସରକାରୀ ଓ ଅନୁଦାନପ୍ରାପ୍ତ ଓ ଅଣ-ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକର ବିଭିନ୍ନ ଶିକ୍ଷକ/ଅଧ୍ୟାପକ ଓ କର୍ମଚାରୀ ସଂଘ ସେମାନଙ୍କର ବିଭିନ୍ନ ପ୍ରକାର ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି। ଏହାକୁ ସରକାର ବିଚାର କରି ଏହି ଦାବିସମୂହର ଅନୁଶୀଳନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ସକାଶେ ନିଷ୍ପତ୍ତି ନେଇଛନ୍ତି। ଏହି କମିଟିର ଅଧ୍ୟକ୍ଷ ଅବସରପ୍ରାପ୍ତ ଆଇଏଏସ୍ ଅଶୋକ କୁମାର ତ୍ରିପାଠୀ ରହିଥିବା ବେଳେ କମିଟି ୬ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଟ୍ରକ ଧକ୍କାରେ ବାଇକ ଆରୋହୀ ମୃତ

**କୋଲକାତା,୩।୧୨(ସଂଚାର ବ୍ୟୁରୋ):** ଟ୍ରକ ଧକ୍କାରେ ମୃତ୍ୟୁବରଣ କରିଛନ୍ତି ଜନୈକ ବାଇକ ଆରୋହୀ। ଏହାଛଡ଼ା ଏହି ଦୁର୍ଘଟଣାରେ ଅନ୍ୟ ଦୁଇ ଜଣ ଆହତ ମଧ୍ୟ ଆହତ ହୋଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ସ୍ଥାନୀୟ ନାରକେଲଡାଙ୍ଗା ଥାନା ଅନ୍ତର୍ଗତ କେନାଲ ୱେଷ୍ଟ ରୋଡର ରେଳ ଅଣ୍ଡରପାସ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ଯୁବକଙ୍କ ନାମ ଅର୍ସଲାନ ଅସଲମ (୨୧)। ତେବେ ଯୁବକ ଜଣଙ୍କ ହେଲମେଟ୍ ପିନ୍ଧି ନଥିବାରୁ ଧକ୍କା ପରେ ପ୍ରଚୁର ରକ୍ତସ୍ରାବ ହେବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ୍ ସୂଚନା ଦେଇଛି। ନାରକେଲଡାଙ୍ଗା ପୁଲିସ ଧକ୍କା ଦେଇଥିବା ଉକ୍ତ ଟ୍ରକ୍‌କୁ ଜବତ କରିଛି।

## ବାଇକ୍‌କୁ ଧକ୍କା ଦେଇ ଛାତ୍ରଙ୍କୁ ଚାପିଦେଲା ଟ୍ରକ୍

**କୋଲକାତା,୩।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ମାଣିକତଲାରେ ଆଜି ଏକ ଭୟାବହ ଦୁର୍ଘଟଣା ଘଟିଛି। ଜଣେ ୧୨ ବର୍ଷୀୟ ଛାତ୍ର ବାପାଙ୍କ ସହ ବାଇକ୍ ଯୋଗେ ସ୍କୁଲ ଯାଉଥିବା ସମୟରେ ବେଙ୍ଗଲ କେମିକାଲ ମୋଡ ନିକଟରେ ଏକ ଟ୍ରକ ଦ୍ରୁତ ଗତିରେ ଆସି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳତଃ ଛାତ୍ର ଜଣଙ୍କ ବାଇକ୍‌ରୁ ଖସିପଡ଼ିଥିଲେ। ତାଙ୍କ ଉପରେ ଟ୍ରକ୍‌ଟି ଚଢ଼ିଯାଇଥିବାରୁ ଛାତ୍ରଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ଛାତ୍ର ଜଣକ ବିଧାନନଗର ମ୍ୟୁନିସିପାଲ ସ୍କୁଲରେ ପାଠ ପଢୁଥିବା ଜଣାପଡିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଟ୍ରକଟି ପ୍ରଥମେ ଏକ ବାଇକକୁ ଧକ୍କା ଦେଇଥିଲା। ଫଳସ୍ୱରୂପ ଉକ୍ତ ବାଇକ୍‌ରେ ଯାଉଥିବା ଦୁଇ ଜଣ ଆରୋହୀ ରାସ୍ତାରେ ପଡ଼ିଯାଇଥିଲେ। ଏହା ପରେ ଟ୍ରକଟି ଛାତ୍ରଙ୍କୁ ଚାପି ଦେଇଥିଲା। ଖବର ପାଇ ଫୁଲବାଗାନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଟ୍ରକ୍ ଡ୍ରାଇଭରକୁ ସ୍ଥାନୀୟ ଲୋକେ ପୁଲିସକୁ ହସ୍ତାନ୍ତର କରିଛନ୍ତି। ପୁଲିସ୍ ମଧ୍ୟ ଟ୍ରକକୁ ଜବତ କରିଛି। ତେବେ ଟ୍ରକ୍‌କୁ ଓଭରଟେକ୍ କରିବା ସମୟରେ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି। ଏହି ମାମଲାରେ ପୁଲିସ୍ ତଦନ୍ତ ଚଳାଇଛି।

## ମନ୍ମଥପୁର ପ୍ରଣବ ମନ୍ଦିରରେ ଆଧ୍ୟାତ୍ମିକ ମହୋତ୍ସବ

**କୋଲକାତା,୩।୧୨(ସଂଚାର ବ୍ୟୁରୋ):** ଶ୍ରୀଶ୍ରୀ ଗୀତା ଜୟନ୍ତୀ ଅବସରରେ ମନ୍ମଥପୁର ପ୍ରଣବ ମନ୍ଦିରରେ ଏକ ମହାନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଭାରତ ସେବାଶ୍ରମ ସଂଘର ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରୀମଦ୍ ପ୍ରଣବାନନ୍ଦଜୀ ମହାରାଜଙ୍କ ୧୩୦ତମ ପବିତ୍ର ଜନ୍ମବାର୍ଷିକୀ ଓ ଶ୍ରୀ ଶ୍ରୀ ଗୀତାର ୫୧୬୨ତମ ପବିତ୍ର ମୁହୂର୍ତ୍ତ ମଧ୍ୟ ସାମିଲ ଥିଲା। ଉକ୍ତ ଦିନ ସାରା ମନ୍ଦିର ପରିସର ବିଭିନ୍ନ ଧାର୍ମିକ ଏବଂ ମାନବିକ କାର୍ଯ୍ୟକ୍ରମରେ ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ୧୩୦ ମାତାଙ୍କ ଦ୍ୱାରା ୧୩୦ଟି ତୁଳସୀ ଗଛର ପୂଜା। ଏହା ସହ ସପ୍ତପ୍ରଦୀପ (ସାତଟି ଦୀପ) ପ୍ରଜ୍ୱଳନ, ୨୧ ଜଣ ବୈଷ୍ଣବ ଭକ୍ତଙ୍କୁ ସମ୍ମାନିତ କରିବା ଏବଂ ଚଳିତ ବର୍ଷର ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀମାନଙ୍କୁ ଆଶୀର୍ବାଦ ସ୍ୱରୂପ ଗୀତା ୭ ଏବଂ ୭ଟି କଲମ ପ୍ରଦାନ କରାଯାଇଥିଲା। ‘ସଙ୍ଗୀତା ପଥ’ ପାଠ ଓ ଗୀତାର କର୍ମଯୋଗ ଅଧ୍ୟାୟ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ମନ୍ଦିର ପରିସରରେ ଉପସ୍ଥିତ ମାତା ଓ ଭକ୍ତମାନେ ଗୀତା ଆରତୀ ଏବଂ ଗୁରୁ ପୂଜାରାତିରେ ଅଂଶଗ୍ରହଣ କରିଥିଲେ। ଭାରତ ସେବାଶ୍ରମ ସଂଘ ପକ୍ଷରୁ ସ୍ୱାମୀ ପବିତ୍ରାତ୍ମାନନ୍ଦ ଏବଂ ସ୍ୱାମୀ ନୀଳାଚଳାନନ୍ଦ ଉପସ୍ଥିତ ଥିଲେ।








# ସ୍ୱର୍ଣ୍ଣାଭ ବେଳାଭୂମିରେ ସାମୁଦ୍ରିକ ଜୀବନ ଓ ମହିଳା ସଶକ୍ତିକରଣ

## ଓଡିଶୀ ସହିତ କଥକଲି ନୃତ୍ୟରେ ଦର୍ଶକ ବିଭୋର

**କାକଟପୁର/ଅସ୍ତରଙ୍ଗ,୩।୧୨(ସଂଚାର ବ୍ୟୁରୋ):** ଓଡିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ୩୬ତମ କୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟାରେ ଓଡିଶୀ ଓ କଥକଲି ନୃତ୍ୟ ଶୈଳୀର ଅପୂର୍ବ କଳା ଓ କଳ୍ପନା ଦେଖିବାକୁ ମିଳିଥିଲା କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ। ଭାରତ ବର୍ଷରେ ସୂର୍ଯ୍ୟ ଉପାସନା ପରମ୍ପରାର ପର୍ଯ୍ୟାୟରେ ସର୍ବାଗ୍ରେ ଆସିବ ଆମ ଓଡ଼ିଶାର ଏହି ସୂର୍ଯ୍ୟ ମନ୍ଦିର, କୋଣାର୍କ। ଆଦିତ୍ୟ ନାରାୟଣଙ୍କ ପୂଜା ଓ ତା'ର ଶିଳ୍ପୀ ମାନଙ୍କର ବନ୍ଦାପନାକୁ ନେଇ ଏହି କୋଣାର୍କ ଉତ୍ସବର ପରିକଳ୍ପନା ଓ ଉପସ୍ଥାପନା। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ସୃଜନ ଅନୁଷ୍ଠାନର ଗୁରୁ ରତିକାନ୍ତ ମହାପାତ୍ର ଓ ସାଥୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଓଡ଼ିଶୀ ନୃତ୍ୟ। ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଥିଲା ଅଦ୍ୱିତୀୟମ୍, ଅଦ୍ୱିତୀୟମ୍ ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ଦ୍ୱାରା କାଳଜୟୀ ଜ୍ଞାନକୁ ପୁନର୍ଜୀବିତ କରି ପ୍ରାଚୀନ ଭିତରେ ଆଧୁନିକକୁ ଖୋଜିବା। ଗୁରୁ କେଳୁଚରଣ ମହାପାତ୍ରଙ୍କ ଅମର ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶୀରେ ନୂତନ ସୃଜନଶୀଳ ସୀମା ଅନୁସନ୍ଧାନ କରିବା ପାଇଁ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ତଥ୍ୟକୁ ସଂରକ୍ଷଣ କରି ଶାସ୍ତ୍ରୀୟ ଶବ୍ଦାବଳୀ ସହିତ ଏହା ବିବର୍ତ୍ତନକୁ ଗ୍ରହଣ କରେ, ପରମ୍ପରାକୁ ନବସୃଜନ ସହିତ ସମନ୍ୱୟ କରେ। ଏହି ନବ-ଶାସ୍ତ୍ରୀୟ ଅନୁସନ୍ଧାନଗୁଡ଼ିକ ଐତିହ୍ୟ ଏବଂ ପ୍ରଗତି ମଧ୍ୟରେ ସଂଳାପକୁ ସମର୍ଥନ କରେ ଏବଂ ନିଶ୍ଚିତ କରେ ଯେ ଓଡ଼ିଶୀ ପ୍ରାସଙ୍ଗିକ, ଶ୍ରଦ୍ଧାଳୁ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବରେ ଆଗେଇ ଚାଲିଛି ଯାହା ଭକ୍ତି, ବୁଦ୍ଧି ଏବଂ କଳାକୃତି ଦ୍ୱାରା ଆକୃତିପ୍ରାପ୍ତ। ଏହି ପ୍ରସ୍ତୁତିଟିର ନୃତ୍ୟ ସଂରଚନା ଗୁରୁ ରତିକାନ୍ତ ମହାପାତ୍ର, ସଙ୍ଗୀତ ସଂଯୋଜନା ପଣ୍ଡିତ ଭୁବନେଶ୍ୱର ମିଶ୍ର, ପଣ୍ଡିତ ରଘୁନାଥ ପାଣିଗ୍ରାହୀ ଏବଂ ଶ୍ରୀ ଅଗ୍ନିମିତ୍ର ବେହେରା ତଥା ଆଲୋକ ଡିଜାଇନ୍ ଓ ସଂଚାଳନ ଶ୍ରୀ ଦେବୀ ପ୍ରସାଦ ମିଶ୍ର କରିଥିଲେ।

ଆଜି ସନ୍ଧ୍ୟାର ଦ୍ୱିତୀୟ ପର୍ଯ୍ୟାୟରେ କେରଳ କଳାମଣ୍ଡଳମର ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା କଥକଲି ନୃତ୍ୟ। ସେମାନଙ୍କ ପ୍ରସ୍ତୁତିରେ ଥିଲା ଦୁର୍ଯ୍ୟୋଧନ ବଧ, ଭୟାସ୍କର ଆର୍ଯ୍ୟନ୍ ନାରାୟଣନ୍ ମୁସାଦଙ୍କ ଦ୍ୱାରା ଲିଖିତ ଏହା ହେଉଛି ଏକ କଥକଳି ନୃତ୍ୟ ନାଟିକା ଯାହା ମହାଭାରତର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ନାଟକୀୟ କରିଥିଲା, ଯାହା ଦୁର୍ଯ୍ୟୋଧନଙ୍କ ଅହଂକାରର ଉତ୍ଥାନ ଏବଂ ତାଙ୍କର ଚୂଡ଼ାନ୍ତ ପତନକୁ ଦର୍ଶାଇଥିଲା। ପସା ଖେଳ, ଦ୍ରୌପଦୀଙ୍କ ଅପମାନ, କୃଷ୍ଣଙ୍କ ଦିବ୍ୟ ହସ୍ତକ୍ଷେପ ଏବଂ ଭୀମଙ୍କ ପ୍ରତିଜ୍ଞାର ଭୟଙ୍କର ପରିପୂର୍ଣ୍ଣତାକୁ କେନ୍ଦ୍ର କରି, ଏହି ନାଟକ ଅଧର୍ମ ଏବଂ ଧର୍ମ ମଧ୍ୟରେ ଅନନ୍ତ ଦ୍ୱନ୍ଦ୍ୱକୁ ପ୍ରତିପାଦିତ କରିଥିଲା। ଅଭିବ୍ୟକ୍ତିପୂର୍ଣ୍ଣ ଅଭିନୟ, ପ୍ରତୀକାତ୍ମକ ଅଙ୍ଗଭଙ୍ଗୀ ଏବଂ ଶୃଙ୍ଖଳିତ ଯୁଦ୍ଧ କ୍ରମ ମାଧ୍ୟମରେ, ଏହି ନୃତ୍ୟନାଟିକାଟି ମନ୍ଦର ବିନାଶ ଏବଂ ମହାଜାଗତିକ କ୍ରମର ପୁନରୁଦ୍ଧାରରେ ପରିଣାମ ସ୍ୱରୂପ ଥିଲା।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ



**ଯାଜପୁର,୩।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବୀପ୍ରସାଦ ମହାନ୍ତି ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସରେ ସମସ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ମହାନ୍ତି କେନ୍ଦ୍ର ଓ ରାଜ୍ୟ ସରକାର କିଭଳି ଭିନ୍ନକ୍ଷମମାନଙ୍କର ଦକ୍ଷତା ବିକାଶ ଉପରେ ଧ୍ୟାନ ଦେଉଛନ୍ତି, ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। କୌଣସି ଭିନ୍ନକ୍ଷମ ପିଲା ଯେପରି ନିଜକୁ ଅକ୍ଷମ ମନେ ନ କରନ୍ତି ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେଥିପ୍ରତି ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଏହି ଆଭିମୁଖ୍ୟ ନେଇ ସର୍ବସାଧାରଣ ସ୍ଥାନମାନଙ୍କରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି। ଆଜି ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ ସ୍ୱାଗତ ସୂଚନା ପ୍ରଦାନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ପେନସନ ତଥା ଅନ୍ୟାନ୍ୟ ବିଭିନ୍ନ ସହାୟତା ଯୋଜନା ଉପରେ ଆଲୋକପାତ କରିଥିଲେ। ଅଧ୍ୟୟନରତ ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କୁ ବାଣୀଶ୍ରୀ ସ୍କଲାରସିପ, ପ୍ରି-ମାଟ୍ରିକ, ପୋଷ୍ଟ ମାଟ୍ରିକ, ସ୍ନାତକୋତ୍ତର ମେଧା ବୃତ୍ତି ପ୍ରଦାନ କରାଯାଉଛି।

## ଭିନ୍ନକ୍ଷମ ଦିବସର ମଞ୍ଚ ଉଜ୍ଜ୍ୱଳଙ୍କ ଭିନ୍ନକ୍ଷମଙ୍କ ଜୀବନ ତଥାପି ଅନ୍ଧକାରରେ!



**ଯାଜପୁର,୩।୧୨(ସଂଚାର ବ୍ୟୁରୋ):** ଯାଜପୁରରେ ଆୟୋଜିତ ଭିନ୍ନକ୍ଷମ ଦିବସ ଅବସରରେ ମଞ୍ଚରୁ ସୁନ୍ଦର କଥା, ମଧୁର ଭାଷଣ ଏବଂ ଉଚ୍ଚ ଦାବି ଶୁଣିବାକୁ ମିଳିଲା।ସରକାରୀ ଅଧିକାରୀମାନେ ଦାବି କଲେ "ଭିନ୍ନକ୍ଷମଙ୍କ ପାଇଁ ଶିକ୍ଷା, ଜୀବିକା, ଏଡସ୍ ଓ ସହାୟତା କାର୍ଯ୍ୟକ୍ରମ ସଫଳ ଭାବରେ ଚାଲୁଛି। କିନ୍ତୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ବାସ୍ତବ ଜୀବନରେ ଯାଇ ଦେଖିଲେ ସୁବିଧା କାଗଜରେ ଅଧିକ, ଭୂମିକାରେ ସ୍ୱଳ୍ପ। ଜିଲ୍ଲା ପ୍ରଶାସନର ତାଲିକାରେ ଯେତେ ଯୋଜନା, ପ୍ରକୃତରେ ଯୋଗ୍ୟ ଲାଭାର୍ଥୀ ପାଇବା ସଂଖ୍ୟା ଅତି ସଂକ୍ଷେପ।ଭିନ୍ନକ୍ଷମ ଦିବସକୁ ନେଇ ଜିଲ୍ଲାରେ ଯେପରି ଆଡମ୍ବର, ମଞ୍ଚ ଏବଂ ଫଟୋସେସନ୍ ହେଲା, ପ୍ରକୃତ ଅବସ୍ଥା ତା ସହିତ କିଛିମଧ୍ୟ ସାମଞ୍ଜସ୍ୟ ରଖେନାହିଁ। ସରକାର କହୁଛି ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରୁଛି, ସୁବିଧା ଲୋକଙ୍କ ଦ୍ୱାରକୁ ପହଞ୍ଚାଉଛୁ, ମର୍ଯ୍ୟାଦାପୂର୍ଣ୍ଣ ଜୀବନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି।କିନ୍ତୁ ଜାଜପୁରର ଭିନ୍ନକ୍ଷମ ଏହା କହୁଛନ୍ତି ଯୋଜନାରେ ରେ ସୁବିଧା ଅଛି, ଜୀବନରେ ନାହିଁ। ଭତ୍ତା ବିଳମ୍ବ, ସହାୟତା ତ୍ରୁଟିପୂର୍ଣ୍ଣ, ଶିକ୍ଷା- ଚାକିରି ଦୁର୍ଲଭ। ସରକାରୀ ଦାବି ମଞ୍ଚରେ ବଡ଼, ଘରକୁ ଆସିଲେ ହେଲେ ଶୂନ୍ୟ।

### ଶିଶୁଙ୍କୁ କାମରେ ଲଗାଉଛନ୍ତି ମାଲିକ

## ଦାନଗଦି ଓ କୋରେଇରୁ ୪ ଶିଶୁ ଶ୍ରମିକ ଉଦ୍ଧାର !



**ଯାଜପୁର,୩।୧୨(ସଂଚାର ବ୍ୟୁରୋ):** ଶିଶୁ ଶ୍ରମ ନିବାରଣ ପାଇଁ ସରକାରୀ ସ୍ତରରେ ଅଭିଯାନ ଓ କଟକଣା ଆଇନ ଥିଲା ସତ୍ତ୍ୱେ କିଛି ମାଲିକମାନେ ଏବେ ବି ନିଜ ସ୍ୱାର୍ଥ ପୂରଣ ପାଇଁ ନିଷ୍ଠୁରତାର ସହିତ ଶିଶୁମାନଙ୍କୁ କାମରେ ନିଯୁକ୍ତ କରୁଛନ୍ତି। ଏହି ପ୍ରକାର ଅବୈଧ ଶିଶୁ ଶ୍ରମ ଚଳିଥିବା ସୂଚନା ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡଲାଇନ ଦ୍ୱାରା ଶ୍ରମ ବିଭାଗକୁ ଅବଗତ କରାଯାଇଥିଲା।ଏହା ପରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ସହକାରୀ ଶ୍ରମ ଅଧିକାରୀ ରଚନା ସେଠି ଓ ଦେବାଶିଷ ଜେନାଙ୍କ ନେତୃତ୍ୱରେ ଦାନଗଦିରେ, ଏବଂ ସହକାରୀ ଶ୍ରମ ଅଧିକାରୀ ସ୍ମୃତିରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ କୋରେଇ ଅଞ୍ଚଳରେ ଦୁଇଟି ଅଲଗା ରେଡ୍ ଅଭିଯାନ ଚାଲାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଚାଇଲ୍ଡଲାଇନ ସଦସ୍ୟ ଏବଂ ସ୍ଥାନୀୟ ପୋଲିସ ଏଥିରେ ସହଯୋଗ କରିଥିଲେ। ଅଭିଯାନ ସମୟରେ ଦାନଗଦି ବ୍ଲକ ସ୍ଥିତ ମିଲିଟାରୀ ଛକରେ ଥିବା ଚନ୍ଦନ ହୋଟେଲରୁ ୨ ଜଣ ଏବଂ କୋରେଇ ବ୍ଲକର ଷଠିପୁର ଘୁଷୁରି ପାଳନ ସ୍ଥାନରୁ ଆଉ ୨ ଜଣ ମୋଟ ଚାରି ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି।ଉଦ୍ଧାର ପରେ ଶିଶୁମାନଙ୍କୁ ଶିଶୁ କଲ୍ୟାଣ ସମିତି (ସିଡବ୍ଲୁସି) ସମ୍ମୁଖରେ ଉପସ୍ଥାପିତ କରି ଆଇନସ୍ତରୀୟ ପ୍ରକ୍ରିୟା ଆରମ୍ଭ କରାଯାଇଛି।ଜିଲ୍ଲା ଶ୍ରମ ବିଭାଗ ତରଫରୁ ସହକାରୀ ଶ୍ରମ ଅଧିକାରୀମାନେ ସମ୍ପୃକ୍ତ ମାଲିକମାନଙ୍କୁ କାରଣଦର୍ଶାଅ ନୋଟିସ ଜାରି ପାଇଁ ପ୍ରସ୍ତୁତି ନେଇଛନ୍ତି।

## ୧୨ରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ!

**ପାରାଦ୍ୱୀପ,୩।୧୨(ସଂଚାର ବ୍ୟୁରୋ):** ଆସନ୍ତା ଡ଼ିସେମ୍ବର ୧୨ ତାରିଖ ରେ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହେବ। ୧୫ରୁ ୨୯ ବର୍ଷର ପ୍ରତିଯୋଗୀଙ୍କ ମଧ୍ୟରେ ବକ୍ତୃତା, ଗଳ୍ପ ଲିଖନ, ପଦ୍ୟ ଲିଖନ, ଚିତ୍ରାଙ୍କନ, ଲୋକ ନୃତ୍ୟ, ଲୋକ ସଙ୍ଗୀତ, ବିଜ୍ଞାନ ମେଳା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲ୍ଲା ର ଯୁବ ପ୍ରତିଭା ମାନଙ୍କୁ ଏହି ଯୁବ ଉତ୍ସବ ରେ ଅଂଶ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।ଏହି ଉତ୍ସବ ରେ ଉନ୍ନୀତ କୃତୀ ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବ ରେ ଜଗତସିଂହପୁର ଜିଲ୍ଲା କୁ ପ୍ରତିନିଧିତ୍ୱ କରିବେ। ଏଥି ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଙ୍କ ଅଧ୍ୟକ୍ଷତା ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ସମ୍ପର୍କିତ ତଥ୍ୟ ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ବିଭାଗ, ଜଗତସିଂହପୁର ପକ୍ଷରୁ ସୂଚନା ଦିଆଯାଇଛି ଓ ଅଧିକ ତଥ୍ୟ ନିମନ୍ତେ ଜିଲ୍ଲା କ୍ରୀଡା ଅଧିକାରୀ ଙ୍କୁ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଛି।

# ନୂଆ ମଦ କାରଖାନା, କମାଇବ ଆମଦାନି

**ଭୁବନେଶ୍ୱର,୩।୧୨:** ମଦୁଆଙ୍କ ଚାହିଦା ମେଣ୍ଟାଇବା ପାଇଁ ଓଡ଼ିଶା ଏବେ ବାହାରୁ ବାର୍ଷିକ ୩ କୋଟି ଲିଟରରୁ ଅଧିକ ମଦ ଆମଦାନି କରୁଛି। ଓଡ଼ିଶା ସରକାର ତିନୋଟି ନୂଆ ମଦ କାରଖାନା ପ୍ରତିଷ୍ଠା କରିବା ଲାଗି ଯେଉଁ ଯୋଜନା ରଖିଛନ୍ତି ତାହା କାର୍ଯ୍ୟକାରୀ ହେଲେ ଅନ୍ତତଃପକ୍ଷେ ମଦ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହୋଇପାରିବ ବୋଲି ଆଶା କରାଯାଉଛି। ଏଠାରେ ଉଲ୍ଲେଖନୀୟ ଯେ ଗତ ୫ ବର୍ଷ ଭିତରେ ଓଡ଼ିଶାର ମଦ ଆବଶ୍ୟକତା ସରକାରୀ ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡ଼ିକ ପାଇଁ ପ୍ରାୟ ଦୁଇଗୁଣ ବଢ଼ିଛି। ୨୦୨୦-୨୧ ବର୍ଷରେ ଏଥିପାଇଁ ରାଜ୍ୟ ଭିତରୁ ଓ ବାହାରୁ ପ୍ରାୟ ୨୦ କୋଟି ଲିଟର ବିଶୁଦ୍ଧ ମଦ ସଂଗ୍ରହ କରାଯାଇଥିବାବେଳେ ୨୦୨୪-୨୫ ବର୍ଷରେ ଏହାର ପରିମାଣ ୪୦ କୋଟି ଲିଟରକୁ ଟପିଥିବା ସରକାରୀ ସୂତ୍ର କହୁଛି। ରାଜ୍ୟ ବିଧାନସଭାରେ ଖୋଦ୍ ଅବକାରୀ ମନ୍ତ୍ରୀ ଦେଇଥିବା ପରିସଂଖ୍ୟାନରୁ ଏହା ଜଣାପଡିଛି। ୨୦୨୦-୨୧ ବର୍ଷରେ ଓଡ଼ିଶାରେ ୫୪୩.୩୨ ଲକ୍ଷ ବଲକ୍ ଲିଟର ଭରାତ ତିଆରି ବିଦେଶୀ ମଦ ବିକ୍ରି ହୋଇଥିଲା। ଏଥିରୁ ରାଜ୍ୟ ବାହାରୁ ୩୦.୪୫ ଲକ୍ଷ ବଲକ୍ ଲିଟର ଆମଦାନି କରାଯାଇଥିଲା। ସେହିଭଳି ଉକ୍ତ ବର୍ଷରେ ଓଡ଼ିଶାରେ ୪୭୧.୧୧ ଲକ୍ଷ ବଲକ୍ ଲିଟର ବିଅର ବିକ୍ରୟ ହୋଇଥିବାବେଳେ ସେଥିରୁ ବି ୮୩.୨୫ ଲକ୍ଷ ବଲକ୍ ଲିଟର ବାହାରୁ ଆମଦାନି ହୋଇଛି। ତେବେ ଉକ୍ତ ବର୍ଷରେ ଲାଇସେନ୍ସ ପ୍ରାପ୍ତ ଦୋକାନଗୁଡ଼ିକ ମାଧ୍ୟମରେ ୮୨.୫୩ ଲକ୍ଷ ବଲକ୍ ଲିଟର ଦେଶୀ ମଦ ଓ ୯୦୯.୮ଲକ୍ଷ ବଲକ୍ ଲିଟର ବାହାର ଭାଟି ମଦ ମଧ୍ୟ ବିକ୍ରୟ କରାଯାଇଛି। ମୋଟାମୋଟି ଭାବେ ଉକ୍ତ ବର୍ଷରେ ରାଜ୍ୟରେ ୨୦୦୬.୭୬ ଲକ୍ଷ ବଲ୍କ ଲିଟର ମଦ ବିକ୍ରି କରାଯାଇଛି। ମଦ ଓ ଅନ୍ୟାନ୍ୟ ନିଶାର କାରବାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବାରୁ ତାହା ରାଜ୍ୟ ପାଇଁ ବିନାଶର କାରଣ ହେଉଛି। ଓଡ଼ିଶା ସରକାର ଏହି ସମସ୍ୟାର ନିରାକରଣ ପାଇଁ 'ନିଶା ନୁହେଁ ଜୀବନ ଚାହୁଁ' ଅଭିଯାନ ମାଧ୍ୟମରେ ବିପୁଳ ଅର୍ଥ ବ୍ୟୟରେ ଜନସଚେତନତା ସୃଷ୍ଟି କରୁଥିବା ସରକାର କହୁଛନ୍ତି। ଏହାଛଡ଼ା ନିଶାମୁକ୍ତ ଭାରତ ଅଭିଯାନରେ କେନ୍ଦ୍ର ସରକାର ଓଡ଼ିଶାର ୩୦ଟିଯାକ ଜିଲ୍ଲାକୁ ସାମିଲ କରି ମଧ୍ୟ ନିଶାମୁକ୍ତି ଅଭିଯାନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ଅଭିଯାନ ଚାଲିଥିବା ବେଳେ ରାଜ୍ୟରେ ମଦ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ଚୋରା ଓ ସରକାରୀ ଲାଇସେନ୍ସପ୍ରାପ୍ତ କାରବାର ବଢ଼ି ଚାଲିଛି। ମଦ ଦୋକାନୀମାନଙ୍କୁ ଦିଆଯାଉଥିବା ସର୍ବନିମ୍ନ ଗ୍ୟାରେଣ୍ଟି କୋଟାରୁ ଏହା ସ୍ପଷ୍ଟ ପ୍ରତୀୟମାନ ହେଉଛି। (ତଥ୍ୟ)

## ଚଉଷଠୀ ଯୋଗିନୀ ସେବାୟତଙ୍କ ଉପମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

**ବାଲିଅନ୍ତା,୩।୧୨(ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ହୀରାପୁର ଚଉଷଠୀ ଯୋଗିନୀ ପୀଠର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ନେଇ ଉପ ମୁଖ୍ୟମନ୍ତ୍ରୀ ୨୦ କୋଟି ଅନୁଦାନ ଘୋଷଣା କରିବା ପରେ ଏବେ ପୀଠ ଆଖପାଖ ଅଞ୍ଚଳରୁ ଜବରଦଖଲ ମୁକ୍ତ କରାଯିବା ଜିଲ୍ଲା ପ୍ରଶାସନର ପ୍ରଥମ ପଦକ୍ଷେପ ହୋଇଛି। ହେଲେ ଚଉଷଠୀ ଯୋଗିନୀ ପୀଠ ନିକଟରେ ବାପ ଜେଜେ ଅମଳରୁ ପିଢ଼ି ପରେ ପିଢ଼ି ରହିଆସୁଥିବା ପୂଜକ ଓ ମାଳି ମହାପାତ୍ର ସେବାୟତ ପରିବାର ଏନେଇ ଚିନ୍ତାରେ ପଡ଼ିଛନ୍ତି। ପିଢ଼ି ପରେ ପିଢ଼ି ବାପ ଜେଜେ ଅମଳରୁ ପୀଠର ରକ୍ଷଣାବେକ୍ଷଣ, ପରିଚାଳନା ଓ ପୂଜାନୀତି ଦାୟିତ୍ୱ ସଂପାଦନ କରି ଆସୁଥିବା ୬ ପରିବାର ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାନଯାଉ ବୋଲି ଉପ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବରିଷ୍ଠ ସେବାୟତ ରଘୁନାଥ ମହାପାତ୍ର, ବଟକୃଷ୍ଣ ମହାପାତ୍ର, ମନୋଜ କୁମାର ମହାପାତ୍ର, ଭୀମସେନ ପାଢ଼ୀ, ପଙ୍କଜ କୁମାର ପାଢ଼ୀ, ଜଗବନ୍ଧୁ ମହାପାତ୍ର, ସନ୍ତୋଷ କୁମାର ପାଢ଼ୀ ଓ ଶ୍ରୀଧର ପାଢ଼ୀ ଉପ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗୁହାରି ଜଣାଇଥିଲେ। ପୀଠର ଗୋଟିଏ ପାର୍ଶ୍ୱରେ ଏହି ପରିବାର ରହୁଥିବାରୁ ବିକାଶ କାର୍ଯ୍ୟ ସାଧନରେ କିଛି ଅସୁବିଧା ହେବ ନାହିଁ ବୋଲି କହିଥିଲେ। ତେଣୁ ଯେଉଁ ସ୍ଥାନରେ ପୂର୍ବ ପୁରୁଷରୁ ରହି ପୂଜାନୀତି ଦାୟିତ୍ୱ କରି ଆସୁଛନ୍ତି ସେମାନଙ୍କୁ ଉଚ୍ଛେଦ କରାନଯିବା ନେଇ ଅନୁରୋଧ କରିଥିଲେ।

## ସପ୍ତମ ଦିନରେ ଗଞ୍ଜେଇ କଟା ଅଭିଯାନ



**ଫୁଲବାଣୀ,୩।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ପୁଲିସ ମୁଖିଆ ଙ୍କ ନିର୍ଦ୍ଦେଶ କ୍ରମେ କନ୍ଧମାଳ ଜିଲ୍ଲା ର ବିଭିନ୍ନ ଥାନା ପକ୍ଷରୁ ଗଞ୍ଜେଇ ଚାଷ କୁ ସମ୍ପୂର୍ଣ୍ଣ ନଷ୍ଟ ଅଭିଯାନ ଚାଲୁ ରହିଥିବା ବେଳେ ଜିଲ୍ଲାର ଗୋଚ୍ଛା ପଡା ଥାନା ପକ୍ଷରୁ ଗଞ୍ଜେଇ କଟା ଅଭିଯାନ ସପ୍ତମ ଦିନରେ ପହଞ୍ଚିଛି । ଆଜି ଗୋଚ୍ଛା ପଡା ଥାନା ଅଧୀନ ପାହିରେଜୁ ପଞ୍ଚାୟତ ର କୁସୁପାଜୁ, ଅଡାବାଲି, ଡେପାକୁପା, ଗାଁର ଜଙ୍ଗଲ ଏରିଆରେ ବେ ଆଇନ ଭାବରେ ଲାଗିଥିବା ପ୍ରାୟ ୧୪୭ ଏକର ଗଞ୍ଜେଇ ଗଛ କୁ କାଟି ନଷ୍ଟ କରିଛି ଗୋଚ୍ଛାପଡା ପୁଲିସ । ଆଜି ଗଞ୍ଜେଇ ଗଛ ନଷ୍ଟ ଅଭିଯାନ ର ସପ୍ତମ ଦିନରେ କନ୍ଧମାଳ ଏସପି ହରିଶ ବିଶି ନିଜେ ପାହିରେଜୁ ପଞ୍ଚାୟତ ର ଗଞ୍ଜେଇ କଟା ଯାଉଥିବା ଅଞ୍ଚଳ କୁ ଜାଇ ଗଞ୍ଜେଇ କଟା ରେ ସାମିଲ ହେବା ସହ ଗଞ୍ଜେଇ କଟା ଅଭିଯାନ କୁ ଜାରି ରଖି ବେଆଇନ ଗଞ୍ଜେଇ ଗଛ ସମ୍ପୂର୍ଣ୍ଣ ନଷ୍ଟ କରିବାକୁ ପୁଲିସ ସହ ଅବକାରୀ ବିଭାଗ, ବନ ବିଭାଗ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ୨୦ ତାରିଖରେ ୮୭ ଏକର ଓ ୧୩ ତାରିଖରେ ୧୦୬ ଏକର ଓ ୧୭ ତାରିଖରେ ୧୪୨ ଏକର ଓ ୨୧ ତାରିଖରେ ୧୪୫ ଏକର ଓ ୨୪ ତାରିଖରେ ୧୫୨ ଏକର ଓ ୨୯ ତାରିଖରେ ୧୪୦ ଏକର ଓ ୨ ତାରିଖରେ ୧୪୭ ଏକର ଜମି ରେ ଗଞ୍ଜେଇ ଗଛ କଟା ଯାଇଛି ଅଞ୍ଚଳ ରେ ଗଞ୍ଜେଇ ଚାଷ ରୁ ନିବୃତ ରହିବା ପାଇଁ ବାରମ୍ବାର ସଚେତନତା କରୁଥିଲେ ମଧ୍ୟ ଗଞ୍ଜେଇ ଚାଷ କରୁଥିବା ରୁ ଏହା ବେ ଆଇନ ହୋଇଥିବାରୁ ଆବଶ୍ୟକ ପଡିଲେ ଚାଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି କନ୍ଧମାଳ ଏସପି ହରିଶ ବିଶୀ ନଭେମ୍ବର ଚାରି ତାରିଖ ରୁ ଆରମ୍ଭ ହୋଇଥିବା ଏହି ଗଞ୍ଜେଇ କଟା ଅଭିଯାନ ବର୍ତମାନ ସୁଦ୍ଧା ପ୍ରାୟ ୪ ହଜାର ଏକର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ଏହି ଗଞ୍ଜେଇ କଟା ଅଭିଯାନ ଜାରି ରହିବା ସହ ଆବଶ୍ୟକ ପଡିଲେ ଡ୍ରନ ବ୍ୟବହାର କରିବା ସହ ସମ୍ପୂର୍ଣ୍ଣ ଗଞ୍ଜେଇ ଗଛ ନଷ୍ଟ କରାଯିବ ବୋଲି କହିଛନ୍ତି ।

# ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ



**ନବରଙ୍ଗପୁର,୩।୧୨(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ, ନବରଙ୍ଗପୁରଠାରେ ସାମାଜିକ ସୁରକ୍ଷା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ମହା ସମାରୋହ ରେ 'ଆନ୍ତର୍ଜାତୀକ ଭିନ୍ନକ୍ଷମ ଦିବସ' ପାଳନ କରାଯାଇଛି। ସକାଳ ଘ ୯ .୪୫ ମି ସମୟରେ ମା ଭଣ୍ଡାରଘରଣୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ ଏବଂ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଦିବ୍ୟାଙ୍ଗ ଭାଇ ଭଉଣୀ, ବରିଷ୍ଠ ନାଗରିକ, ସାମାଜିକ କର୍ମକର୍ତ୍ତା, ବେସରକାରୀ ସଂସ୍ଥା ସହିତ ବିଭିନ୍ନ ସରକାରୀ ପଦାଧିକାରୀ ସାମିଲ ହୋଇ ସାଇ କଲ୍ୟାଣମଣ୍ଡପ ଠାରେ ପହଞ୍ଚି ଥିଲେ। ଉକ୍ତ ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ ନବରଙ୍ଗପୁର ବିଶ୍ୱଜିତ୍ ଚନ୍ଦ୍ର ବର୍ମନ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଧାଂଶୁ ପାତ୍ର, ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଭରତ ଚନ୍ଦ୍ର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦ୍ରୌପଦୀ କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ସ୍ୱତନ୍ତ୍ର ଶିକ୍ଷା ଅନୁଷ୍ଠାନ ର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ଦିବ୍ୟାଙ୍ଗ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

**ଖୋର୍ଦ୍ଧା,୩।୧୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଏବଂ ଜାତୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଆୟୋଜିତ। ଏହି ମହୋତ୍ସବର ଲକ୍ଷ୍ୟ ହେଉଛି ଜାତୀୟ ପ୍ରସଙ୍ଗ ସହିତ ଜଡିତ ହେବା ପାଇଁ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ଏବଂ ଜିଲ୍ଲାରୁ ରାଜ୍ୟ ଏବଂ ଜାତୀୟ ସ୍ତରରେ ଅଗ୍ରଗତି କରୁଥିବା ଏକ ବୃହତ ପଦକ୍ଷେପର ଅଂଶ। ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏହାକୁ ଆନୁଷ୍ଠାନିକ ଭାବରେ ପ୍ରଶାସନର ଏଡିଏମ୍ ପ୍ରତାପ ଚନ୍ଦ୍ର ବେଉରା ଉଦଘାଟନ କରିଥିଲେ।

## ନାବାଳିକା ବଳାତ୍କାର ମାମଲାରେ ସମ୍ପର୍କୀୟ ଭାଇ ଗିରଫ

**ଫୁଲବାଣୀ,୩।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ହୋଇଥିବା ଏକ ନାବାଳିକା ବଳାତ୍କାର ମାମଲା ରେ ଅଭିଯୁକ୍ତ ନାବାଳକ କୁ ଗିରଫ କରି ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ବେଳେ ଅଭିଯୁକ୍ତ ଜଣକ ନାବାଳକ ହୋଇଥିବାରୁ ତାକୁ ରାଉରକେଲା ଠାରେ ଥିବା ଜୁବିନାଲ ହୋମ କୁ ପଠେଇ ଦିଆଯାଇଛି । ସୂଚନା ଅନୁସାରେ ଏହି ଫିରିଙ୍ଗିଆ ଥାନା ଅଂଚଳର ଜଣେ ପନ୍ଦର ବର୍ଷର ନାବାଳିକା ଘରେ ଏକୁଟିଆ ଥିବାର ସୁଯୋଗ ନେଇ ନାବାଳିକାର ଜଣେ ସମ୍ପର୍କୀୟ ନାବାଳକ ଭାଇ ଘରେ ପସି ଜୋର ଜବରଦସ୍ତ ନାବାଳିକା କୁ ଦୁଷ୍କର୍ମ କରିଥିଲା । ଘଟଣାକୁ ନେଇ ପୀଡିତା ନାବାଳିକାର ବାପା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ନେଇ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଦିପକ ରାଉତ ଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା ।

## ଜିଲ୍ଲା ବ୍ୟାପୀ ରମାଦେବୀଙ୍କ ଜୟନ୍ତୀ ପାଳିତ

● ବର୍ଷବ୍ୟାପୀ ୧୨୫ ତମ ଜୟନ୍ତୀ ସମାରୋହ ଉଦଯାପିତ



**ପାରାଦ୍ୱୀପ,୩।୧୨(ସଂଚାର ବ୍ୟୁରୋ):** ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱର ଆୟୋଜିତ ହେଉଥିବା ମା ରମା ଦେବୀଙ୍କ ବର୍ଷବ୍ୟାପୀ ୧୨୫ ତମ ଜୟନ୍ତୀ ଗଭୀର ଶ୍ରଦ୍ଧା ଓ ସମ୍ମାନର ସହିତ ସମାପନ ହୋଇଯାଇଛି। ଗତବର୍ଷ ଡ଼ିସେମ୍ବର ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଜୟନ୍ତୀ ସମାରୋହର ସମାବର୍ତ୍ତନ ଉତ୍ସବକୁ ଜିଲ୍ଲାର ପ୍ରମୁଖ ବିଦ୍ୟାଳୟ ଗୁଡିକ ଛାତ୍ର ସମ୍ମିଳନୀ ଆୟୋଜନ କରି ପାଳନ କରିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରମାଦେବୀଙ୍କ ଉପାରେ ଆଲୋଚନା ଚକ୍ର, ବକ୍ତୃତା, ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ, ଚିତ୍ରାଙ୍କନ ତଥା ସାଧାରଣ ସଭା ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଯୁବ ପିଢ଼ି ରମାଦେବୀଙ୍କ ତ୍ୟାଗ ଓ ସମର୍ପଣର ଜୀବନ ଦର୍ଶନ ବିଷୟରେ ଅବଗତ ହୋଇ ନିଜକୁ ଉତ୍ତମ ନାଗରିକ ଭାବରେ ଗଢ଼ିବାରେ ପ୍ରଯତ୍ନ କରିବେ ବୋଲି ଆବାହକ ଶ୍ରୀ ରାଉତ ଆଶା ପ୍ରକାଶ କରିଛନ୍ତି।

# ରେକର୍ଡ ସୃଷ୍ଟି କଲା ଓଏସଏଲ




**ପାରାଦୀପ,୩।୧୨(ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦର ମଧ୍ୟରେ ଅନେକ ଷ୍ଟିଭେଡୋର କାର୍ଯ୍ୟ କରୁଥିବା ବେଳେ ଓଏସଏଲ ବା ଓଡିଶା ଷ୍ଟିଭେଡୋର ଲିମିଟେଡ଼ ଏକ ବିରଳ ରେକର୍ଡର ଅଧିକାରୀ ହୋଇ ପାରିଛି। ଗୋଟିଏ ଦିନରେ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ମାନୁଆଲ ବର୍ଥ ଗୁଡିକରେ ଗୋଟିଏ ଦିନରେ ପଣ୍ୟ ଖଲାଶ ଓ ବୋଝେଇ କ୍ଷେତ୍ରରେ କୀର୍ତ୍ତିମାନ ରେକର୍ଡର ଅଧିକାରୀ ହୋଇ ପାରିଛି। ସିକ୍ୟୁ ବର୍ଥରେ ଲାଗିଥିବା ଲାଇମ ଷ୍ଟୋନ ଜାହାଜ ଏମଭି ମେଟାଲ ଷ୍ଟାର, ସିକ୍ୟୁ ୩ ବର୍ଥରେ ଲାଗିଥିବା ଏମୋନିଆ ନାଇଟ୍ରେଟ ବୋଝେଇ ନେଇ ଆସିଥିବା ଏମଭି ରୋଷ୍ଟରମ ସାଓପାଓଲ, ଏମପିବି ବର୍ଥରେ ଲାଗିଥିବା ଲାଇମ ଷ୍ଟୋନ ଜାହାଜ ଏମଭି ଆମସିଷ୍ଟାଲିଅନ, ଏସକ୍ୟୁ ବର୍ଥରେ ଲାଇମ ଷ୍ଟୋନ ବୋଝେଇ ଏମଭି ଜିସିଏଲ ଯମୁନା, ଏନକ୍ୟୁ ବର୍ଥରେ ଜିପସମ ବୋଝେଇ ଜାହାଜ ଏମଭି ଦୃଷ୍ଟିରୁ ଏକକାଳୀନ ଖଲାସ କରାଇ ଏକ ବିରଳ ରେକର୍ଡ ସୃଷ୍ଟି କରିପାରିଛି ଓଏସଏଲ। ସେହିପରି ସିକ୍ୟୁ ୨ ବର୍ଥରେ ଲାଗିଥିବା ଏମଭି ଏମଏଲଏସ ପୋଲାରରେ ମିଲସ୍କେଲ ବୋଝେଇ ମଧ୍ୟ କରାଯାଇଥିଲା। କେବଳ ଏତିକି ନୁହେଁ ପୂର୍ବରୁ ମଧ୍ୟ ଯଦି ଦେଖିବା ଡିସେମ୍ବର ୧ରେ ମଧ୍ୟ ଦୁଇଟି ମେକାନିକାଲ ବର୍ଥ ଯଥାକ୍ରମେ ଏଫବି ୧ ବର୍ଥରେ ଲାଗିଥିବା ପଣ୍ୟବାହୀ ଜାହାଜ ଏମଭି ଆମସି ଷ୍ଟାଲିୟନ ଜାହାଜରୁ ଲାଇମ ଷ୍ଟୋନ ଓ ଏଫବି ୨ ବର୍ଥରେ ଲାଗିଥିବା ପଣ୍ୟବାହୀ ଜାହାଜ ଏମଭି ପୋଲାଷ୍ଟାରରୁ ସଲଫର ମଧ୍ୟ ଖଲାସ କରିଥିଲା ଏହି ଗ୍ରୁପ।

## ଟଙ୍କା ଠକେଇ ମାମଲାରେ ପୋଷ୍ଟ ମାଷ୍ଟର ଗିରଫ



**ବାଲିଗୁଡା,୩।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ସାଇନ୍ ପଡା ବ୍ରାଞ୍ଚ ପୋଷ୍ଟ ମାଷ୍ଟର ରମେଶ ଚନ୍ଦ୍ର ସାହୁ ଜନସାଧାରଣଙ୍କ ଲକ୍ଷ ଲକ୍ଷ ଟଙ୍କା ଠକି ବୁଧବାର ପୋଲିସ ହାବୁଡ଼ରେ ପଡ଼ି କୋର୍ଟ ଚାଲାଣ ହୋଇଛି। ପୋଲିସ ସୂଚନା ଅନୁସାରେ ଉକ୍ତ ପୋଷ୍ଟ ଅଫିସରେ ୨୦୨୧ ମସିହା ଠାରୁ ଅଭିଯୁକ୍ତ ରମେଶ ବିପିଏମ ଭାବେ କାର୍ଯ୍ୟରତ ଥିଲେ। ହେଲେ ସେ ବାଲିଗୁଡ଼ା ଭଗାମୁଣ୍ଡା ଠାରେ ରହି ସାଇନ୍ ପଡା କାର୍ଯ୍ୟ ସ୍ଥଳକୁ ଯିବା ଆସିବା କରୁଥିଲେ। ଅଭିଯୋଗ ପ୍ରକାରେ ଗ୍ରାମାଞ୍ଚଳର ଲୋକଙ୍କ ବିଶ୍ୱାସ ଭାଜନ ହେବା ପରେ ସୁକନ୍ୟା ଯୋଜନା, ଆରଡ଼ି ସହ ବିଭିନ୍ନ ଯୋଜନାରେ ପୋଷ୍ଟ ଅଫିସରେ ବାନ୍ଧିବା ପାଇଁ ଟଙ୍କା ଆଦାୟ କରି ଆତ୍ମସାତ କରି ଥିବା ଜଣା ପଡ଼ିଛି। ଚୋର ଘର ସବୁବେଳେ ଅନ୍ଧାର ନଥାଏ ଭଳି ଲୋକେ ଠକେଇର ଶିକାର ହୋଇ ଥିବା ପ୍ରଘଟ ପରେ ଅଭିଯୁକ୍ତ ପୋଷ୍ଟ ମାଷ୍ଟର ଛୁଟି ନେଇ ଫେରାର ହୋଇଯାଇଥିଲେ।




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୦,୫୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟରେ ସୁନା ଦର ୧,୧୯,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୦,୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୯,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୦,୫୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୯,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୦,୭୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୯,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୧,୫୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୦,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୦,୫୮୦ ଓ ୧,୧୯,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୯୧,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ପେଟ୍ରୋଲ ଏବଂ ଡିଜେଲ ଦାମରେ ପରିବର୍ତ୍ତନ ହୋଇଥାଏ। ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି। କିନ୍ତୁ ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇନାହିଁ। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି।

# ତତ୍କାଳ ୱିଣ୍ଡୋ ଟିକେଟ୍‌ରେ ଓଟିପି ବାଧ୍ୟତାମୂଳକ



## ରେଳବାଇର ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ, ୩।୧୨: ଦଲାଲଙ୍କୁ ରୋକିବା ପାଇଁ ୱିଣ୍ଡୋ ତତ୍କାଳ ଟିକେଟ୍ ବୁକିଂ ଉପରେ ରେଳବାଇ ଏକ ବଡ଼ ନିଷ୍ପତ୍ତି ନେଇଛି। କିଛି ଦିନ ମଧ୍ୟରେ ସାରା ଦେଶରେ ଚଳାଚଳ କରୁଥିବା ସମସ୍ତ ଟ୍ରେନରେ ଏହି ବ୍ୟବସ୍ଥା ଲାଗୁ ହେବ। ରେଳବାଇର କହିବା ଅନୁଯାୟୀ, ଆସନ୍ତା କିଛି ଦିନ ମଧ୍ୟରେ ସମସ୍ତ ଟ୍ରେନର ତତ୍କାଳ କାଉଣ୍ଟର ଟିକେଟ୍ ପାଇଁ ଏକ ଓଟିପି ଆଧାରିତ ବ୍ୟବସ୍ଥା ଲାଗୁ ହେବ। ଏହାର ଉଦ୍ଦେଶ୍ୟ ହେଉଛି ତତ୍କାଳ ସୁବିଧାର ଅପବ୍ୟବହାର ଏବଂ ଦଲାଲମାନଙ୍କୁ ରୋକିବା ଦ୍ୱାରା ଯାତ୍ରୀମାନଙ୍କୁ ଟିକେଟ୍ ସହଜରେ ଉପଲବ୍ଧ କରାଇବା। ବାସ୍ତବରେ, ସାଧାରଣ ଯାତ୍ରୀଙ୍କ ସୁବିଧା ବୃଦ୍ଧି ପାଇଁ ରେଳବାଇ ଏକ ଓଟିପି ଆଧାରିତ ତତ୍କାଳ ରିଜର୍ଭେସନ ବ୍ୟବସ୍ଥାର ପ୍ରସ୍ତାବ ଦେଇଥିଲା। ପ୍ରଥମତଃ, ଜୁଲାଇ ୨୦୨୫ ରେ ଅନଲାଇନ୍ ତତ୍କାଳ ଟିକେଟ୍ ପାଇଁ ଆଧାର ଆଧାରିତ ପ୍ରମାଣୀକରଣ ଆରମ୍ଭ କରାଯାଇଥିଲା। ଏହା ପରେ ଅକ୍ଟୋବର ୨୦୨୫ ରେ ସମସ୍ତ ସାଧାରଣ ରିଜର୍ଭେସନର ପ୍ରଥମ ଦିନର ବୁକିଂ ପାଇଁ ଏକ ଓଟିପି ଆଧାରିତ ଅନଲାଇନ୍ ସିଷ୍ଟମ୍ ଆରମ୍ଭ କରାଯାଇଥିଲା। ଉଭୟ ସିଷ୍ଟମ୍ ସାଧାରଣ ଯାତ୍ରୀଙ୍କ ଦ୍ୱାରା ସଫଳତାର ସହ ଗ୍ରହଣ କରାଯାଇଥିଲା ଯାହାଦ୍ୱାରା ରିଜର୍ଭେସନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ସୁବିଧା ବୃଦ୍ଧି ପାଇଛି।

୧୭ ନଭେମ୍ବର ୨୦୨୫ ରେ, ରେଳବାଇ ରିଜର୍ଭେସନ କାଉଣ୍ଟରରୁ ବୁକ୍ ହୋଇଥିବା ତତ୍କାଳ ଟିକେଟ୍ ପାଇଁ ଏକ ଓଟିପି ଆଧାରିତ ସିଷ୍ଟମର ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରିଛି। ବର୍ତ୍ତମାନ ଏହି ବ୍ୟବସ୍ଥାକୁ ୫୨ଟି ଟ୍ରେନକୁ ସମ୍ପ୍ରସାରିତ କରାଯାଇଛି। ଏହି ବ୍ୟବସ୍ଥା ଅଧୀନରେ, ଯେତେବେଳେ ଯାତ୍ରୀମାନେ ରିଜର୍ଭେସନ ଫର୍ମ ପୂରଣ କରି ତତ୍କାଳ ଟିକେଟ୍ ବୁକ୍ କରନ୍ତି, ସେତେବେଳେ ସେମାନଙ୍କ ଦ୍ୱାରା ଦିଆଯାଇଥିବା ମୋବାଇଲ୍ ନମ୍ବରକୁ ଏକ ଓଟିପି ପଠାଯାଏ।

ଏଥିରେ ଓଟିପି ସଫଳତାର ସହ ଯାଞ୍ଚ ହେବା ପରେ ହିଁ ଯାତ୍ରୀଙ୍କ ଟିକେଟ ସୁନିଶ୍ଚିତ ହୋଇଥାଏ। ଆଗାମୀ ଦିନରେ ଏହି ଓଟିପି ଆଧାରିତ ତତ୍କାଳ ରିଜର୍ଭେସନ ବ୍ୟବସ୍ଥା ଅବଶିଷ୍ଟ ସମସ୍ତ ଟ୍ରେନରେ ଲାଗୁ ହେବ। ରେଳ ଟିକେଟରେ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ନିରାପତ୍ତାକୁ ମଜବୁତ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ନିଶ୍ଚୟ।

# ନୂଆ ଷ୍ଟାଇଲିସ୍ ଲୁକ୍‌ରେ ଆସିବ ହାର୍ଲେ ଡେଭିଡସନ ଏକ୍ସ୪୪୦

ନୂଆଦିଲ୍ଲୀ, ୩।୧୨: ହିରୋ ଏବଂ ହାର୍ଲେ ମଧ୍ୟରେ ଦୁଇ ବର୍ଷରୁ ଅଧିକ ସମୟ ଧରି ସହଭାଗୀତା ଚାଲିଛି ଏବଂ ଏହି ସହଭାଗୀତାରେ ଏକ୍ସ୪୪୦ ବାଇକ୍ ଲଞ୍ଚ କରାଯାଇଥିଲା। ବର୍ତ୍ତମାନ ଏହି ମୋଟରବାଇକ୍ ର ନୂଆ ମଡେଲ୍ ଏକ୍ସ୪୪୦ ଟି ଭାରତୀୟ ବଜାରରେ ଏଣ୍ଟ୍ରି କରିବା ପାଇଁ ପ୍ରସ୍ତୁତ। ହାର୍ଲି ଡେଭିଡସନ ଏକ୍ସ୪୪୦ ଟି ଏକ ନୂଆ ଏବଂ ଷ୍ଟାଇଲିସ୍ ଲୁକ୍ ସହିତ ବଜାରରେ ଲଞ୍ଚ ହେବାକୁ ଯାଉଛି। ଏହି ବାଇକ୍ ପୂର୍ବ ମଡେଲ୍ ଅପେକ୍ଷା ଅଧିକ ଦମଦାର ହେବ। ହାର୍ଲି ଡେଭିଡସନ ଏକ୍ସ୪୪୦ ଟିର ରିୟର ପାର୍ଟକୁ ତିନି ଚତୁର୍ଥାଂଶ ବିଭାଗରେ ରି-ଡିଜାଇନ୍ କରାଯାଇଛି। କ୍ସ୪୪୦ ଟି କୁ ରିୟର ପାର୍ଟକୁ ଆହୁରି ଅଧିକ ଏଙ୍ଗୁଲାର କରାଯାଇଛି। ଏହି ବାଇକର ବାର୍ ଏବଂ ମିରରରେ ମଧ୍ୟ କିଛି ପରିବର୍ତ୍ତନ କରାଯାଇଛି ଏବଂ ଏହାକୁ ଏକ ନୂଆ ଲୁକ୍ ଦେବା ପାଇଁ ଏହାର ରଙ୍ଗ ମଧ୍ୟ ପରିବର୍ତ୍ତନ କରାଯାଇଛି। କିନ୍ତୁ ଏହି ବାଇକ୍ ଏବେ ମଧ୍ୟ ଏକ୍ସ୪୪୦ ପରି ଦେଖାଯାଉଛି। ଏହି ହାର୍ଲି ଡେଭିଡସନ୍ ବାଇକ୍ କୌଣସି ମେକାନିକାଲ୍ ପରିବର୍ତ୍ତନ ବିନା ବଜାରରେ ଏଣ୍ଟ୍ରି କରିପାରେ। ଏହି ମୋଟରସାଇକେଲରେ ୪୪୦cc ଅଏଲ-କୁଲ୍ଡ ଇଞ୍ଜିନ୍ ରହିଛି, ଯେଉଁଥିରେ ୬-ସ୍ପିଡ୍ ମାନୁଆଲ ଟ୍ରାନ୍ସମିସନ୍ ସଂଯୋଗ ରହିଛି। ଏହି ବାଇକ୍ ୩୫ କିମି ଲିଟର ମାଇଲେଜ୍ ଦେବ ବୋଲି ଦାବି କରିଛି। ଏକ୍ସ୪୪୦ରେ ଏକାଥରକେ ୧୩.୫ ଲିଟର ପର୍ଯ୍ୟନ୍ତ ଫୁଏଲ ଦିଆଯାଇପାରିବ। ହାର୍ଲି ଡେଭିଡସନ ଏକ୍ସ୪୪୦ ଟି ଏପର୍ଯ୍ୟନ୍ତ ଭାରତୀୟ ବଜାରରେ ଲଞ୍ଚ ହୋଇନାହିଁ, କିନ୍ତୁ ଏହି ବାଇକ୍ ଖୁବ୍ ଶୀଘ୍ର ଭାରତୀୟ ବଜାରରେ ଏଣ୍ଟ୍ରି କରିବ। ହାର୍ଲି ଡେଭିଡସନ୍ ଏକ୍ସ୪୪୦ ବିଷୟରେ କହିବାକୁ ଗଲେ, ଦିଲ୍ଲୀରେ ଏହି ବାଇକ୍ ର ଏକ୍ସ-ଶୋରୁମ୍ ମୂଲ୍ୟ ୨,୩୯,୫୦୦ ଟଙ୍କାରୁ ଆରମ୍ଭ ହୋଇ ୨,୭୯,୫୦୦ ଟଙ୍କା ପର୍ଯ୍ୟନ୍ତ ଯାଏ। ଏହି ବାଇକ୍ ସାତୋଟି କଲର ଅପ୍ସନ୍ ସହିତ ବଜାରରେ ଅଛି। ନୂଆ ମଡେଲ୍ କ୍ସ୪୪୦ ଟି ର ମୂଲ୍ୟ ବିଷୟରେ ଏପର୍ଯ୍ୟନ୍ତ କୌଣସି ପ୍ରକାଶ କରାଯାଇ ନାହିଁ। ତେବେ ଲଞ୍ଚ ସମୟରେ ଏହି ବାଇକ୍ ର ମୂଲ୍ୟ ପ୍ରକାଶ ପାଇପାରେ। କ୍ସ୪୪୦ ଟି ର ମୂଲ୍ୟ ମଧ୍ୟ ସମାନ ପ୍ରାଇସ୍-ରେଞ୍ଜରେ ରହିବ ବୋଲି ଆଶା କରାଯାଉଛି।



## ଜିଓ ଏବଂ ଏନଏଚଏଆଇ ମଧ୍ୟରେ ଏମଓୟୁ ଜାତୀୟ ରାଜପଥରେ ମୋବାଇଲରେ ମିଳିବ ସୁରକ୍ଷା ଆଲର୍ଟ

ନୂଆଦିଲ୍ଲୀ, ୩।୧୨ : ଜାତୀୟ ରାଜପଥରେ ଯାତ୍ରୀଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଯାତ୍ରା ଅନୁଭୂତିକୁ ଅଧିକ ସୁଗମ କରିବା ପାଇଁ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ରିଲାଏନ୍ସ ଜିଓ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ସହଭାଗୀତା ଅଧୀନରେ, ୫୦କୋଟିରୁ ଅଧିକ ଜିଓ ଗ୍ରାହକଙ୍କ ପାଇଁ ସମଗ୍ର ଜାତୀୟ ରାଜପଥ ନେଟୱାର୍କରେ ଏକ ଟେଲିକମ୍-ଆଧାରିତ ସୁରକ୍ଷା ସତର୍କତା ବ୍ୟବସ୍ଥା ଆରମ୍ଭ କରାଯିବ। ଜିଓର ୪ଜି-୫ଜି ନେଟୱାର୍କ ମାଧ୍ୟମରେ, ଚାଳକମାନେ ସେମାନଙ୍କ ମୋବାଇଲ୍ ଫୋନରେ ଦୁର୍ଘଟଣା ପ୍ରବଣ ଅଞ୍ଚଳ, କୁହୁଡ଼ି ଘେରା ଅଞ୍ଚଳ, ବୁଲା ପଶୁ ଅଞ୍ଚଳ ଏବଂ ଜରୁରୀକାଳୀନ ଡାଇଭର୍ସନ ବିଷୟରେ ଆଗୁଆ ସୂଚନା ପାଇବେ। ସୁରକ୍ଷା ବାର୍ତ୍ତା ଚାଳକ ଓ ଯାତ୍ରୀମାନଙ୍କ ପାଖରେ ଏସଏମଏସ, ହ୍ୱାଟ୍ସଅପ ଏବଂ ହାଇ-ପ୍ରାୟୋରିଟି କଲ୍ ମାଧ୍ୟମରେ ପହଞ୍ଚିବ। ଏହି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ବ୍ୟବସ୍ଥା ଜାତୀୟ ରାଜପଥରେ ଏବଂ ନିକଟସ୍ଥ ଅଞ୍ଚଳରେ ଜିଓ ମୋବାଇଲ୍ ବ୍ୟବହାରକାରୀଙ୍କ ପାଇଁ କାର୍ଯ୍ୟ କରିବ ଏବଂ କୌଣସି ଅତିରିକ୍ତ ରାସ୍ତାପାର୍ଶ୍ୱ ହାର୍ଡ଼ୱେୟାର ଆବଶ୍ୟକ ନକରି ଏହା ପୂର୍ବରୁ ରହିଥିବା ଟେଲିକମ୍ ଟାୱାର ଜରିଆରେ କାର୍ଯ୍ୟ କରିବ। ଏନଏଚଏଆଇ ଅଧ୍ୟକ୍ଷ ସନ୍ତୋଷ କୁମାର ଯାଦବ କହିଛନ୍ତି ଯେ, ଏହି ପଦକ୍ଷେପ ଯାତ୍ରୀମାନଙ୍କୁ ସମୟୋଚିତ ଏବଂ ସଠିକ୍ ସୂଚନା ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାଦ୍ୱାରା ସେମାନେ ପୂର୍ବରୁ ହିଁ ଅଧିକ ସତର୍କ ହୋଇ ସୁରକ୍ଷିତ ଭାବରେ ଗାଡ଼ି ଚଲାଇପାରିବେ। ସେ ଆଶା ପ୍ରକାଶ କରିଛନ୍ତି ଯେ ଏହି ପଦକ୍ଷେପ ପ୍ରଯୁକ୍ତି-ଆଧାରିତ ସଡ଼କ ସୁରକ୍ଷା ପରିଚାଳନା କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ।

# ପୁରୁଣା ଟଙ୍କା ବଦଳ କରିବେ କେମିତି ?



ନୂଆଦିଲ୍ଲୀ, ୩।୧୨: ଆପଣଙ୍କ ପାଖରେ ଚିରାଫଟା କିମ୍ବା ଅଚଳ ଟଙ୍କା ରହିଯାଇଛି କି? କେମିତି ତାକୁ ବଦଳାଇ ନୂଆ ଟଙ୍କା ଆଣିବେ ସେଥିପାଇଁ ଚିନ୍ତାରେ ଅଛନ୍ତି କି? ଯଦିଓ ଏକଥା ଅନେକ ଜାଣିଥା'ନ୍ତି, ତଥାପି କିଛି ଲୋକ ଏବେବି ଏସବୁ ନଜାଣି ପରିବା ଦୋକାନୀ, ବସ୍ କିମ୍ବା ତେଲଟାଙ୍କିରେ ଟଙ୍କା ଦେଇ ବଦଳାଇ ନିଅନ୍ତି। ବେଳେବେଳେ ସେମାନେ ଟଙ୍କା ନ ଫେରେଇ ଅସୁବିଧାରେ ବି ପଡ଼ନ୍ତି। ୧୦ଟଙ୍କା ବା ତଦୁର୍ଦ୍ଧ୍ୱ ମୂଲ୍ୟର ଯେଉଁ ନୋଟ୍‌ଗୁଡ଼ିକ ମଇଳା କିମ୍ବା ସାମାନ୍ୟ କଟିଯାଇଛି ସେଗୁଡ଼ିକୁ ଆପଣ ଯେକୌଣସି ପବ୍ଲିକ୍ ସେକ୍ଟର୍ ବ୍ୟାଙ୍କରେ ବଦଳାଇ ପାରିବେ। କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କର ଯେକୌଣସି ଶାଖାରେ ବଦଳାଇ ନୂଆ ଟଙ୍କା ନେଇପାରିବେ। ଏଥିପାଇଁ ଆପଣଙ୍କୁ ଫର୍ମ ଫିଲ୍‌ଅପ୍‌ର ଦରକାର ପଡ଼ିନଥାଏ। ଯେଉଁ ନୋଟ୍‌ଗୁଡ଼ିକ ଖଣ୍ଡଖଣ୍ଡ ହୋଇଯାଇଛି କିମ୍ବା ନୋଟ୍‌ର ଅତ୍ୟାବଶ୍ୟକ ଅଂଶ ଅର୍ଥାତ୍ ପୋଟ୍‌ର ପ୍ରାଧିକରଣ (ନେମ୍ ଅଫ୍ ଇସ୍ୟୁଇଂ ଅଥରିଟି), ଗ୍ୟାରେଣ୍ଟି, ପ୍ରମିଜ୍ କ୍ଲଜ୍, ଦସ୍ତଖତ, ମହାତ୍ମା ଗାନ୍ଧୀଙ୍କ ଫଟୋ, ଅଶୋକ ସ୍ତମ୍ଭ ପ୍ରତୀକ, ୱାଟର୍‌ମାର୍କ ଇତ୍ୟାଦି ଚିରିଯାଇଛି କି ଲିଭିଯାଇଛି ସେପରି ନୋଟ୍‌କୁ ବି ଆପଣ ବଦଳାଇ ପାରିବେ। ଏହାକୁ ମଧ୍ୟ ବିନା କୌଣସି ଫର୍ମ ଦାଖଲ କରି ଯେକୌଣସି ପବ୍ଲିକ୍ ସେକ୍ଟର୍ ବ୍ୟାଙ୍କ ଶାଖା, କୌଣସି ଘରୋଇ ବ୍ୟାଙ୍କର ମୁଦ୍ରା ବିନିମୟ କାଉଣ୍ଟର୍, ଆର୍‌ବିଆଇର ଶାଖାରେ ଆପଣ ବଦଳାଇ ପାରିବେ। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଟିଏଲ୍‌ଆର୍ (ଟ୍ରିପଲ୍ ଲକ୍ ରିସେପ୍ଟକଲ୍) କଭର୍ ମାଧ୍ୟମରେ ବିକୃତ ନୋଟ୍‌ର ବିନିମୟ ସୁବିଧା ମଧ୍ୟ ରହିଛି। ଲୋକେ ରିଜର୍ଭ ବ୍ୟାଙ୍କର ଇନ୍‌କ୍ୱାରି କାଉଣ୍ଟର୍‌ରୁ ଏକ ଟିଏଲ୍‌ଆର୍ କଭର୍ ପାଇପାରିବେ ଏବଂ ସେଥିରେ ଆପଣଙ୍କ ନାମ, ଠିକଣା, ଜମା ହୋଇଥିବା ନୋଟ୍‌ର ନାମ ଇତ୍ୟାଦି ପୂରଣ କରି ଉକ୍ତ କଭର୍‌ରେ ରଖି ଟ୍ରିପଲ୍ ଲକ୍ ରିସେପ୍ଟକଲ୍ ନାମକ ବାକ୍ସରେ ଜମା କରିବାକୁ ପଡ଼ିବ। ଏହି ବାକ୍ସକୁ ରିଜର୍ଭ ବ୍ୟାଙ୍କର ପ୍ରତ୍ୟେକ ଇସ୍ୟୁ ଅଫିସର ଇନକ୍ୱାରି କାଉଣ୍ଟର୍‌ରେ ରଖାଯାଇଛି। ବିକୃତ ନୋଟ୍‌ଗୁଡ଼ିକର ପ୍ରଚଳିତ ବିନିମୟ ମୂଲ୍ୟ ବ୍ୟାଙ୍କ୍ ଡ୍ରାଫ୍ଟ କିମ୍ବା ପେ' ଅର୍ଡର୍ ମାଧ୍ୟମରେ ରେମିଟ ହେବ। ପଞ୍ଜୀକୃତ/ ବୀମା ହୋଇଥିବା ପୋଷ୍ଟ ଦ୍ୱାରା ଆର୍‌ବିଆଇର ଯେକୌଣସି କାର୍ଯ୍ୟାଳୟକୁ ମ୍ୟୁଟିଲେଟେଡ୍ ନୋଟ୍ ପଠାଯାଇପାରିବ। ଅତ୍ୟଧିକ ମଇଳା, ଭଙ୍ଗା, ଜଳିଯାଇଥିବା କିମ୍ବା ଧରି ହେଉନଥିବା ନୋଟ୍‌ଗୁଡ଼ିକୁ କେବଳ ରିଜର୍ଭ ବ୍ୟାଙ୍କ୍‌ର ଇସ୍ୟୁ ଅଫିସ୍‌ରେ ବଦଳାଇ ହେବ। ଏପରି ନୋଟ୍ ଥିବା ବ୍ୟକ୍ତି କ୍ଲେମ୍ ସେକ୍ସନ୍‌ରେ ଥିବା ଅଫିସର୍, ଆର୍‌ବିଆଇର ବିନିମୟ ଶାଖାରେ ଯାଇ ବଦଳାଇ ପାରିବେ ଏବଂ ଏ ସଂପର୍କିତ ଅଧିକ ସୂଚନା ପାଇପାରିବେ। ସେହିପରି ବିଭିନ୍ନ ପ୍ରକାର ଅଚଳ ଓ କଳଙ୍କି ଲଗା ମୁଦ୍ରାକୁ ମଧ୍ୟ ଆପଣ ଉକ୍ତ ବ୍ୟାଙ୍କଗୁଡ଼ିକରେ ବଦଳାଇ ନୂତନ ମୁଦ୍ରା ଆଣିପାରିବେ।

# ଲଞ୍ଚ ହେଲା ଭିଭୋ ଏକ୍ସ୩୦୦ ସିରିଜ୍



ନୂଆଦିଲ୍ଲୀ, ୩।୧୨: ଭାରତରେ ଲଞ୍ଚ ହେଲା ଭିଭୋ ଏକ୍ସ୩୦୦ ସ୍ମାର୍ଟଫୋନ୍। ଅକ୍ଟୋବରରେ ଏହା ଚୀନରେ ଲଞ୍ଚ ହେବାର ଦୁଇ ମାସ ପରେ ମଙ୍ଗଳବାର କମ୍ପାନୀ ଭାରତରେ ଲଞ୍ଚ କରିଛି। ଚୀନ ଭଳି ଭାରତରେ ଲଞ୍ଚ ହୋଇଥିବା ଏହି ଫୋନ୍ ମଧ୍ୟ ମିଡିଆଟେକ ଡାଇମେନସିଟି ୯୫୦୦ ଚିପ୍ସେଟ୍ରେ ଚାଲିବ। Android 16ରେ ଅପରେଟ ହେଉଥିବା ଏହି ସ୍ମାର୍ଟଫୋନ୍ ଏକ କ୍ୟାମେରା ସେଣ୍ଟ୍ରି ଫୋନ୍ ହୋଇଥିବା ବେଳେ ଏଥିରେ ଲାଟେଷ୍ଟ ଅରିଜିନଓଏସ ୬ ସ୍କିନ ଦିଆଯାଇଛି। ତେବେ ଏଥିରେ ଆଉ କଣ ସବୁ ଫିଚର୍ସ ରହିଛି ଆସନ୍ତୁ ଜାଣିବା।

ଭିଭୋର ଫୋନ୍ ସାଧାରଣତଃ କ୍ୟାମେରା ସେଣ୍ଟ୍ରିକ୍ ହୋଇଥାଏ। ଏଥିପାଇଁ କ୍ୟାମେରା ଜାଏଣ୍ଟ ଜାଏସ୍ ସହିତ ଚୁକ୍ତି କରିଛି କମ୍ପାନୀ। ତେଣୁ ଭିଭୋ ଏକ୍ସ୩୦୦ ସିରିଜ୍ରେ ଜାଏସ୍ ଟ୍ୟୁନ୍ଡ କ୍ୟାମେରା ଆସିବ। ଏହାର ପ୍ରୋ ମୋଡେଲ୍ରେ ୨୦୦ ମେଗାପିକ୍ସେଲ୍ରେ ବଡ଼ ସେନ୍ସର ଥିବା କ୍ୟାମେରା ଦିଆଯାଇଛି। ଭିଭୋ ଏକ୍ସ୩୦୦ ସିରିଜ୍ ଫୋନ୍ ସହିତ ଟେଲିକନଭଟର କିଟ୍ ମଧ୍ୟ ମିଳିବ। ତେବେ ଏଥିପାଇଁ ଗ୍ରାହକଙ୍କୁ ଅତିରିକ୍ତ ଟଙ୍କା ଦେବାକୁ ପଡ଼ିବ।

ଭାରତରେ ଭିଭୋ ଏକ୍ସ୩୦୦ ର ମୂଲ୍ୟ ୧୨ଜିବି + ୨୫୬ଜିବି ଭ୍ୟାରିଏଣ୍ଟର ମୂଲ୍ୟ ୭୫,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ସେହିପରି ୧୨ଜିବି + ୫୧୨ଜିବି ଏବଂ ୧୬ଜିବି + ୫୧୨ଜିବି ରାମ ଏବଂ ଷ୍ଟୋରେଜ୍ ଭ୍ୟାରିଏଣ୍ଟର ମୂଲ୍ୟ ଯଥାକ୍ରମେ ୮୧,୯୯୯ ଟଙ୍କା ଏବଂ ୮୫,୯୯ ଟଙ୍କା ରଖାଯାଇଛି। ଏହି ଫୋନଗୁଡ଼ିକ ଏଲିଟ୍ ବ୍ଲାକ୍, ମିଷ୍ଟ ବ୍ଲୁ ଏବଂ ସମିଟ୍ ରେଡ୍ କଲର ଅପସନରେ ଉପଲବ୍ଧ ହେବ। ବର୍ତ୍ତମାନ ଭିଭୋ ଏକ୍ସ୩୦୦ ସିରିଜର ପ୍ରି-ବୁକିଂ ଭିଭୋ ଇଣ୍ଡିଆ ୱେବସାଇଟ୍‌ରେ ଖୋଲା ରହିଛି। ତେବେ ଡିସେମ୍ବର ୧୦ ତାରିଖରୁ ଏହାର ବିକ୍ରି ଆରମ୍ଭ ହେବ। ସ୍ମାର୍ଟଫୋନ ସହ ମିଳୁଥିବା ଭିଭୋ ଜେଇସି ୨.୩୫ଏକ୍ସ ଟେଲିଫୋଟୋ ଏକ୍ସଟେଣ୍ଡର କିଟ୍ର ମୂଲ୍ୟ ୧୮,୯୯୯ ଟଙ୍କା ରହିଛି। ଲଞ୍ଚ ସହିତ ଭିଭୋ ଏକାଧିକ ଅଫର ଦେଉଛି। ଯେଉଁଥିରେ ୪ ହଜାର ଟଙ୍କାର ଫ୍ଲାଟ୍ ରିହାତି ଏବଂ ଏସବିଆଇ କାର୍ଡ ଏବଂ ଏଚଡିଏଫସି ବ୍ୟାଙ୍କ ଗ୍ରାହକଙ୍କ ପାଇଁ ତୁରନ୍ତ ୧୦ ପ୍ରତିଶତ କ୍ୟାସବ୍ୟାକ୍ ରହିଛି। ଅନଲାଇନ୍ ଅଫର୍ରେ ୨୪ ମାସର ନୋ-କଷ୍ଟ ଇଏମଆଇ ବିକଳ୍ପ ଏବଂ ଫ୍ଲିପକାର୍ଟ ଆମାଜନ ମାଧ୍ୟମରେ କିଣିଲେ ୪ ହଜାର ଟଙ୍କାର ଫ୍ଲାଟ୍ ରିହାତି ଦିଆଯାଉଛି।

ଭିଭୋ ଏକ୍ସ୩୦୦ ରେ ୬.୩୧ ଇଞ୍ଚ ୧.୫କେ (୧୨୧୬×୨୬୪୦ ପିକ୍ସେଲ୍) ଆମେଲୋଡ ଡିସପ୍ଲେ ରହିଛି, ଯାହା ୧୨୦ହର୍ଜ୍ଜ ପର୍ଯ୍ୟନ୍ତ ରିଫ୍ରେସ୍ ରେଟ୍, ୩୦୦ହର୍ଜ୍ଜ ପର୍ଯ୍ୟନ୍ତ ଟଚ୍ ସାମ୍ପଲିଂ ରେଟ୍ ଏବଂ ଏଚଡିଆର ସପୋର୍ଟ ରହିଛି। ଏହା ୩ଏନଏମ ମିଡିଆ ଟେକ ଡାଇମନସିଟି ୯୫୦୦ ଏସଓସି ଦ୍ୱାରା ଚାଲିବ। ଫୋନ୍ରେ ପ୍ରୋ ଇମେଜିଂ ଭିଏସ୧ ଚିପ୍ ଏବଂ ଭି୩+ ଇମେଜିଂ ଚିପ୍ ସହିତ ଯୋଡା ହୋଇଛି। ଏହି ହ୍ୟାଣ୍ଡସେଟ୍ ୧୬ ଜିବି ପର୍ଯ୍ୟନ୍ତ ଏଲପିଡିଡିଆର୫ଏକ୍ସ ଅଲ୍ଟ୍ରା ରାମ ଏବଂ ୫୧୨ଜିବି ପର୍ଯ୍ୟନ୍ତ ୟୁଏଫଏସ ୪.୧ ଅନବୋର୍ଡ ଷ୍ଟୋରେଜ୍ ସପୋର୍ଟ କରି। ଏହା ଆଣ୍ଡ୍ରଏଡ ୧୬ ଆଧାରିତ ଅରିଜିନଓଏସ୬ ଦିଆଯାଇଛି। ଅପ୍ଟିକ୍ସ ପାଇଁ, ଭିଭୋ ଏକ୍ସ୩୦୦ ରେ ଭେଇସ-ଟ୍ୟୁନ୍ଡ ରିଅର୍ କ୍ୟାମେରା ୟୁନିଟ୍ ଦିଆଯାଇଛି। ଯେଉଁଥିରେ ଅପ୍ଟିକାଲ୍ ଇମେଜ୍ ଷ୍ଟାବିଲାଇଜେସନ୍ (ଓଆଇଏସ) ସହିତ ୨୦୦-ମେଗାପିକ୍ସେଲ ୧/୧.୧୪-ଇଞ୍ଚ ଏଚପିବି ସେନ୍ସର୍ ଲେନ୍ସ ରହିଛି। ସେହିପରି (ଓଆଇଏସ), ୫୦-ମେଗାପିକ୍ସେଲ ୧/୨.୭୬-ଇଞ୍ଚ ଜେଏନ୧ ୱାଇଡ୍-ଏଙ୍ଗଲ୍ ଲେନ୍ସ ଏବଂ ଓଆଇଏସ ସହିତ ୫୦-ମେଗାପିକ୍ସେଲ ସୋନି ଆଇଏମଏକ୍ସ୮୮୫ ଏଲୱାଇଟି୬୦୨ ଟେଲିଫୋଟୋ ସୁଟର୍ ୩ଏକ୍ସ ଅପ୍ଟିକାଲ୍ ଜୁମ୍ ସହ ରହିଛି। ସେଲପି ପାଇଁ ଏବଂ ଭିଡିଓ କଲ୍ ପାଇଁ ୫୦ ମେଗାପିକ୍ସେଲ ସେନ୍ସର୍ ମଧ୍ୟ ରହିଛି। ସମସ୍ତ କ୍ୟାମେରାରେ ୪କେ ଭିଡିଓ ରେକର୍ଡିଂ ସପୋର୍ଟ କରେ।

ଭିଭୋ ଏକ୍ସ୩୦୦ ରେ ୯୦ୱାଟର ୱାୟର୍ଡ ଏବଂ ୪୦ ୱାଟର ୱାୟରଲେସ ଚାର୍ଜିଂ ସପୋର୍ଟ ସହ ୬,୦୪୦ଏମଏଚ୍ର ଲିଥିୟମ-ଆୟନ ବ୍ୟାଟେରୀ ଦିଆଯାଇଛି। ସିକ୍ୟୁରିଟି ପାଇଁ, ଇନ-ଡିସପ୍ଲେ ୩ଡି ଅଲ୍ଟ୍ରାସୋନିକ୍ ସିଙ୍ଗଲ୍-ପଏଣ୍ଟ ଫିଙ୍ଗରପ୍ରିଣ୍ଟ ସେନ୍ସର ରହିଛି। କନେକ୍ଟିଭିଟ ଅପସନରେ ୫ଜି, ୪ଜି, ୱାଇଫାଏ ବ୍ଲୁଟୁଥ୍ ୬, ଜିପିଏସ, ଏନଏଫସି, ଓଟିଜି ଏବଂ ଏକ ୟୁଏସବି ଟାଇପ୍-ସି ପୋର୍ଟ ରହିଛି। ଏଥିରେ ଡଷ୍ଟ ଏବଂ ୱାଟର ରେଜିଷ୍ଟାନ୍ସ ପାଇଁ ଆଇପି୬୮ ଏବଂ ଆଇପି୬୯ ରେଟିଂ ରହିଛି। ଏହା ବ୍ୟତୀତ, ହ୍ୟାଣ୍ଡସେଟ୍ ଆକାରରେ ୧୫୦.୫୭×୭୧.୯୨×୭.୯୫ଏମଏମ ଏବଂ ଓଜନ ୧୯୦ ଗ୍ରାମ ରହିଛି।

SANCHAR
ସଂଚାର ଗୁରୁବାର ୪ ଡିସେମ୍ବର ୨୦୨୫
ସ୍ୱାସ୍ଥ୍ୟ

### ଇଡିଓପାଥିକ୍ ହାଇପରସୋମନିଆର ସମସ୍ୟା

# ଶୋଇକି ଉଠିଲା ପରେ ବି ଲାଗିଥାଏ ନିଦ



ଜଣେ ସୁସ୍ଥ ବ୍ୟକ୍ତି ପାଇଁ ଆଠ ଘଣ୍ଟା ନିଦ ଜରୁରୀ। ଅନେକ ଲୋକ ପ୍ରାୟତଃ ଏହି ନିଦ କୋଟା ପୂରଣ କରିବାରେ ବିଫଳ ହୁଅନ୍ତି। ଯାହା ଫଳରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ତଥାପି, କେତେକ ସମୟରେ ଜଣେ ବ୍ୟକ୍ତି ଆଠ ଘଣ୍ଟା ଶୋଇବା ପରେ ମଧ୍ୟ କ୍ଳାନ୍ତ ଏବଂ ଅଳସୁଆପଣ ଅନୁଭବ କରିଥାନ୍ତି। ଏହା ଇଡିଓପାଥିକ୍ ହାଇପରସୋମନିଆ (IH) ନାମକ ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ସୂଚାଇଥାଏ। ଏହି ଅବସ୍ଥା ଲୋକଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ନେବା ପରେ ମଧ୍ୟ ନିଦ୍ରା ଅନୁଭବ କରାଇଥାଏ।

ସରଳ ଭାଷାରେ କହିବାକୁ ଗଲେ, ଏହା ନିଦ ସହିତ ଜଡିତ ଏକ ସ୍ନାୟୁଗତ ରୋଗ । ଏହି ରୋଗରେ ପୀଡିତ ଲୋକମାନେ ପ୍ରାୟତଃ ଦିନରେ ବାରମ୍ବାର ଶୋଇପଡ଼ନ୍ତି। କିଛି ଲୋକ ଦୀର୍ଘ ସମୟ ପାଇଁ ଶୋଇପଡ଼ିଥାନ୍ତି। ଏହି ରୋଗରେ ପୀଡିତ ଲୋକମାନେ ପ୍ରାୟତଃ ନିରନ୍ତର ଥକ୍କା ଅନୁଭବ କରିଥାନ୍ତି। ରାତିର ଭଲ ନିଦ ପରେ ମଧ୍ୟ, ସେମାନଙ୍କୁ ଦିନରେ ଜାଗ୍ରତ ରହିବାରେ ଅସୁବିଧା ହୁଏ ଏବଂ ଉଠିବା ସମୟରେ ନିଦୁଆ ନିଦୁଆ ଅନୁଭବ ହୋଇଥାଏ।

ଏହାର ଲକ୍ଷଣଗୁଡ଼ିକ ଅନ୍ୟ ନିଦ୍ରା ରୋଗ କିମ୍ବା ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସହିତ ସମାନ। ଅନେକ ରୋଗୀଙ୍କ କ୍ଷେତ୍ରରେ ସଠିକ୍ ରୋଗ ନିର୍ଣ୍ଣୟ କରିବରେ ବିଳମ୍ବ ହୋଇଥାଏ। ପୂର୍ବ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି, ଇଡିଓପାଥିକ୍ ହାଇପରସୋମନିଆ ଅପସ୍ମାର କିମ୍ବା ବାଇପୋଲାର ଡିସଅର୍ଡର ଭଳି ରୋଗ ଅପେକ୍ଷା ଅଧିକ ସାଧାରଣ ହୋଇପାରେ। ତେବେ ଏହି ରୋଗର କାରଣ ସ୍ପଷ୍ଟ ନୁହେଁ। ସାଇନ୍ସ ଡାଇରେକ୍ଟ ଡଟ୍ କମରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ଏହା ପ୍ରକାଶ କରିଛି। ରିପୋର୍ଟ ଅନୁସାରେ, ଏହା ମସ୍ତିଷ୍କ ଦ୍ୱାରା ନିଦ ଏବଂ ଜାଗ୍ରତ ଚକ୍ରକୁ ନିୟନ୍ତ୍ରଣ କରିବା ସହିତ ଆରମ୍ଭ ହୋଇଥାଏ। ଏହି ସମସ୍ୟାରେ ପୀଡିତ ବ୍ୟକ୍ତି ଦିନରେ ମଧ୍ୟ ବହୁ ସମୟ ଶୋଇଥାନ୍ତି।

ଏହି ରୋଗର ଚିକିତ୍ସା ବିଷୟରେ କୌଣସି ଠୋସ୍ ସୂଚନା ଉପଲବ୍ଧ ନାହିଁ। ଗବେଷଣା ରିପୋର୍ଟଗୁଡ଼ିକ ସଠିକ୍ ଶୋଇବା ଅବସ୍ଥା, ସଫା ବିଛଣା ଏବଂ ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରିଥାଏ। ଗବେଷକଙ୍କ ଅନୁସାରେ, ଚିକିତ୍ସା ମୁଖ୍ୟତଃ ଲକ୍ଷଣ ପରିଚାଳନା ଏବଂ ରୋଗୀଙ୍କୁ ଦୈନନ୍ଦିନ କାର୍ଯ୍ୟକଳାପ କରିବାରେ ସାହାଯ୍ୟ କରିବା ଉପରେ ଧ୍ୟାନ ଦେଇଥାଏ।।



# ଶୀତ ଦିନରେ କିପରି ନେବେ ମେକଅପ୍

ଶୀତ ଦିନ ଆସିବା ମାତ୍ରେ ଆମ ତ୍ୱଚାକୁ ନେଇ ବହୁ ଚିନ୍ତାରେ ରହିଥାଉ। କାହିଁକି ନା ଶୀତ ଦିନେ ଆମ ତ୍ୱଚା ବହୁତ ଡ୍ରାଏ ହୋଇଯାଏ। ସେଥିପାଇଁ ଆମେ ଯଦି ତ୍ୱଚା ଉପରେ ଧ୍ୟାନ ନଦେବା , ଆଗକୁ ଯାଇ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଆହୁରୀ ବଢ଼ିଯିବ। ଏହି ପରିସ୍ଥିତିରେ ଯଦି ଆପଣ କୌଣସି ବାହାଘର କିମ୍ବା ପାର୍ଟିକୁ ଯାଉଛନ୍ତି , ତାହାଲେ ମେକଅପ ପ୍ରତି ଧ୍ୟାନ ଦଅନ୍ତୁ। ନହେଲେ ଡ୍ରାଏ ପାଇଁ ମେକଅପ ପୂରା ଖରାପ ହୋଇଯିବ । ଶୀତଦିନେ ମେକ୍ଅପ୍ ନେବା ପୂର୍ବରୁ, ସ୍କିନ୍‌କୁ ଏକ ଭଲ ମଶ୍ଚରାଇଜରରେ ଧୀରେ ଧୀରେ ମସାଜ କରିବେ। ଅତିକମ୍‌ରେ ୨ ମିନିଟ୍ ପାଇଁ ମସାଜ୍ କରିବା ଜରୁରୀ। ଯାହାଦ୍ୱାରା ମୁହଁରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବ ଏବଂ ମେକ୍ଅପ୍ ପରେ ଚେହେରା ଅଧିକ ସୁନ୍ଦର ଦେଖାଯିବ। ଏହାସହ ମେକ୍ଅପ୍ ପରେ ମୁହଁ ଶୁଖିଲା ମଧ୍ୟ ଦେଖାଯିବ ନାହିଁ । ଯଦି ଆପଣଙ୍କ ସ୍କିନ୍ ଡ୍ରାଏ, ତାହେଲେ ଆପଣ ମେକ୍ଅପ୍ କରିବା ପୁର୍ବରୁ ଫାଉଣ୍ଡେସନ୍‌ରେ ଦୁଇ ବୁନ୍ଦା ମୁହଁରେ ବ୍ୟବହାର ହେଉଥିବା ତେଲ ମିଶାଇ ଦିଅନ୍ତୁ। ତାପରେ ହିଁ ସେହି ଜିନିଷକୁ ବେକ, ମୁହଁ ଓ ହାତରେ ଲଗାଇ ଦିଅନ୍ତୁ। ତେବେ ଏପରି କରିବା ଦ୍ୱାରା ଆପଣ ମେକ୍ଅପ୍ ନେବା ପରେ ଆପଣଙ୍କ ମୁହଁ ଡ୍ରାଏ ଦେଖାଯିବ ନାହିଁ । ଶୀତଦିନେ ଅତ୍ୟଧିକ ମେକଅପ୍ ଲଗାଇବା ଦ୍ୱାରା ସ୍କିନ୍‌ର ପ୍ରାକୃତିକ ଚମକ କମିଯାଏ। ଯଦି ଆପଣ କେବଳ ହାଲୁକା ମେକଅପ୍ କରନ୍ତି ତେବେ ଏହା ଭଲ ହେବ। କିନ୍ତୁ ଫାଉଣ୍ଡେସନ୍ ଲଗାଇବା ପରେ ହାଇଲଟ୍‌ର ବ୍ୟବହାର କରିବେ।

# ଅଫିସରେ ବେଶି ସମୟ ବସୁଛନ୍ତି କି ?

ଆଜିକାଲି ପ୍ରତି ଅଫିସରେ କାମ ଚାପ ବଢ଼ିଲାଣି। ଏଆଇ ଯୁଗରେ ଗୋଟେ ପଟେ ଛଟେଇ ବଢୁଥିବା ବେଳେ ଏଆଇକୁ ମାତ୍ ଦେବାକୁ କାମର ପ୍ରତିଯୋଗିତା ବି ବଢିଲାଣି। ଲମ୍ବା ସମୟ ଧରି ମିଟିଂ ଏବଂ କାମ ଚାପ ଭିତରେ କର୍ମଚାରୀମାନେ ଘଣ୍ଟା ଘଣ୍ଟା ଧରି ଚେୟାରରେ ଗୋଟେ ସ୍ଥାନରେ ବସି ରହୁଥିବା ଦେଖିବାକୁ ମିଳୁଛି। ଯାହା ପରବର୍ତ୍ତୀ ସମୟରେ ଅଣ୍ଟା ଦରଜ ସହ ଅନ୍ୟାନ୍ୟ ରୋଗର କାରଣ ସାଜୁଛି। ଆଜିକାଲି ଅଧିକାଂଶ ଲୋକଙ୍କ ଜୀବନଶୈଳୀ ଏବଂ କାର୍ଯ୍ୟ ସଂସ୍କୃତି ଏପରି ହୋଇଯାଇଛି ଯେ ସେମାନଙ୍କୁ ଗୋଟିଏ ସ୍ଥାନରେ ଘଣ୍ଟା ଘଣ୍ଟା ବସି କାମ କରିବାକୁ ପଡୁଛି। ଯାହା ଯୋଗୁଁ ସେମାନେ ପ୍ରାୟ ଚାଲିପାରୁନାହାଁନ୍ତି। କାର୍ଯ୍ୟ ସମୟ ସାରଣୀ ଏତେ କଠିନ ଯେ ବହୁତ କମ୍ ଲୋକ ଜିମ୍ ଯିବା ପାଇଁ ସମୟ ବାହାର କରିପାରନ୍ତି। କିନ୍ତୁ ଆପଣ କଣ ଜାଣନ୍ତି ଯେ ଏପରି ଭାବରେ ବସି ଲଗାତାର କାମ କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ହୋଇପାରେ। ବିଶେଷଜ୍ଞଙ୍କ ମତରେ, 'ନିରନ୍ତର ବସିବା ଧୂମପାନ ପରି ବିପଦପୂର୍ଣ୍ଣ'। ଆମର ଶରୀର ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ ଏହା ଯଥାସମ୍ଭବ ସକ୍ରିୟ ରହିଥାଏ। ଏପରି ପରିସ୍ଥିତିରେ, ଯେତେବେଳେ ଆମେ ଦୀର୍ଘ ସମୟ ଧରି ଲଗାତାର ବସିଥାଉ, ଏହା ଆମର ସାମଗ୍ରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଜାଣନ୍ତୁ ଅଧିକ ସମୟ ଧରି କୌଣସି ସ୍ଥାନରେ ବସି ରହିଲେ କଣ ସବୁ ସମସ୍ୟା ଦେଖାଯାଏ।

## ବସିଲେ ବଢ଼ିବ ସ୍ୱାସ୍ଥ୍ୟ ସମସ୍ୟା

- ଘଣ୍ଟା ଘଣ୍ଟା ବସି ରହିବା ଦ୍ୱାରା ଦେଖାଯାଏ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା
- ନିଦ୍ରାହୀନତା ସହ ମନ କ୍ଳାନ୍ତ ହୁଏ, ଓଜନ ବଢ଼ିବାକୁ ଲାଗେ
- ପ୍ରତିଦିନ ଜିମ୍ ଯାଉଥିବା ଲୋକ ମଧ୍ୟ ଏହାର ଶିକାର ହୋଇଥାନ୍ତି
- ଗୋଟିଏ ସ୍ଥାନରେ ବସି ରହିବା କାରଣରୁ ଶରୀରରେ ଚର୍ବି ବୃଦ୍ଧି ହୋଇଥାଏ
- ଉଚ୍ଚ ରକ୍ତଚାପ ଏବଂ ହୃଦରୋଗର ଆଶଙ୍କା ମଧ୍ୟ ବଢ଼ିଥାଏ
- ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ
- ଦୀର୍ଘ ସମୟ ବସି ରହୁଥିବା ଲୋକଙ୍କଠାରେ କର୍କଟ ରୋଗର ଆଶଙ୍କା ବୃଦ୍ଧି



# ଶୀତଦିନେ ବଢ଼ିଯାଏ ବ୍ରେନ୍‌ଷ୍ଟ୍ରୋକ୍ ହେବାର ଆଶଙ୍କା



ଚଳିତ ବର୍ଷ ବିଳମ୍ବରେ ଶୀତର ଆଗମନ ହୋଇଥିବା ବେଳେ ଏକପ୍ରକାର ଲୁଚକାଳି ଖେଳ ଖେଳୁଛି। କେବେ କମିଯାଉଛି ତ କେବେ ବଢ଼ିଯାଉଛି। ନଭେମ୍ବର ମାସ ପରେ ପରେ ଶୀତ ଆରମ୍ଭ ହୋଇଥିବା ବେଳେ ଅନେକ ପ୍ରଦୂଷିତ ସହରର ଅବସ୍ଥା ଆହୁରି ଖରାପ ହୋଇଛି। ବିଶେଷ କରି ମେଟ୍ରୋ ସହରମାନଙ୍କରେ ଲୋକେ ପ୍ରଦୂଷଣ ପାଇଁ ହଟହଟା ହେଉଛନ୍ତି। ଏହା ଅନେକ ଶାରୀରିକ ସମସ୍ୟା ଉପୁଜାଉଥିବା ବେଳେ ଶୀତଦିନେ ବୋହୁଥିବା ଥଣ୍ଡା ପବନ ଅନେକ ରୋଗ ସୃଷ୍ଟି କରୁଛି। ତେବେ ଆସନ୍ତୁ ଜାଣିବା ଶୀତଦିନେ କେଉଁ ରୋଗ ଅଧିକ ମାତ୍ରାରେ ବ୍ୟାପିଥାଏ। ନଭେମ୍ବର ମାସ ସରିବା ସହ ଶୀତର ଲହର ବଢିବାରେ ଲାଗିଛି। ଫଳରେ ସକାଳ ଏବଂ ରାତିରେ ବେଶୀ ଥଣ୍ଡା ଅନୁଭୂତ ହେଉଛି। ଯଦିଓ ଖରାବେଳେ ସୂର୍ଯ୍ୟଙ୍କ ପ୍ରଭାବରେ ଟିକେ ଗରମ ଲାଗୁଛି, କିନ୍ତୁ ଏହା ଶରୀର ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଏହି ପରିବର୍ତ୍ତିତ ପାଗ ଆମ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ପ୍ରବଳ ଥଣ୍ଡା ଫଳରେ ଅନେକ ରୋଗ ସୃଷ୍ଟି ହୋଇ ଆମ ଶରୀରକୁ ଦୁର୍ବଳ କରିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ମଧ୍ୟ କମାଇ ଦେଉଛି। ତେବେ ଶୀତ ଦିନରେ ଥଣ୍ଡା ପବନ ଶରୀରରେ କେଉଁ ପ୍ରଭାବ ପକାଇଥାଏ ? ଆମେ କେଉଁ ରୋଗର ଶିକାର ହୋଇଥାଉ ? ଏ ସଂପର୍କରେ ଜାତୀୟ ଗଣମାଧ୍ୟମକୁ କନୌଜ ସରକାରୀ ମେଡିକାଲ କଲେଜର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡାକ୍ତର ଦିଲୀପ ସିଂହ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି । ଅନେକ ସମୟ ପରେ ଶୀତ ଆସିବା ଦ୍ୱାରା ପ୍ରଥମେ ପ୍ରଥମେ ଥଣ୍ଡା ପବନ ଶରୀରକୁ ଭଲ ଲାଗିଥାଏ। କିନ୍ତୁ କିଛିଦିନ ପରେ ଏହି ଥଣ୍ଡା ପବନ ଶରୀର ପାଇଁ ହାନୀକାରକ ସାବ୍ୟସ୍ତ ହୋଇଥାଏ। ଶୀତଦିନରେ ଥଣ୍ଡା ପବନ ଶରୀରର ବହୁତ ସମୟ ପର୍ଯ୍ୟନ୍ତ ବାଜିବା ଦ୍ୱାରା କାନ, ନାକ, ଗଳା ଏବଂ ଛାତିରେ ଗଭୀର ଯନ୍ତ୍ରଣା ସୃଷ୍ଟି ହୋଇଥାଏ। ଏଥିରୁ ବଞ୍ଚିବାକୁ ହେଲେ ଶୀତଦିନେ ଘରୁ ବାହାରିବା ଆଗରୁ ଶୀତବସ୍ତ୍ର ପିନ୍ଧିବା ଉଚିତ୍। ଶୀତବସ୍ତ୍ର ସହ ଗରମ ଖାଦ୍ୟ ଏବଂ ବିଭିନ୍ନ ପ୍ରକାର ସୁପ ପିଇବା ଦ୍ୱାରା ଶରୀର ଥଣ୍ଡା କବଳରୁ ରକ୍ଷା ପାଇଥାଏ। ଶୀତଦିନେ ପ୍ରବଳ ଥଣ୍ଡା ଅନୁଭୂତ ଦେଉଥିବା ବେଳେ ଖରାର ପ୍ରକୋପ କମ ରହିଥାଏ। ଖରା କେବଳ ମଧ୍ୟାହ୍ନ ସମୟରେ ହେଉଥିବା ବେଳେ ଏହା ଆମ ଶରୀର ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ଶରୀରରେ ଭିଟାମିନ ଡିର ମାତ୍ରା କମ ରହିଥାଏ। ଫଳରେ ହାଡ଼ ଏବଂ ମାଂସପେଶୀ ଯନ୍ତ୍ରଣା ଆରମ୍ଭ ହୋଇଥାଏ । ତେଣୁ, ଏହି ଥଣ୍ଡାରୁ ନିଜକୁ ରକ୍ଷା କରିବା ପାଇଁ ଗରମ ପୋଷାକ ପିନ୍ଧିବା ସହ ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ଖାଇବା ଏବଂ ବ୍ୟାୟାମ କରିବା ଦ୍ୱାରା ଏହା ହାଡକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଶୀତଦିନେ ପ୍ରବଳ ଥଣ୍ଡା ହେବା ଯୋଗୁଁ ବାୟୁମଣ୍ଡଳ ଶୁଷ୍କ ରହିଥାଏ। ଫଳରେ ଏହା ସିଧସଳଖ ଭାବରେ ଆମ ଚର୍ମକୁ ପ୍ରଭାବିତ କରିଥାଏ। ଚର୍ମ ଶୁଷ୍କ ହେବା ଫଳରେ ଓଠ ଫାଟିବା, ପାଦ ଫାଟିବା, ମୁହଁର ଚର୍ମ ଶୁଖିଯିବା ପରି ସମସ୍ୟା ଦେଖାଯାଇଥାଏ। ଏହି ସମସ୍ୟାରୁ ନିସ୍ତାର ପାଇବାକୁ ହେଲେ ପ୍ରତିଦିନ ଶରୀରରେ ତେଲ ସହ ମାର୍କେଟରେ ମିଳୁଥିବା ଭଲ କମ୍ପାନିର ମଏଶ୍ଚରାଇଜର ଲଗାଇବା ଉଚିତ୍। ଏହାକୁ ଲାଗାଇବା ଫଳରେ ଶରୀର ଶୁଷ୍କ ହୋଇନଥାଏ। ଏହା ସହ ଶୀତଦିନେ ପ୍ରଚୁର ପାଣି ପିଇବା ଫଳରେ ଶରୀରରେ ଜଳୀୟ ଅଂଶ କମି ନଥାଏ। ଶୀତଦିନେ ପ୍ରବଳ ଥଣ୍ଡା ପବନ ବୋହୁ ହେଉଥିବାରୁ ଏହା ବାୟୁମଣ୍ଡଳୀୟ ଚାପ ହ୍ରାସ କରିଥାଏ। ଏହା ଦ୍ୱାରା ରକ୍ତଚାପ ବଢ଼ିଯାଇଥାଏ। ସବୁଦିନ ଥଣ୍ଡା ପବନ ଶରୀରରେ ମାଡ଼ ହେବା ଫଳରେ ମୁଣ୍ଡ ବିନ୍ଧା ସହ ଷ୍ଟ୍ରୋକ ହେବାର ସମ୍ଭାବନା ବଢିଯାଇଥାଏ। ଏହାକୁ ଦୂର କରିବା ପାଇଁ ପ୍ରତ୍ୟେକ ଦିନ ନିଜ ଖାଦ୍ୟରେ ରସୁଣ, କଦଳୀ, ଲେମ୍ବୁ ଏବଂ ମହୁକୁ ସାମିଲ କରନ୍ତୁ। ଫଳରେ ଶରୀରରେ ଦେଖାଯାଉଥିବା ଏହିସବୁ ସମସ୍ୟାରୁ ନିସ୍ତାର ମିଳିବ ।

# ମାଦ୍ରାସା ତାହେରିୟା ହନିଫିଆ ବିଦ୍ୟାଳୟରେ ୧୭୪ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ



**ଧାମନଗର,୩।୧୨(ସଂଚାର ବ୍ୟୁରୋ):** ଧାମନଗର ଏନ୍ଏସିଅନ୍ତର୍ଗତ ମୁନସିପାଟଣା ଗ୍ରାମରେ ଥିବା ମାଦ୍ରାସା ତାହେରିୟା ହନିଫିଆ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବଣ୍ଟନ ଉତ୍ସବ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଉକ୍ତ ମଦ୍ରାସାର ପ୍ରଧାନ ଶିକ୍ଷକ ସେକ ନାସିରୁଦ୍ଦିନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ଲଷ୍ଟର୍ ସିଆରସିସି ସେକ ମୁଜାଫର ହୋସେନ, ପୂର୍ବତନ ସିଆରସିସି ତଥା ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗ ଦେଇ ସରକାରଙ୍କ ତରଫରୁ ପୋଷାକ ବଣ୍ଟନର ଉଦ୍ଦେଶ୍ୟ ଓ ଲକ୍ଷ ଏବଂ ବିଦ୍ୟାଳୟର ପାଠପଢା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ୧୭୪ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ମାନଙ୍କୁ ଦୁଇ ହଳ ଲେଖାଏଁ ପୋଷାକ, ଜୋତା, ମୌଜା, ଟି ଶାର୍ଟ, ଟ୍ରାକ ପେଣ୍ଟ, ଟୋପି ଓ ଆଇ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ତଥା ପୂର୍ବତନ ସିଆରସିସି ସୁରେନ୍ଦ୍ର କୁମାର ସେଠୀ, ବର୍ତ୍ତମାନର ସିଆରସିସି ମୁଜାଫର ହୋସେନ ଉଭୟଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, ଉତ୍ତରିୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପୋଷାକ ବଣ୍ଟନ ଉତ୍ସବରେ ଗ୍ରାମର ଅଭିଭାବକ ଗାଁର ମୁରବି ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ପ୍ରାରମ୍ଭରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସେକ ଖଲିଲ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନଟିପିସି ଡୁଲଙ୍ଗାରେ ବାର୍ଷିକ ଖଣି ସୁରକ୍ଷା ପକ୍ଷିକା ଆରମ୍ଭ




**ସୁନ୍ଦରଗଡ଼,୩।୧୨(ସଂଚାର ବ୍ୟୁରୋ):** ଦୁଲଙ୍ଗା କୋଇଲା ଖଣି ପ୍ରକଳ୍ପ ଏନଟିପିସି ଦୁଲଙ୍ଗକ୍ଷରେ 'ବାର୍ଷିକ ଖଣି ସୁରକ୍ଷା ପକ୍ଷିକା ୨୦୨୫-୨୬' ଆରମ୍ଭ କରାଯାଇଥିଲା। ଡିସେମ୍ବର ୨ ରୁ ଡିସେମ୍ବର ୧୫ ତାରିଖ ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ଦୁଇ ସପ୍ତାହର ସୁରକ୍ଷା କାର୍ଯ୍ୟକ୍ରମ ଖଣି କାର୍ଯ୍ୟରେ ଏକ ସକ୍ରିୟ ଏବଂ ଦୃଢ଼ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ ମୁଖ୍ୟ ବ୍ରଜରାଜ ପ୍ରସୂନଙ୍କ ଦ୍ୱାରା ସୁରକ୍ଷା ପତାକା ଉତ୍ତୋଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେ ପ୍ରକଳ୍ପ କ୍ଷେତ୍ରରେ ସୁରକ୍ଷା ସଚେତନତା ପ୍ରସାର ପାଇଁ 'ସୁରକ୍ଷା ରଥ'କୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉଦ୍ଘାଟନୀ ଉତ୍ସବରେ ବିଭାଗ ମୁଖ୍ୟ (କାର୍ଯ୍ୟକଳାପ ସେବା, ମାନବ ସମ୍ବଳ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ), ଖଣି ଏଜେଣ୍ଟ, ଖଣି ପରିଚାଳକ, ସୁରକ୍ଷା ଅଧିକାରୀ, ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ପିଟ୍ ଇଞ୍ଜିନିୟରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏମଡିଓ ଦଳ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉତ୍ସାହର ସହିତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ଥିଲା 'ପକେଟ୍ ଏସଓପି ବୁକ୍ଲେଟ୍'ର ଉନ୍ମୋଚନ, ଯାହା ସାଇଟରେ କାର୍ଯ୍ୟରତ କର୍ମଚାରୀ ମାନଙ୍କୁ ସୁଗମ ସୂଚନା ପ୍ରଦାନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ପରେ ଏନଟିପିସି ଗୀତର ସାମୂହିକ ଗାନ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି, ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ବିଭାଗ ମୁଖ୍ୟମାନେ 'ଶୂନ୍ୟ କ୍ଷତି' ପାଇଁ ସାମୂହିକ ଏବଂ ଦୃଢ଼ ପ୍ରତିବଦ୍ଧତା କୁ ଦୋହରାଇ ଥିଲେ। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ଏକ ପ୍ରଭାତ ଫେରି ମଧ୍ୟ ଆୟୋଜନ କରାଯାଇଥିଲା। ଏହି ରାଲିରେ କର୍ମଚାରୀ ଏବଂ ଅଧିକାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ସୁରକ୍ଷା ସ୍ଲୋଗାନ ବହନ କରୁଥିବା ଏହି ରେଲି ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ କରାଯାଇଥିଲା, ଯାହା ପ୍ରକଳ୍ପର କାର୍ଯ୍ୟକ୍ଷମ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଏକ ମିଳିତ ସଂକଳ୍ପ ପ୍ରଦର୍ଶନ କରିଥିଲା। ଉପସ୍ଥାପନ ଅଧିବେଶନ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଧନ୍ୟବାଦ ପ୍ରସ୍ତାବ ସହିତ ଶେଷ ହୋଇଥିଲା।

## ପୁଲିସକୁ ଧମକ ଦେଇ ବନ୍ଧା ହେଲେ ୩

**ଭଞ୍ଜନଗର,୩।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ଜାମପଲ୍ଲୀ ବିଦେଶୀ ମଦ ଦୋକାନ ନିକଟରେ ପୋଲିସକୁ ଅସଦ ବ୍ୟବହାର ଦେଖାଇବା ଏବଂ ପୋଲିସକୁ ଆକ୍ରମଣ ଉଦ୍ୟମ କରିବା ଅଭିଯୋଗରେ ପୋଲିସ ବୁଧବାର ୩ ଜଣକୁ ଗିରଫ କରିଛି। ସେମାନେ ହେଲେ ବିଚିତ୍ର ସ୍ୱାଇଁ ଓ ତାଙ୍କ ଦୁଇ ପୁଅ। ଗିରଫ ବାପ ପୁଅଙ୍କୁ ଆଜି ସନ୍ଧ୍ୟାରେ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଗତ ୧ ତାରିଖ ସନ୍ଧ୍ୟାରେ ଆଇଆଇସି ଜୀବନାନନ୍ଦ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ସମୀର କୁମାର ସେଠୀ ଓ ଥାନା ଷ୍ଟାଫ୍ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସେମାନେ ଖବର ପାଇଲେ ଯେ ଜାମପଲ୍ଲୀ ବିଦେଶୀ ମଦ ଦୋକାନ ପାଖରେ ଥିବା ଏକ ଦୋକାନରେ କିଛି ଲୋକେ ଠିଆ ହୋଇ ପାଟିତୁଣ୍ଡ କରୁଛନ୍ତି। ପୋଲିସ ଆସିବା ଦେଖି ସେମାନେ ଦୌଡିବା ଆରମ୍ଭ କଲେ।

## ଜୟପୁରରେ ଅନ୍ତର୍ଜାତିୟ ଦିବ୍ୟାଙ୍ଗ ଦିବସ ପାଳିତ



**ବୋରିଗୁମ୍ମା,୩।୧୨(ସଂଚାର ବ୍ୟୁରୋ):** ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ୫୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ୫୦ ଜଣ ଅଭିଭାବକ ଯୋଗଦାନ କରିଥିଲେ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା, ଉକ୍ତ କାର୍ଯ୍ୟକ୍ରମ କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ ଉଦ୍ଘାଟନ କରିଥିଲେ, ଉଦଯାପନ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ କେ ଗୋପାଳ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର, ଶଶୀଭୂଷଣ ଦାଶ୍ ବରିଷ୍ଠ ସହାୟକ, ସୁଧାକର ପଣ୍ଡା, ପ୍ରଧାନ ଶିକ୍ଷକ, ଶ୍ରୀମତି କୁକୁମିନା ଦାଶ୍ ପ୍ରଧାନ ଶିକ୍ଷୟତ୍ରୀ, ମନୋଜ କୁମାର ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ଯୋଗଦାନ କରିଥିଲେ, ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା, ଉକ୍ତ କାର୍ଯ୍ୟକ୍ରମରେ ଅଶୋକ କୁମାର୍ ସ୍ୱାଇଁ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ସଂଯୁକ୍ତା ରାଉତ, ମିନତି ପାଢ଼ି, ଆଶାଲତା ପ୍ରଧାନ, ସୁଚିତ୍ରା ପାତ୍ର, ହରିହର ପଟ୍ଟନାୟକ, ଅଭିପ୍ସା ପାତ୍ର ଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ, ଶ୍ରୀମତୀ ସୁଭଶ୍ରୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଙ୍ଗାଳିଡାହି ଅଞ୍ଚଳରେ ଷଣ୍ଢ ଚୋରୀ ବୃଦ୍ଧି, ଧରିବାକୁ ଉଦ୍ୟମ ବେଳେ ଖସିଗଲେ ୬ ଜଣ

**ବୈଶିଙ୍ଗା,୩।୧୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ବେତନଟୀ ବ୍ଲକର ବଙ୍ଗାଳିଡାହି ଅଞ୍ଚଳରେ ଦିନକୁ ଦିନ ଷଣ୍ଢ ଚୋରୀ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ଏହି ଅଞ୍ଚଳରେ ଅନେକ ଷଣ୍ଢ ବିଚରଣ କରୁଥିବାବେଳେ ଏବେ ଷଣ୍ଢ ଗୁଡିକ ଆଉ ଦେଖିବାକୁ ମିଳୁନାହିଁ। ଏବେ ଗାଁରେ ରହୁଥିବା ଏକମାତ୍ର ଷଣ୍ଢଟିକୁ ଗତ ଏକଦିନ ତଳେ ବିଳମ୍ବିତ ରାତ୍ରୀରେ ପ୍ରାୟ ୬ଜଣ ଚୋର ଏକ ପିକଅପ୍ ଯୋଗେ ନେଇଯିବାକୁ ଚେଷ୍ଟା କରିଥିଲେ। ବଙ୍ଗାଳିଡାହି ହନୁମାନ ଛକ ନିକଟରୁ ମାତ୍ର ୧୦୦ମିଟର ଦୂରରେ ଷଣ୍ଢଟିକୁ ପିକଅପରେ ଲଦିବା ବେଳେ ପାଖ ଲୋକମାନେ ଶବ୍ଦ ପାଇ ଉଠିବା ସହିତ ପାଟି କରିବାରୁ ଅନ୍ୟମାନେ ଉଠିପଡ଼ିଥିଲେ। ଗାଁର ଅର୍ଦ୍ଧାଧିକ ଲୋକ ଉଠିବା ସତ୍ତ୍ୱେ ଚୋର ଦଳ ପଳାଇନଯାଇ ଓଲଟି ଗ୍ରାମବାସୀମାନଙ୍କୁ ଧମକ ଦେଉଥିବା ଦେଖାଯାଇଥିଲା। ପରେ ଅବଶ୍ୟ ପଛଘୁଞ୍ଚା ଦେଇ ଜୋରରେ ପିକଅପ ନେଇ ରୂପସା ଦିଗରେ ପଳାଇଥିଲେ। ଚୋର ଦଳଙ୍କ ସୁରକ୍ଷା ପାଇଁ ନିୟୋଜିତ ଥିବା ୨ଟି ମଟର ସାଇକଲ ମଧ୍ୟ ପିକଅପ ପଛରେ ଦ୍ରୁତ ଗତିରେ ପଳେଇଥିଲା। ଷଣ୍ଢଟିକୁ ଲଦିବାରେ ଚୋରମାନେ ସଫଳ ହୋଇନଥିବାବେଳେ ଷଣ୍ଢଟି ରାସ୍ତାରେ ପଡ଼ି ରହିଥିଲା। ଗ୍ରାମବାସୀ ଏହାକୁ ସ୍ଥାନାନ୍ତରିତ କରିବାବେଳେ ଷଣ୍ଢ ଉଠି ପାରୁନଥିବା ଦେଖାଯାଇଥିଲା। ପୂର୍ବ ବର୍ଷ ଏହି ଅଞ୍ଚଳରେ ଗୋରୁଚୋରି ଅଞ୍ଚଳବାସୀଙ୍କ ଚିନ୍ତାର କାରଣ ପାଲଟିଥିବାବେଳେ ଚଳିତ ବର୍ଷ ଷଣ୍ଢ ଚୋରୀ ସମସ୍ତଙ୍କ ମୁଣ୍ଡ ବଥାର କାରଣ ପାଲଟିଛି। ଷଣ୍ଢକୁ ମହାଦେବଙ୍କ ସ୍ୱରୂପ ମାନି ଲୋକମାନେ ପୂଜା କରୁଥିବାବେଳେ ନୀଚ ପ୍ରବୃତ୍ତିର ଲୋକମାନେ ଷଣ୍ଢ ଚୋରୀ କରିବା ହିନ୍ଦୁ ଧର୍ମର ଆସ୍ଥା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏଦିଗରେ ଆଗକୁ ପୁଲିସ କି ଭୂମିକା ନିଭାଉଛି ତାହା ଦେଖିବାକୁ ବାକି ରହିଲା।

● ଜିଲ୍ଲାପାଳଙ୍କ ଡୁଙ୍ଗୁରିପାଲି ବ୍ଲକ ଅଚାନକ ଗସ୍ତ

## ଅନୁପସ୍ଥିତି ଯୋଗୁଁ ଦୁଇ ପେକ୍ସ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି



**ସୁବର୍ଣ୍ଣପୁର,୩।୧୨(ସଂଚାର ବ୍ୟୁରୋ):** ଚଳିତ ମାସ ୯ତାରିଖରୁ ସୁବର୍ଣ୍ଣପୁର ଜିଲ୍ଲାରେ ଧାନ କିଣାବିକା ହେବ ତେଣୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ ସାହୁ ଅଚାନକ ଗସ୍ତ କରି ଡୁଙ୍ଗୁରିପାଲି ବ୍ଲକ କାର୍ଯ୍ୟାଳୟ, ଆରଏମସି ମଣ୍ଡି, ଶୁଖା ପେକ୍ସ ବୁଲି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ମଣ୍ଡି ର ପ୍ରସ୍ତୁତି ଉପରେ ତଦାରଖ କରିଥିବା ଜଣାଯାଇଛି। ଆରଏମସି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଡ.ସାହୁ ଶୁଖା ପେକ୍ସ ବୁଲି ଦେଖିଥିଲେ। ସେଠାରେ ଶୁଖା ସବ୍ ମାର୍କେଟ ୟାର୍ଡ଼ ଇନଚାର୍ଯ ଶାସ୍ତ୍ରୀଲାଲ ସାହୁ ଓ ୟାର୍ଡ଼ ମେନ ସୁରେଶ ପୁଟେଲ କୌଣସି ସୁଚନା ନ ଦେଇ ଅନୁପସ୍ଥିତ ଥିବା ଯୋଗୁଁ ତୁରନ୍ତ କାରଣ ଦର୍ଶାଅ ନୋଟିସ ଓ ଶୃଂଖଳା ଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଡ.ସାହୁଙ୍କ ବିନା ସୁଚନାରେ ଅଚାନକ ଡୁଙ୍ଗୁରିପାଲି ବ୍ଲକ୍ ଗସ୍ତ ଯୋଗୁଁ କର୍ମଚାରୀ ମହଲରେ ଛନକା ପଶିଥିବା ଜଣା ଯାଇଛି।

## ପୂର୍ବ ଶତ୍ରୁତାରୁ ହତ୍ୟା ଉଦ୍ୟମ: ଜେଲ୍ ଗଲେ ଅଭିଯୁକ୍ତ

**ଦିଗପହଣ୍ଡି,୩।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବି.ତୁରୁବୁଡ଼ି ଗ୍ରାମରେ ଗତ ନଭେମ୍ବର ୧୩ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଟୁନା ଚୌଧୁରୀଙ୍କୁ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରାଯାଇଥିଲା। ଏନେଇ ଦିଗପହଣ୍ଡି ଥାନାରେ ଏତଲା ହେବାପରେ ମାମଲା ନଂ.୪୧୭/୨୫ ଅନୁଯାୟୀ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତ ପି. କ୍ରିଷ୍ଣା ରେଡ୍ଡୀ ଏବଂ ଅନ୍ୟ ସହଯୋଗୀମାନଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲେ। ବୁଧବାର ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣାଙ୍କୁ ତଦନ୍ତକାରୀ ଅଧିକାରୀ ଏସ୍.ଆଇ ରାଜ କିଶୋର ପାତ୍ର ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

## ୨୫ରୁ ଦେବଗିରିରେ ଗୋସିଂହ ଦୈତ୍ୟ ଦରବାର

● ପୂର୍ବ ତାରିଖ ପରିବର୍ତ୍ତନ ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା



**ନର୍ଲା,୩।୧୨(ସଂଚାର ବ୍ୟୁରୋ):** ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ବୁଢ଼ୀପଦରର ୩୩ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ-୨୦୨୫ ର ତାରିଖ ପରିବର୍ତ୍ତିତ ହୋଇଛି। ପୂର୍ବ ନିର୍ଦ୍ଧାରିତ ଡିସେମ୍ବର ୬ରୁ ୮ ପରିବର୍ତ୍ତେ ଏହି ମହୋତ୍ସବ ଆସନ୍ତା ଡିସେମ୍ବର ୨୫ ଓ ୨୬ ଦୁଇଦିନ ଧରି ପାଳିତ ହେବ। ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ କୁମାରସ୍ୱାମୀ ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ 'ଗୋସିଂହ ଦୈତ୍ୟ ଦରବାର'। ଗୋସିଂହ ଦୈତ୍ୟ ଭୂମିକାରେ ଅଭିନୟ କରିବେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ ଧଙ୍ଗଡ଼ାମାଝୀ। ଏହି ମହୋତ୍ସବରେ ଡମ୍ ବଜା, ବଜାଶାଲ୍, ଡାପ୍, ବନାବାଡ଼ି, ଘୁଡୁକା, ଓଡ଼ିଶୀ, ଖଞ୍ଜଣି ସହ ଏହି ଅବସରରେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ 'ଗୋସିଂହ ଦୈତ୍ୟ' ଦରବାର। ଦେବଗିରି ମଠ ନବୀକରଣ କାର୍ଯ୍ୟର ପୁରୋଧା ବିମ୍ବୋଷ୍ଟୀ ଧଙ୍ଗଡ଼ାମାଝୀଙ୍କ ଦେହାନ୍ତ ହେତୁ ମହୋତ୍ସବକୁ ଆଗକୁ ଘୁଞ୍ଚାଇ ଦିଆଯାଇଥିବା ସୂଚନା ଦେଇଛନ୍ତି ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ। ତେବେ ଯାଦବ ଝିଅମାନଙ୍କ ବାଡ଼ିଖେଳ, ଦୁର୍ଲାନଚା, ମହିଳା ଦଣ୍ଡନୃତ୍ୟ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରର ଲୋକନୃତ୍ୟ ପ୍ରଦର୍ଶିତ ହେବ। ଏହି ଅବସରରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ଦେବଗିରି ସମ୍ମାନରେ ସମ୍ମାନିତ କରାଯିବାକୁ ସ୍ଥିରୀକୃତ ହୋଇଛି। ଏନେଇ ସୂଚନା ଦେଇଛନ୍ତି ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝୀ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



**ସୁବର୍ଣ୍ଣପୁର,୩।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୫ ପାଳନ ଅବସରରେ ସୁବର୍ଣ୍ଣପୁର ଡି. ଡି.ଆର୍.ସି କାର୍ଯ୍ୟାଳୟ ଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ତହସିଲ ଅଫିସ ଛକ, ପୁରୁଣା ଡାକ୍ତରଖାନା ଛକ, ନଳିନୀ ଛକ ଦେଇ ନୂତନ ଟାଉନ ହଲ ଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ଓ ଭିନ୍ନ ପ୍ରକାର ସ୍ଲୋଗାନ ମାଧ୍ୟମରେ ଜନସାଧାରଣ ଙ୍କୁ ସଚେତନ କରାଇଥିଲେ। ଏହି ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ)ସୁବର୍ଣ୍ଣପୁର, ଅଞ୍ଜଳିନା ପଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ତାପରେ ଟାଉନ ହଲ ଠାରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟ ଗୁଡିକରୁ ଆସିଥିବା ଭିନ୍ନକ୍ଷମ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସେମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭା ଗୁଡିକୁ ଗୀତ, ନାଚ, ଅଭିନୟ ଏକାକୀ ଓ ଦଳଗତ ଭାବରେ ପ୍ରଦର୍ଶନ କରିଥିଲେ। ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ - ୨୦୨୫ ଅବସରରେ ଏକ ସଭା ଟାଉନ ହଲ ଠାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର, ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର, ଦେବାଶିଷ ଦାଶ, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ), ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ଡ଼ ଉଷାରାଣୀ ଦାଶ ଓ ଅର୍ଜୁନ ମାଝୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ।

## ବୋରିଗୁମ୍ମା ବ୍ଲକ୍‌ସ୍ତରୀୟ 'ପରବ' ଉଦ୍‌ଯାପିତ
# ଦର୍ଶକଙ୍କ ମନ ମୋହିଲା ଶ୍ରୀମୟୀଙ୍କ ଓଡ଼ିଶୀ ନୃତ୍ୟ



**ବୋରିଗୁମ୍ମା,୩।୧୨(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଠାରେ ବ୍ଲକ୍‌ସ୍ତରୀୟ ଦିନିକିଆ ପରବ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପରବ ପଡ଼ିଆରେ ବୋରିଗୁମ୍ମା ବ୍ଲକସ୍ଥିତ କୁମୁଲି ଗ୍ରାମର ବାଲୁକା ଶିଳ୍ପୀ ପ୍ରଭୁ ଜଗନ୍ନାଥ ଙ୍କ ବାଲୁକା କଳା ପଦର୍ଶନ କରିଛନ୍ତି। ପୂର୍ବାହ୍ନରେ ସ୍ଥାନୀୟ ଭୈରବ ମନ୍ଦିର ଠାରୁ ପୂଜାର୍ଚ୍ଚନା ସହିତ ଦୀପ ପ୍ରଜ୍ୱଳନ କରାଯାଇ ନୃତ୍ୟ ଓ ଗୀତରେ ଏକ ଶୋଭାଯାତ୍ରା ମାଧ୍ୟମରେ ସ୍ଥାନୀୟ ହାଇସ୍କୁଲ ମିନିଷ୍ଟାଡିୟମ ଠାରେ ମଶାଲ ସ୍ଥାପନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଏଥିସହ ଦର୍ଶକଙ୍କ ମନମୁଗ୍ଧ କରିଥିଲା ଶ୍ରୀମୟୀ ଦାସଙ୍କ ଓଡିଶୀ ନୃତ୍ୟ। ବୋରିଗୁମ୍ମା ବିଡିଓ ସୁକାନ୍ତ କୁମାର ପଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ୍ ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଯୋଗଦେଇ ବ୍ଲକ୍‌ସ୍ତରୀୟ ପରବ ଉତ୍ସବ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ବ୍ଲକ୍ ଅଧ୍ୟକ୍ଷା ଦିପ୍ତିମୟୀ ନାୟକ, ଉପାଧ୍ୟକ୍ଷ ରାଧାକାନ୍ତ ସାମନ୍ତରାୟ, ଜିଲ୍ଲା ପରିଷଦ ସଦସ୍ୟ ପ୍ରସାଦ ଚନ୍ଦ୍ର ବିଡ଼ିକା, ମଞ୍ଜୁଲା ଘାସି, ନୃସିଂହ ଚରଣ ଶତପଥୀ, ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା, ଅଶୋକ ଗନ୍ତାୟତ, ଓକିଲ ସଂଘ ସଭାପତି କେ. ନାଗରାଜ ଦୋରା, ତହସିଲଦାର ଶୋଭନ କୁମାର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ବିଡ଼ିଓ ଶ୍ରୀ ପଟନାୟକ 'ପରବ'ର ମହତ୍ୱ ଗାଁ ଗହଳିରେ ଲୁଚି ରହିଥିବା ଆଦିବାସୀ ପରମ୍ପରାକୁ ପରବ ଜରିଆରେ ଲୋକଲୋଚନକୁ ଆଣିବା ମୁଖ୍ୟ ଉଦେଶ୍ୟ ବୋଲି କହିଥିଲେ।

## ୮ଙ୍କୁ ବାଂଲାଦେଶୀ ଭାବି ଉଠାଇ ନେଇଥିଲେ

**ଭଦ୍ରକ,୩।୧୨(ସଂଚାର ବ୍ୟୁରୋ):** ଭଦ୍ରକ ଜିଲାରେ ଏବେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଜୋରଦାର ଚାଲିଥିବା ବେଳେ ବାସୁଦେବପୁର ପୋଲିସ ମଙ୍ଗଳବାର ରାତିରେ ସହରରେ ବିଭିନ୍ନ ସ୍ଥାନରେ ଘରଭଡା ନେଇ ଫେରି କରୁଥିବା ୮ ଜଣଙ୍କୁ ଥାନାକୁ ଉଠାଇ ନେଇଥିଲେ। ରାତିରେ ଏସ୍‌ପି ମନୋଜ ରାଉତ ବାସୁଦେବପୁର ଥାନାରେ ପହଞ୍ଚି ସେମାନଙ୍କୁ ପଚରାଉଚୁରା କରିଥିଲେ। ସେମାନଙ୍କ ଭୋଟର, ଆଧାର କାର୍ଡ ସହ ଅନ୍ୟାନ୍ୟ କାଗଜ ପତ୍ର ଯାଞ୍ଚ କରିଥିଲେ । ସେମାନେ ସମସ୍ତେ ପଶ୍ଚିମବଙ୍ଗ ମୁରସିଦାବାଦ ଅଞ୍ଚଳର ଜଣାପଡିବା ପରେ ସେମାନଙ୍କୁ ଛାଡି ଦିଆଯାଇଥିବା ପୋଲିସ କହିଛି। ଏପର୍ଯ୍ୟନ୍ତ ଜିଲାରେ ୩ ଶହରୁ ଉର୍ଦ୍ଧ୍ୱ ବଙ୍ଗଳା ଭାଷା କହୁଥିବା ଲୋକଙ୍କୁ ଥାନାକୁ ଆଣି ଯାଞ୍ଚ କରାଗଲାଣି । ବିଶେଷ କରି ସାମୁଦ୍ରିକ ଥାନା ଅଞ୍ଚଳରେ ଚିହ୍ନଟ ପ୍ରକ୍ରିୟାକୁ କଡାକଡି କରାଯାଉଛି ବୋଲି ଏସ୍‌ପି କହିଛନ୍ତି ।

## କଡ଼ାକଡ଼ି ପାଳନ ହେବ ନିର୍ଦ୍ଦେଶାବଳୀ
# ହାତୀ ସୁରକ୍ଷାରେ ରହିବେ ଗଜସାଥି



**ଭଞ୍ଜନଗର,୩।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ସ୍ଥିତ ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ବୁଧବାର ଗଜସାଥି ଦକ୍ଷତା ପ୍ରଶିକ୍ଷଣ ଶିବିର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ନୀଳାମ୍ବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ିଲେ ହାତୀ ମଣିଷ ଲଢେଇ କମିବ ବୋଲି କହିଥିଲେ। ଏଥିପାଇଁ ଗଜସାଥିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯେଉଁ ଗଜସାଥୀ ଉପଯୁକ୍ତ ସୂଚନା ଦେବେ ତାଙ୍କୁ ପୁରସ୍କାର ଦେବା ବ୍ୟବସ୍ଥା ଅଛି। ଏଥିସହ ଗଜସାଥିମାନେ ଗାଁକୁ ଗାଁ ବୁଲି ଶିକାର, ହୁକିଙ୍ଗ ଉପରେ ତଥ୍ୟ ସଂଗ୍ରହ କରିବେ। ଏହାପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ତଥ୍ୟ ପ୍ରଦାନ କରିବେ। ହାତୀମାନଙ୍କ ସୁରକ୍ଷା ପାଇଁ ସରକାର ଏସଓପି ଜାରି କରିଛନ୍ତି। ଏସଓପି ଆଧାରରେ ହାତୀଙ୍କ ସୁରକ୍ଷା କରାଯିବ ବୋଲି ଆର୍‌ସିସିଏଫ କହିଥିଲେ। ୧୦ ବର୍ଷ ପୂର୍ବେ ହାତୀ ମଣିଷ ଲଢେଇ ରାଜ୍ୟରେ ପ୍ରାୟ ନଥିଲା। କିନ୍ତୁ ସମୟ ବଦଳି ଯାଇଛି। ବିଭିନ୍ନ କାରଣ ଯୋଗୁ ଏହି ସମସ୍ୟା ବଢ଼ିଯାଇଛି। ଆଗକୁ ବଢ଼ିବା ମଧ୍ୟ ସମ୍ଭାବନା ରହିଛି। ଏହାକୁ ରୋକିବା ପାଇଁ ବନ କର୍ମଚାରୀ ଏକାକୀ ସମ୍ଭବପର ନୁହେଁ। ତେଣୁ ତାହାକୁ କଡାକଡି ଭାବେ ପାଳନ କରାଯିବ ବୋଲି ଆର୍‌ସିସିଏଫ କହିଥିଲେ।

## ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ



**ବୋରିଗୁମ୍ମା,୩।୧୨(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ମା ମାଣିକେଶ୍ୱରୀ ଦିବ୍ୟାଙ୍ଗ ସଂଘ ପକ୍ଷରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଦିବ୍ୟାଙ୍ଗ ବୋରିଗୁମ୍ମା ବ୍ଲକ ପରିସରରେ ନିର୍ମିତ ନୂତନ ଦିବ୍ୟାଙ୍ଗ ବୈଠକ ଗୃହରେ ଏକତ୍ରିତ ହୋଇଥିଲେ। ଦିବ୍ୟାଙ୍ଗ ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା ରହିଛି। କିନ୍ତୁ ପରିଣତ ବୟସରେ ଘରେ ମା ବାପା ମାନେ ପୂର୍ବ ପରି ଆଉ କାମକୁ ଯାଇପାରୁ ନହାଁନ୍ତି ଫଳରେ ଅନେକଙ୍କ ଘରେ ଚୁଲି ଜଳିବା କଷ୍ଟକର ହୋଇପଡ଼ିଛି। ରାସନ କାର୍ଡରେ ମିଳୁଥିବା ୧୦କେଜି ଚାଉଳହିଁ ଭରସା।ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନଥିବା ବେଳେ ବିଗତ ସରକାରଙ୍କ ଅମଳରୁ ବୋରିଗୁମ୍ମା ବ୍ଲକର ଅନେକ ଦିବ୍ୟାଙ୍ଗ କେବଳ ଭତ୍ତାରେ ହିଁ ସୀମିତ ଅଛନ୍ତି। ଆଜି ଦିନରେ ଆତ୍ମନିର୍ଭରଶୀଳ ହେବା ପାଇଁ ଇଛା ଥିଲେ ବି ସରକାର ପକ୍ଷରୁ କୌଣସି ଆର୍ଥିକ ସହାୟତା କିମ୍ବା ବ୍ୟାଙ୍କ ଜରିଆରେ ଋଣ ଯୋଗାଇ ଦିଆଗଲେ ଛୋଟ ବ୍ୟବସାୟଟିଏ ଆରମ୍ଭ କରି ଖୁସିରେ ଚଳିବାକୁ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ଏବଂ ଆବାସ ଯୋଜନାରେ ସାମିଲ କରିବା, ଆର୍ଥିକ ସହାୟତା ଓ ମିଳୁଥିବା ମାସିକ ଭତ୍ତା ଟଙ୍କାକୁ ୩୦୦୦କୁ ବୃଦ୍ଧି କରିବା ପାଇଁ ନିବେଦନ କରିଛନ୍ତି। ସେଶରେ ସଂଘ ପକ୍ଷରୁ ଦିବ୍ୟାଙ୍ଗ' ନିମନ୍ତେ ବ୍ଲକରେ ଏକ ବୈଠକ ଗୃହ ନିର୍ମାଣ କରିଥିବାରୁ ବ୍ଲକ ପ୍ରଶାସନ ନିକଟରେ କୃତଜ୍ଞତା ଜଣାଇଥିଲେ।

## ଦଣ୍ଡପାଟ ଧନୁଯାତ୍ରା ପାଇଁ ଶୁଭାଖମ୍ବ ସ୍ଥାପନ

**କଳାହାଣ୍ଡି,୩।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଠାରେ ଚଳିତ ବର୍ଷ ଅଷ୍ଟମ ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ପାଳନ ପାଇଁ ବୁଧବାର ଶୁଭଖମ୍ବ ସ୍ଥାପିତ ହୋଇଯାଇଛି। ପୂଜାରେ କର୍ତ୍ତା ଭାବେ କ୍ଷୀରସିନ୍ଧୁ ବାଗ ଓ ତାଙ୍କ ଧର୍ମପତ୍ନୀ ରିତା ବାଗ ଦାୟିତ୍ୱ ନେଇଥିବା ବେଳେ ପୂଜକ ଭାବେ ବେହେରା ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ମୋହନ ତିୱାରୀ ଦାୟିତ୍ୱ ନିର୍ବାହ କରିଥିଲେ। ଦଣ୍ଡପାଟ ଅଞ୍ଚଳ ର ଲୋକ କଳା କୁ ଉଦଜୀବିତ କରିବା ତଥା ଏହି ଅଞ୍ଚଳର ବିଭିନ୍ନ ସମସ୍ୟା କୁ ବିଶିଷ୍ଟ ରାଜନେତା ଓ ଅଧିକାରୀ ଙ୍କ ସମକ୍ଷ ରେ ଉପସ୍ଥାପନା କରି ସାମଗ୍ରିକ ବିକାଶ ପାଇଁ ଚେଷ୍ଟା କରିବା ହେଉଛି ଧନୁଯାତ୍ରାର ଅନ୍ତର୍ନିହିତ ଲକ୍ଷ୍ୟ ବୋଲି ସଭାପତି ପ୍ରକାଶ କରିଥିଲେ।ଏହି ଅବସରରେ ଆୟୋଜନ କମିଟିର ସଭାପତି ଲଳିତ ମୋହନ ବାଣୁଆ, ସମ୍ପାଦକ ଗୁଣନିଧି ନାଗ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ବାରିକ, ବିନ୍ଦୁସାର ବିଶି, ବାଳକୃଷ୍ଣ ବିଶି, ଭବେଶ ଗଇଁନ୍ତା, ତ୍ରିଲୋକ ସିଂହ, ଉପେନ୍ଦ୍ର ନାଏକ, ତରେଶ ବିଶି, ହେମାଳ ବିଶି, କାହ୍ନା ଭୋଇ, ଭିକାରୀ ଚରଣ ଗୋପାଳ, ହୁକିମ ବିଶି, ଅଭୟ ସିଂ ଠାକୁର, ଚନ୍ଦ୍ରକାନ୍ତ ରଣା, ପିକରାଜ ବିଶି, ଗଗନ ନାଏକ, ଭୁଜବଳ ନାଏକ, ଶୁଶିଲ ଚନ୍ଦ୍ର ନାଗ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ବଳରାମ ପୁଝାରି, ତୁଳସୀରାମ ବାରିକ, ଧନୁର୍ଜ୍ୟ ବିଶି, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ମଣ୍ଟୁ ଅଗ୍ରୱାଲ, ଭକ୍ତ ଚରଣ ଭୋଇ, ଶଶୀ ଧର ସାହୁ, ସନଧର ପୁଝାରୀ, ହେମନ୍ତ ନାଏକ, ରଜନୀ କାନ୍ତ ନାଏକ, ଚନ୍ଦନ ବଣୁଆ, ଡମ୍ବରୁ ଗୋପାଳ ପ୍ରମୁଖ ଉପସ୍ଥିତ ରହିଥିଲେ।ଆସନ୍ତା ଡିସେମ୍ବର ୨୫ତାରିଖ ରୁ ୩୧ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ପାଳିତ ହେବ।

## 'ଗୀତାର ବାଣୀ ମାନବ ଜୀବନକୁ ସାର୍ଥକ କରେ'

**ବାରିପଦା,୩।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜର ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ପବିତ୍ର ଗୀତା ଜୟନ୍ତୀ ଅବସରରେ ଏକ ପ୍ରବଚନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟ ସଭା କକ୍ଷରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମୀନାକ୍ଷୀ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତ ସ୍ୱାଗତ ଭାଷଣ ଦେଇ ଛାତ୍ରୀମାନଙ୍କର ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧି ପାଇଁ ଶ୍ରୀମଦ୍ ଭଗବଦ୍ ଗୀତାର ବାଣୀ ସହାୟକ ବୋଲ ମତ ପ୍ରଦାନ କରିଥିଲେ। ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ବିଶିଷ୍ଟ ଗୀତା ପ୍ରବଚକ ଭାଗବତ ପଣ୍ଡା ମୁଖ୍ୟ ଆଲୋଚକଭାବେ ଯୋଗ ଦେଇ ଶ୍ରୀମଦ୍‌ଭଗବଦ୍ ଗୀତାର ପଠନ ଓ ଶ୍ରବଣ ଦ୍ୱାରା ସାଧାରଣ ମଣିଷ ଅତି ମାନୁଷୀଶକ୍ତିର ଅଧିକାରୀ ହେବା ସହିତ ତା' ଜୀବନରେ ମୁକ୍ତି ଲାଭ କରିବାର ସୁଗମ ପନ୍ଥା ସବୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଦର୍ଶାଇ ଗୀତାର ମାର୍ଗ ଅନୁସରଣଷର ଛାତ୍ରୀମାନେ ଭବିଷ୍ୟତରେ ଉତ୍ତମ ଗୃହିଣୀ ହୋଇ ନିଜ ଘରକୁ ବୈକୁଣ୍ଠ କରିପାରିବେ ବୋଲି ବକ୍ତବ୍ୟରେ କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡା. ପାର୍ଥ ସାରଥୀ ଜେନା ତାଙ୍କ ଅଭିଭାଷଣରେ ଗୀତାର ଗୂଢ଼ ତତ୍ତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଗୀତାପାଠ କରିବାକୁ ଆହ୍ୱାନ ଦେବା ସହିତ ଏକମାତ୍ର ଶରଣାଗତି ହିଁ ଭଗବାନଙ୍କୁ ପ୍ରାପ୍ତ କରିବାର ଶ୍ରେଷ୍ଠ ଉପାୟ ବୋଲି ମତ ରଖିଥିଲେ।